ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

**The Dhwani Pratidhwani**

website : www.dhwanipratidhwani.net

email: pratidhwani.dhwani@gmail.com




ଯା ଦେବୀ ସର୍ବଭୂତେଷୁ...........


ପ୍ରକାଶ ପାଇଲା ପୂଜା ସଂଖ୍ୟା...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧



ବାଲେଶ୍ୱର ■ ଶୁକ୍ରବାର ୦୩ ଜାନୁଆରୀ ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 03 JANUARY 2025
Vol.No. 35 ■ No.351 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019


## ପୌର ପ୍ରଶାସକ ବଦଳିଲେ: ୧୭ ପୌରସଂସ୍ଥାରେ ନୂଆ କାର୍ଯ୍ୟନିର୍ବାହୀ ଅଧିକାରୀ

ଭୁବନେଶ୍ୱର, ୨/୧(ନି.ପ୍ର) : ରାଜ୍ୟ ସରକାର ଆଜି ପୌର ପ୍ରଶାସନରେ ନୂଆ ନିର୍ଦ୍ଦେଶକଙ୍କ ସମେତ ୧୭ଟି ପୌର ସଂସ୍ଥାରେ ନୂଆ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ନିଯୁକ୍ତି ଦେଇଛନ୍ତି । ରାଜ୍ୟ ସରକାରଙ୍କ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ, ପୌର ପ୍ରଶାସନର ନିର୍ଦ୍ଦେଶକ ଭାବେ କାର୍ଯ୍ୟରତ ବରିଷ୍ଠ ଓଏଏସ୍ ଅଫିସର ଦେବାଶିଷ ସିଂଙ୍କୁ ତାଙ୍କ ପଦରୁ ହଟାଇ ଦିଆଯାଇ ସେହି ନଗର ଉନ୍ନୟନ ବିଭାଗର ସ୍ୱତନ୍ତ୍ର ସଚିବ ଭାବେ ଅବସ୍ଥାପିତ କରାଯାଇଛି । ସେହିପରି ଇସ୍ପାତ ଓ ଖଣି ବିଭାଗର ଅତିରିକ୍ତ ସଚିବ ବରିଷ୍ଠ ଓଏଏସ୍ ଅନୁଜ କୁମାର ଦାସ ପଟ୍ଟନାୟକଙ୍କୁ ମହିଳା ଓ ଶିଶୁବିକାଶ ବିଭାଗ ବଦଳି କରାଯାଇଥିବା ବେଳେ ବରିଷ୍ଠ ଓଏଏସ୍ ଗୌତମ ଚୌଧୁରୀଙ୍କୁ ତାଙ୍କ ସ୍ଥାନକୁ ପଠାଯାଇଛି । ସେହିପରି ଯାଜପୁର ମ୍ୟୁନିସପାଲଟିର କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ଲକ୍ଷ୍ମୀଧର ରାଉତଙ୍କୁ ବଦଳି ହୋଇଛି ।

▶▶ପୃଷ୍ଠା ୭

## ଖସୁଛି ପାରଦ: ବଢୁଛି ଶୀତ

ଭୁବନେଶ୍ୱର, ୨/୧(ନି.ପ୍ର) : ଖସିଛୁ ପାରଦ ଓ ବଢୁଛି ଶୀତ । କିଛି ଦିନର ବ୍ୟବଧାନ ପରେ ରାଜ୍ୟକୁ ପୁଣି ଫେରିଛି ଶୀତ । ଉତ୍ତର-ଉତ୍ତର ପୂର୍ବ ଦିଗରୁ ରାଜ୍ୟକୁ ବାୟୁ ପ୍ରବାହ ଯୋଗୁ ଥଣ୍ଡା ବଢୁଛି । ବିଭିନ୍ନ ସ୍ଥାନରେ ସର୍ବନିମ୍ନ ତାପମାତ୍ରା ୨ରୁ ୪ ଡିଗ୍ରେସ ସେଲସିୟସ୍ ଯାଏ ଖସିଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ଜାରି କରିଥିବା ପୂର୍ବାନୁମାନ ଅନୁସାରେ ଆସନ୍ତା ୪-୫ ଦିନ ଯାଏଁ ରାଜ୍ୟରେ ପାଗ ଶୁଖିଲା ରହିବ । ଅର୍ଥାତ ଶୀତ ଆହୁରି ବଢ଼ିପାରେ । କିଛି ସ୍ଥାନରେ ପାରଦ ୧୦ ଡିଗ୍ରୀ କିମ୍ବା ତା'ଠୁ ଆହୁରି କମିବା ସମ୍ଭାବନା ରହିଛି । ସେପଟେ ରାଜ୍ୟର କେତେକ ଜିଲ୍ଲାରେ ଘନ କୁହୁଡି ହେବାର ସମ୍ଭାବନା ରହିଛି । ଆସନ୍ତାକାଲି ସକାଳେ ଅନୁଗୋଳ, ଢେଙ୍କାନାଳ, କନ୍ଧମାଳ ଜିଲ୍ଲାରେ ଘନ କୁହୁଡି ହୋଇପାରେ । ଦୃଶ୍ୟମାନ କ୍ଷମତା ୨୦୦ ମିଟରରୁ କମ୍ ରହିପାରେ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ଜାରି କରିଥିବା ବୁଲେଟିନ୍ ଅନୁସାରେ ଶୁକ୍ରବାର ଓ ଶନିବାର ସକାଳେ ଖୋର୍ଦ୍ଧା, କେନ୍ଦୁଝର, ନୟାଗଡ଼, ଗଞ୍ଜାମ, ଗଜପତି,

▶▶ପୃଷ୍ଠା ୭

# ବଦଳିଯିବ ବାଂଲାଦେଶ ଗଠନର ଇତିହାସ

## ସ୍କୁଲ ବହିକୁ ବଦଳାଇଦେଲେ ୟୁନୁସ ସରକାର



ନୂଆଦିଲ୍ଲୀ ୦୨/୦୧: ଅମୁନି ବାଂଲାଦେଶ ରାଜନୀତି । ସରକାର ବଦଳିବା ସହ ଅନେକ କିଛିରେ ହେଉଛି ପରିବର୍ତ୍ତନ । ଏବେ ପାଠ୍ୟକ୍ରମରେ ବ୍ୟାପକ ପରିବର୍ତ୍ତନ କରିଛନ୍ତି ବାଂଲା ସରକାର । ରାଷ୍ଟ୍ରୀୟ ପାଠ୍ୟକ୍ରମ ଓ ପାଠ୍ୟପୁସ୍ତକ ବୋର୍ଡ ପକ୍ଷରୁ କୁହାଯାଇଛି କି, ଆଗାମୀ ବର୍ଷ ପିଲାମାନେ ଯେଉଁପାଠ ପଢିବେ ସେଥିରୁ ଶେଖ ହସିନାଙ୍କ ସମ୍ପର୍କରେ କିଛି ଉଲ୍ଲେଖ ରହିବନି । ଏମିତିକି ପୂର୍ବ ସରକାରଙ୍କ କାଳରେ ଯେଉଁସବୁ ଐତିହାସିକ କଥାକୁ ବଢେଇ ଚଢେଇ କୁହାଯାଇଛି ସେଥିରେ ବ୍ୟାପକ ପରିବର୍ତ୍ତନ ହେବାକୁ ଯାଉଛି । କିନ୍ତୁ ବାଂଲାର ବର୍ତ୍ତମାନ ସରକାର ଯେଉଁ ନିଷ୍ପତ୍ତି ନେଇଛନ୍ତି ତାହାକୁ ନେଇ ପୁରା ଦେଶରେ ଚର୍ଚ୍ଚା ଜୋର ଧରିଛି । ସୂଚନା ଥାଉକି, ଅଗଷ୍ଟରେ ବାଂଲାରେ ଭୟଙ୍କର ଭାବେ ହିଂସା ବଢିଥିଲା । ଏମିତିକି ସଂରକ୍ଷଣକୁ ନେଇ ସେଠାରେ ନିଆଁ ଜଳିଥିଲା । ହିନ୍ଦୁଙ୍କ ଉପରେ ଆକ୍ରମଣ ବି ବଢିଥିଲା । ଏମିତି ସମୟରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଶେଖ ହସିନା ହିଂସାକୁ ପ୍ରତିହତ କରିବାରେ ଫେଲ ମାରିଥିଲେ । ସ୍ଥିତି ଏମିତି ହୋଇଥିଲା ବାଂଲାର ସେନା ପିଏମଙ୍କୁ କିଛି ସମୟ ଦେଇଥିଲା । ଦେଶର ଉତ୍କଟ ସ୍ଥିତିରେ ଦେଶ ଛାଡ଼ି ବାୟୁସେନାର ସ୍ୱତନ୍ତ୍ର ବିମାନରେ ଭାରତ ପଳାଇ ଆସିଥିଲେ ହସିନା । ପରେ ପରେ ବାଂଲାକୁ ନେଇ ଯେଉଁ ବୟାନ ରଖିଥିଲେ ତାହାକୁ ଏବେର ସରକାର ନାପସନ୍ଦ କରିବା ସହିତ ହସିନାଙ୍କ ଏବଂ ତାଙ୍କ ଦଳ ନାଁରେ ମକଦ୍ଦମା ରୁଜୁ କରିଥିଲା । ଏବେ ବାଂଲା ସରକାରଙ୍କ ପକ୍ଷରୁ ଭାରତ ବିଦେଶ ମନ୍ତ୍ରଣାଳୟକୁ ଚିଠି ଲେଖାଯାଇ ହସିନାଙ୍କୁ ବାଂଲାଦେଶ ଫେରାଇବାକୁ ନିବେଦନ ବି କରାଯାଇଛି । ଏହାରି ଭିତରେ ପାଠ୍ୟପୁସ୍ତକ ପରିବର୍ତ୍ତନ କରିବାକୁ ସ୍ଥାନୀୟ ସରକାର ନିଷ୍ପତ୍ତି ନେଇଛନ୍ତି ।

▶▶ପୃଷ୍ଠା ୭

## ଆଇଏଏସ୍ ସ୍ତରରେ ଅଦଳବଦଳ




ଭୁବନେଶ୍ୱର, ୨/୧(ନି.ପ୍ର) : ନୂଆ ବର୍ଷ ଆରମ୍ଭରୁ ପାୱାର କରିଡରରେ ହେଲାଣି ହଲଚଲ । ପ୍ରାୟ ୫ ମାସ ତଳେ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ବ୍ୟକ୍ତିଗତ ସଚିବ ଭାବେ ନିଯୁକ୍ତି ପାଇଥିବା ଅରିନ୍ଦମ ଡାକୁଆଙ୍କ ବଦଳି ହୋଇଛି । ତେବେ ତାଙ୍କ ସ୍ଥାନରେ କିଏ ଏହି ପଦ ସମ୍ଭାଳିବେ ସେ ନେଇ କିଛି ସ୍ପଷ୍ଟ ସୂଚନା ମିଳି ପାରିନି । ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ, ଅରିନ୍ଦମ ଡାକୁଆ ପୌର ପ୍ରଶାସକ ହେଲେ । ତାଙ୍କୁ ପୌର ପ୍ରଶାସକ ଓ ନଗର ଉନ୍ନୟନ ବିଭାଗ ଅତିରିକ୍ତ ସଚିବ ଭାବେ ଦାୟିତ୍ୱ ମିଳିଛି । ଏନବିଏସ୍ ରାଜପୁତ ହେଲେ ସାଧାରଣ ଉଦ୍ୟୋଗ ବିଭାଗ ପ୍ରମୁଖ ସଚିବ । ଟି. ଆଓ ହେଲେ ଯୋଜନା ଓ ସଂଯୋଜନ ବିଭାଗ ସ୍ୱତନ୍ତ୍ର ସଚିବ । ଭୂପେନ୍ଦ୍ର ସିଂ ପୁନିଆଁଙ୍କୁ ଦକ୍ଷତା ବିକାଶ ବିଭାଗର ଅତିରିକ୍ତ ଦାୟିତ୍ୱ ଦିଆଯାଇଛି । ଏଥିସହ ପ୍ରେମଚନ୍ଦ୍ର ଚୌଧୁରୀ ହେଲେ ବୟନ ଶିଳ୍ପ ଓ ହସ୍ତତନ୍ତ ବିଭାଗ ନିର୍ଦ୍ଦେଶକ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ବ୍ୟକ୍ତିଗତ

▶▶ପୃଷ୍ଠା ୭

## ପ୍ରବାସୀ ଭାରତୀୟ ଦେଖିବେ ଓଡ଼ିଶା କଳା ଓ ସଂସ୍କୃତିର ଝଲକ



ଭୁବନେଶ୍ୱର, ୨/୧(ନି.ପ୍ର) : ଭୁବନେଶ୍ୱରରେ ଜମିବ ୭ ହଜାରରୁ ଅଧିକ ପ୍ରବାସୀ ଭାରତୀୟଙ୍କ ଭିଡ଼ । ସେଥିପାଇଁ ସଜେଇ ହେଉଛି ମନ୍ଦିର ମାଳିନୀ ସହର ଭୁବନେଶ୍ୱର । ସବୁଠି ଦେଖିବାକୁ ମିଳିଛି ଓଡ଼ିଶା କଳା ଓ ସଂସ୍କୃତିର ଝଲକ । ଏହି ମହା ଆୟୋଜନକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉଦ୍‌ଘାଟନ କରିବେ ଓ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଉଦ୍‌ଯାପନୀ ଉତ୍ସବରେ ଯୋଗଦେବେ । ଆତିଥେୟତାରେ ଓଡ଼ିଶା କିପରି ବିଶ୍ୱରେ ନାଁ କରିବ,

▶▶ପୃଷ୍ଠା ୭

## ସ୍ୱାଧୀନତା ସଂଗ୍ରାମୀ ମହୋତ୍ସବ ମଞ୍ଚରୁ ନବୀନଙ୍କୁ ଟାର୍ଗେଟ କଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୨/୧(ନି.ପ୍ର) : ସ୍ୱାଧୀନତା ସଂଗ୍ରାମୀ ମହୋତ୍ସବ ମଞ୍ଚରୁ ନବୀନ ପଟ୍ଟନାୟକଙ୍କୁ ଟାର୍ଗେଟ କଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଲୋକଙ୍କ କାମ କରିବା ଓ ବିକାଶ ଧାରାକୁ ଆଗକୁ ନେବା ପାଇଁ ବିଜେପି ସରକାର ଯାହା ପ୍ରତିଶ୍ରୁତି ଦେଇଥିଲେ ପୂରଣ କରୁଛନ୍ତି । ଯେଉଁମାନେ ପୂର୍ବରୁ ଦାୟିତ୍ୱ ନେଇ କାମ କରୁଥିଲେ, ସେମାନଙ୍କୁ ଲୋକ ଭେଟି ପାରୁନଥିଲେ । ଆଜି ସେମାନେ ଲୋକଙ୍କ ପାଖକୁ ଯାଉଛନ୍ତି । କିନ୍ତୁ ବିଜେପି ସରକାରର କାର୍ଯ୍ୟ ଶୈଳୀ ଦେଖି ସେମାନେ ଆଜି ଆଇଭୋରି ଟାୱାରରୁ ବାହାରି ଧୂଳି ଖାଇବାକୁ ବାଧ ହେଉଛନ୍ତି । ତାଙ୍କୁ ଲମ୍ବା ସମୟ ଦେଇଥିଲେ ଓଡ଼ିଶା ବାସୀ । ବିଜେପି ସରକାରର କାର୍ଯ୍ୟ ଧାରାକୁ ଦେଖି ବ୍ୟତିବ୍ୟସ୍ତ ହେଉଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

▶▶ପୃଷ୍ଠା ୭

## ନୂଆବର୍ଷରେ ବିଜେପି-କଂଗ୍ରେସକୁ ମିଳିବେ ନୂଆ ମୁଖିଆ: ନବୀନ ବାଛିପାରନ୍ତି ନୂଆ ସେନାପତି



ଭୁବନେଶ୍ୱର, ୨/୧(ନି.ପ୍ର) : ନୂଆବର୍ଷରେ ନୂଆ ମୁଖିଆ ଦେଖିବ ରାଜ୍ୟ ବିଜେପି ଏବଂ କଂଗ୍ରେସ । ବିଜେଡିରେ ନବୀନ ସୁପ୍ରିମୋ ଥିଲେ ବି ସାମ୍ନାକୁ ଆଣିପାରନ୍ତି ନୂଆ ନେତୃତ୍ୱ । ବିଜେପିର ସାଂଗଠନିକ ପର୍ବ ଶେଷ ପର୍ଯ୍ୟାୟରେ ଥିବାବେଳେ ଖୁବଶୀଘ୍ର ଘୋଷଣା ହେବ ସଭାପତିଙ୍କ ନାମ । କୁହାଯାଉଛି ନିର୍ବାଚନୀ ସଫଳତା ପାଇଁ ମନମୋହନଙ୍କୁ ପୁଣିଥରେ ଦାୟିତ୍ୱ ମିଳିପାରେ । ଗୋଲକ ମହାପାତ୍ର ଓ ସମୀର ମହାନ୍ତିଙ୍କ ନାଁକୁ ନେଇ ବି ଚର୍ଚ୍ଚା ହେଉଛି । ସେପଟେ ପିସିସି ସଭାପତି ପାଇଁ କସରତ ଆରମ୍ଭ ହୋଇଥିବାବେଳେ କାହାକୁ କେନ୍ଦ୍ର ନେତୃତ୍ୱ ମୁକୁଟ ପିନ୍ଧାଉଛନ୍ତି, ତା'ଉପରେ ନଜର । ଆଉ ପରାଜୟ ପରେ ବିଜେଡି ଏଥର କିଛି ଢାଞ୍ଚାଗତ ପରିବର୍ତ୍ତନ କରି ଜଣେ କ୍ରାଇସିସ ମ୍ୟାନେଜରଙ୍କୁ ଦାୟିତ୍ୱ ଦେଇପାରେ । ଶାସକ ଦଳ ବିଜେପିର ସାଂଗଠନିକ ପର୍ବ ଶେଷ ପର୍ଯ୍ୟାୟରେ । ବୁଥ୍ ପରେ ମଣ୍ଡଳ ସଭାପତି ଚୟନ ପ୍ରକ୍ରିୟା ଜାରି ରହିଛି । ତା'ପରେ ଜିଲ୍ଲା ଏବଂ ପରେ ରାଜ୍ୟ ସଭାପତି ସ୍ଥିର ହେବେ । ପ୍ରଥମ ଥର ପାଇଁ ଏକାକୀ ସରକାରକୁ ଆସିଥିବାରୁ ବିଜେପି ଆଗରେ ରହିଛି ଅନେକ ଚ୍ୟାଲେଞ୍ଜ । ତେଣୁ ରାଜ୍ୟ ବିଜେପିର କିଏ ମଙ୍ଗ ଧରିବେ ତାକୁ ନେଇ ଚର୍ଚ୍ଚା ଜାରି ରହିଛି । ସରକାର ଆଣିବାରେ ଏବେର ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଥିଲା । ଆଗକୁ ପଞ୍ଚାୟତ ଓ ପୌର ନିର୍ବାଚନ ରହିଛି ।

## ଓଡ଼ିଶାରେ ପହଞ୍ଚିଲା ପ୍ରଥମ ଡବଲ ଡେକର ବସ୍

ଭୁବନେଶ୍ୱର, ୨/୧(ନି.ପ୍ର) : ବହୁ ପ୍ରତିକ୍ଷା ପରେ ଓଡ଼ିଶା ମାଟିରେ ପାଦ ଦେଲା ଗୋଟିଏ ଇଲେକ୍ଟ୍ରି ଡବଲ ଡେକର ବସ୍ । ବସ୍‌ଟି ଆନ୍ଧ୍ରପ୍ରଦେଶ ବର୍ଡର ଅତିକ୍ରମ କରି ବ୍ରହ୍ମପୁରରେ ପହଞ୍ଚିଛି । ଏହି ବସ୍‌କୁ ନେଇ ଓଡ଼ିଶାବାସୀଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ରହିଛି । କାରଣ ଏଥିରେ ରହିଛି ଓଡ଼ିଶାର କଳା, ସଂସ୍କୃତିର ଝଲକ । ପ୍ରବାସୀ ଭାରତୀୟ ଦିବସ ଉପଲକ୍ଷେ ମହାରାଷ୍ଟ୍ରରୁ ୫ଟି ଇଲେକ୍ଟ୍ରି ଡବଲ ଡେକର ଓଡ଼ିଶା ଅଭିମୁଖେ ବାହାରିଛି ।

## ବିହାର ହେବ କି ବଡ ଖେଲା ? : ନୀତୀଶଙ୍କୁ ଖୋଲା ଅଫର ଦେଲେ ଲାଲୁ ପ୍ରସାଦ ଯାଦବ



ନୂଆଦିଲ୍ଲୀ, ୨/୧ : ସରଗରମ ହେଲାଣି ବିହାର ରାଜନୀତି । ବିହାରର ମୁଖ୍ୟମନ୍ତ୍ରୀ ଏନଡିଏ ଛାଡୁଥିବା ଖବର ଚର୍ଚ୍ଚା ଭିତରେ ନୀତୀଶଙ୍କୁ ବଡ଼ ଅଫର ଦେଇଛନ୍ତି ଆରଜେଡି ସୁପ୍ରିମୋ ଲାଲୁ ପ୍ରସାଦ ଯାଦବ । ସେହିଭଳି ରାଜ୍ୟପାଳଙ୍କ ଶପଥ ଗ୍ରହଣ ସମାରୋହରେ ନୀତୀଶ ଓ ତେଜସ୍ୱୀଙ୍କ ସାକ୍ଷାତ ଅନେକ ଚର୍ଚ୍ଚାକୁ ଜନ୍ମ ଦେଇଛି । ଲାଲୁ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କୁ ଇଣ୍ଡିଆ ମେଣ୍ଟକୁ ଫେରିବାକୁ ଖୋଲାଖୋଲି ପ୍ରସ୍ତାବ ଦେଇଛନ୍ତି । ଲାଲୁଙ୍କ ଏହି ଅଫରକୁ ନେଇ ଏବେ ଚର୍ଚ୍ଚା ଜୋର ଧରିଛି । ନୂଆ ବର୍ଷ ଅବସରରେ ଲାଲୁ ଯାଦବ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ପାଇଁ ତାଙ୍କ ଦ୍ୱାର ସବୁବେଳେ ଖୋଲା । ସେ ଚାହିଁଲେ ଆସିପାରିବେ । ଲାଲୁ ଯାଦବ ଏହା ମଧ କହିଛନ୍ତି ଯେ, ନୀତୀଶ କୁମାର ଆମକୁ ଛାଡି ପଳାଇଥିଲେ ମଧ ଆମେ ତାଙ୍କୁ କ୍ଷମା କରିଛୁ । କୁହାଯାଉଛି, କିଛି ଦିନ ଧରି ନୀତୀଶ ବିଜେପି ଉପରେ ଅସନ୍ତୁଷ୍ଟ ଅଛନ୍ତି । କିଛି ପ୍ରସଙ୍ଗକୁ ନେଇ ମତଭେଦ ସୃଷ୍ଟି ହୋଇଛି । ଆମ୍ବେଦରକର ପ୍ରସଙ୍ଗରେ ଅସନ୍ତୁଷ୍ଟ ଅଛନ୍ତି ନୀତୀଶ ।

▶▶ପୃଷ୍ଠା ୭

## ଆତଙ୍କବାଦୀଙ୍କ ଟାର୍ଗେଟରେ ଆମେରିକା: ଫୁଟିଲା ଗୁଳି, ଗଡ଼ିଲା ମୁଣ୍ଡ



ନୂଆଦିଲ୍ଲୀ, ୨/୧ : ଟ୍ରମ୍ପଙ୍କ ହୋଟେଲ ଆଗରେ ଜଳିଗଲା ମସ୍କଙ୍କ ସାଇବର ଟ୍ରକ । ବିସ୍ଫୋରଣରେ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୭ ଜଣ ଆହତ ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି । ସକାଳୁ ସକାଳୁ ଆମେରିକାର ଲାସ ଭେଗାସରେ ଥିବା ଟ୍ରମ୍ପ ଇଣ୍ଟରନ୍ୟାସନାଲ ହୋଟେଲ ଆଗରେ ଏହି ବିସ୍ଫୋରଣ ଘଟିଛି । ହୋଟେଲର ମୁଖ୍ୟ ପ୍ରବେଶ ପଥରେ ଟେସଲାର ସାଇବର ଟ୍ରକ୍ ଟି ଠିଆ ହୋଇଥିବା ବେଳେ ଏହି ବିସ୍ଫୋରଣ ଘଟିଥିବା ଜଣାପଡ଼ିଛି । ଟ୍ରକ ଭିତରୁ ଅନେକ ବିସ୍ଫୋରକ ସାମଗ୍ରୀ ମଧ ମିଳିଛି । ଏହା ପଛରେ ଆତଙ୍କବାଦୀଙ୍କ ସମ୍ପୃକ୍ତି ଥିବା କହିଛନ୍ତି ଟେସଲା କମ୍ପାନି ମାଲିକ ଏଲନ ମସ୍କ । ବୋମା ଲଗାଇ ଟ୍ରକ୍ ବିସ୍ଫୋରଣ କରାଯାଇଥିବା ସେ କହିଛନ୍ତି । ଏଫବିଆଇ ଏହି ଘଟଣାର ତଦନ୍ତ ଆରମ୍ଭ କରିଛି । ଆମେରିକାର ସବୁଠୁ ସୁରକ୍ଷିତ ସ୍ଥାନ ନ୍ୟୁୟର୍କରେ ଘଟିଛି ଗୁଳିକାଣ୍ଡ । କୁଇନ୍ସ ସହରର ଆମାଚୁରୀ ନାଇଟ୍ କ୍ଲବରେ ଲୋକଙ୍କ ଉପରକୁ ଗୁଳିମାଡ଼ କରିଛି ଆତତାୟୀ । ୨୪ ଘଣ୍ଟା ମଧ୍ୟରେ ଏହା ହେଉଛି ତୃତୀୟ ଘଟଣା । ଏହି ଗୁଳିକାଣ୍ଡରେ ୧୧ ଜଣ ଆହତ ହୋଇ ଚିକିତ୍ସିତ ହେଉଛନ୍ତି । ଏହା ସହରର ସବୁଠୁ ଫେମସ୍ ନାଇଟ୍ ସ୍ପଟ୍ ହୋଇଥିବା ବେଳେ ଏହାକୁ ଟାର୍ଗେଟ କରାଯାଇଛି । ଘଟଣା ପରେ ପୂରା ଅଞ୍ଚଳକୁ ସିଲ୍ କରି ତଦନ୍ତ କରୁଛି ପୋଲିସ । ତେବେ ନୂଆ ବର୍ଷରେ ନ୍ୟୁ ଓର୍ଲିନ୍ସରେ ହୋଇଥିବା ଆତଙ୍କୀ ଆକ୍ରମଣ ପରେ ଏହି ଦୁଇଟି ଘଟଣା ଆମେରିକାବାସୀଙ୍କ ନିଦ ହଜାଇ ଦେଇଛି । କେତେବେଳେ କେଉଁଠି ପୁଣି ଆକ୍ରମଣ ହେବ ସେନେଇ ଲୋକଙ୍କ ମନରେ ଭୟ ସୃଷ୍ଟି ହୋଇଛି । ନୂଆବର୍ଷ ପାଳନ ବେଳେ ଆମେରିକାର ନ୍ୟୁ ଓର୍ଲିନ୍ସରେ ଏକ ଟ୍ରକ ଦ୍ରୁତ ଗତିରେ ଆସି ଭିଡ଼ ଉପରେ ମାଡ଼ି ଯାଇଥିଲା । ପରେ ଟ୍ରକ ଚାଳକ ଭିଡ଼ ଉପରକୁ ଆଖିବୁଜା ଗୁଳିମାଡ଼ କରିଥିଲେ । ଏହି ଘଟଣାରେ ମୃତ୍ୟୁ ସଂଖ୍ୟା ୧୫କୁ ବୃଦ୍ଧି ପାଇଛି । ୩୦ ଜଣ ଆହତ ହୋଇ ଚିକିତ୍ସିତ ହେଉଛନ୍ତି । ପୋଲିସର ପାଲଟା ଗୁଳିରେ ଟ୍ରକ ଚାଳକର ମୃତ୍ୟୁ ହୋଇଥିବା ବେଳେ ଟ୍ରକରୁ ଆଇଏସଆଇଏସର ପତାକା ଜବତ କରାଯାଇଛି । ତଦନ୍ତକାରି ସଂସ୍ଥା ଏଫବିଆଇ ପକ୍ଷରୁ ଏହି ସୂଚନା ଦିଆଯାଇଛି । ଏହି ଘଟଣା ପରେ ଅନ୍ୟ ଦୁଇଟି ସ୍ଥାନରେ ଆକ୍ରମଣ ପୋଲିସ ପାଇଁ ଚିନ୍ତା ବଢ଼ାଇଛି ।

## ଗୁଜରାଟରେ ୪୫୦ କୋଟିର 'ଚିଟଫଣ୍ଡ' ସ୍କାମ୍: ସନ୍ଦେହ ଘେରରେ ଭାରତୀୟ କ୍ରିକେଟର୍

ନୂଆଦିଲ୍ଲୀ, ୨/୧ : ଗୁଜରାଟରେ ଏକ ବଡ଼ ଧରଣର ଚିଟ୍ ଫଣ୍ଡ ସ୍କାମର ପର୍ଦ୍ଦାଫାସ ହୋଇଛି । ପ୍ରାୟ ୪୫୦ କୋଟିର ଦୁର୍ନିତୀ ନେଇ ହୋଇଛି ଖୁଲାସା । ଆଉ ଏଥିପାଇଁ ଏବେ ଗୁଜରାଟ ସିଆଇଡି ଜଣଙ୍କ ପରେ ଜଣେ ଭାରତୀୟ କ୍ରିକେଟରଙ୍କୁ ଜାରି କରୁଛି ସମନ । କୁହାଯଆଉଛି ପ୍ରାୟ ୧୧,୦୦୦ ଲୋକଙ୍କୁ ଚୁନା ଲଗାଯାଇଥିଲା ଏକ ଡବଲ ରିଟର୍ଣ୍ଣ ସ୍କିମ୍ ଦ୍ୱାରା । ଯେଉଁଥିରେ ଟିମ୍ ଇଣ୍ଡିଆର ଟପ ପ୍ଲେୟର ଶୁଭମନ ଗିଲ ମଧ ନିବେଶ କରିଥିଲେ । ଗିଲ୍ ପ୍ରାୟ ୧ କୋଟି ୯୫ ଲକ୍ଷ ଟଙ୍କା ନିବେଶ କରିଥିଲେ । ଏଥିସହିତ ଆଇପିଏଲର ଗୁଜରାଟ ଟାଇଟନ୍ସ ଟିମର କିଛି ପ୍ଲେୟର ବି ଏଥିରେ କୋଟି କୋଟି ଟଙ୍କା ନିବେଶ କରିଥିବା ନେଇ ଗୁଜରାଟ ଗଣମାଧ୍ୟମରେ ଖବର ପ୍ରକାଶ ପାଇଛି । ମାମଲାରେ ଏବେ ମୁଖ୍ୟ ଅଭିଯୁକ୍ତର ବୟାନକୁ ଆଧାର କରି କ୍ରିକେଟର ଶୁବମନ ଗିଲ ଓ ଅନ୍ୟ କିଛି ଖେଳାଳି ମାନଙ୍କୁ ଜାରି ହୋଇପାରେ ସମନ । ବର୍ତ୍ତମାନ ଶୁବମନ ଭାରତୀୟ ଟେଷ୍ଟ ଟିମ ସହ ଅଷ୍ଟ୍ରେଲିଆରେ ଅଛନ୍ତି । ଏଣୁ ସେ ଫେରିଲେ ଏନେଇ ହୁଏତ ଚିତ୍ର ସ୍ପଷ୍ଟ ହେବ । ସେପଟେ ଏତେବଡ଼ ଚିଟଫଣ୍ଡ ଦୁର୍ନୀତିକୁ ନେଇ ଗୁଜରାଟ ପୁଲିସ ଓ ସିଆଇଡିର ସ୍କାନରରେ ଅନେକ ଶିଳ୍ପପତି ରହିଥିବା ମଧ ଚର୍ଚ୍ଚା ହେଉଛି ।

# କେବେ ହେବ ଏମଭି ଓ ଏମପିଭି ଗ୍ରାମର ନମ୍ବର ବଦଳି ଦିଆଯିବ ନାଁ ?

ମାଲକାନଗିରି , ୨/୧ (ନି.ପ୍ର): ଭାରତ ସ୍ୱାଧୀନତା ପୂର୍ବରୁ ହିନ୍ଦୁ-ମୁସଲମାନଙ୍କ ମଧ୍ୟରେ ଧର୍ମ ଭିତ୍ତୀକ ଯୁଦ୍ଧ ହୋଇଥିଲା । ଏହି ବିବାଦ ଦିନକ ଦିନ ଗଣ ବିବାଦ ଓ ଗଣ ହତ୍ୟାରେ ଭେଦ ଭାବ ସୃଷ୍ଟି ରୂପାନ୍ତରିତ ହେଲା । ପୂର୍ବ ପାକିସ୍ତାନରେ ସଂଖ୍ୟାଲଘୁ ହିନ୍ଦୁମାନଙ୍କ ଉପରେ ବର୍ବରଚିତ ହତ୍ୟାକାଣ୍ଡ ଉଗ୍ର ରୂପ ଧାରଣ କରିବା ଫଳରେ, ଭାରତ ସରକାର ୧୯୫୮ ମସିହାରେ ହିନ୍ଦୁ ସମ୍ପ୍ରଦାୟ ମାନଙ୍କ ସୁରକ୍ଷା ଲାଗି ଦେଶର ବିଭିନ୍ନ ଅଂଚଳରେ ଥଇଥାନ କରିବାକୁ ଚିନ୍ତା କରିଥିଲେ। ପ୍ରଥମ ପର୍ଯ୍ୟାୟରେ ପଶ୍ଚିମବଙ୍ଗରେ ଥଇଥାନ ଲାଗି ପ୍ରସ୍ତାବ ଦିଆଯାଇଥିଲା। ସେଠାରେ ସ୍ଥାନ ଅଭାବ କାରଣରୁ ଦଣ୍ଡକାରଣ୍ୟ ଯୋଜନା ମାଧ୍ୟମରେ ମଧ୍ୟପ୍ରଦେଶର ବସ୍ତର ଜିଲ୍ଲା ଓଡ଼ିଶାର ନବରଙ୍ଗପୁର ଓ ମାଲକାନଗିରି ଅଂଚଳରେ ସେମାନଙ୍କୁ କ୍ୟାମ୍ପରେ ରଖାଗଲା । ସମଗ୍ର ଦଣ୍ଡକାରଣ୍ୟ ଯୋଜନାକୁ ପରିଚାଳନା କରିବା ଲାଗି କୋରାପୁଟ ସଦର ମହକୁମା ଠାରେ ଏହାର ମୁଖ୍ୟ କାର୍ଯ୍ୟାଳୟ ସ୍ଥାପନ କରାଗଲା । ଏହାଦ୍ୱାରା ମଧ୍ୟପ୍ରଦେଶର ପାରଲକୋଟ, କୋଣ୍ଡାଗାଁ, ଉମରକୋଟ ଏବଂ ମାଲକାନଗିରି ଜୋନ୍ ପରିଚାଳିତ ହେଲା । ଜମି ଅଧିଗ୍ରହଣ ଲାଗି ଜଙ୍ଗଲ ସଫାଇ ମାଧ୍ୟମରେ ଘରଡ଼ିଅ ଓ ଚାଷଜମି ସଂଗୃହୀତ ହେବାପରେ ସରକାରୀ ନିୟମ ଅନୁଯାୟୀ ଜମି ଆବଂଟନ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା। ୧୯୮୪ ମସିହା ଅଗଷ୍ଟମାସ ସୁଦ୍ଧା ଦଣ୍ଡକାରଣ୍ୟ ଯୋଜନାରେ ୨୫୧୫୬ଟି ପରିବାରଙ୍କୁ ଥଇଥାନ କରାଯାଇ ୨୩୮୫୯ଟି ପରିବାରଙ୍କୁ କୃଷିକ୍ଷେତ୍ରରେ ଓ ୧୨୯୭ଟି ପରିବାରଙ୍କୁ ଛୋଟ ବ୍ୟବସାୟରେ ଅନ୍ତର୍ଭୁକ୍ତ କରାଯାଇଥିଲା । ଏହା ବ୍ୟତୀତ ୭ମ ପଂଚବାର୍ଷିକ ଯୋଜନା କାଳରେ ଆହୁରି ୫୦୦ ପରିବାରଙ୍କୁ କୃଷି କ୍ଷେତ୍ରରେ ଓ ୧୦୦ଟି ପରିବାରଙ୍କୁ ଧନ୍ଦାମୂଳକ କାର୍ଯ୍ୟରେ ଥଇଥାନ କରାଯିବା ପାଇଁ ପଦକ୍ଷେପ ନିଆଯାଇଥିଲା । ମାଲକାନଗିରି ସବ୍‌ଡିଭିଜନ୍‌ର କାଲିମେଳା, ପଡ଼ିଆ, କୋରୁକୋଣ୍ଡା, ମାଲକାନଗିରି ଏବଂ କୁଡୁମୁଲୁଗୁମ୍ମା ବ୍ଲକର ବିଭିନ୍ନ ଗ୍ରାମରେ ସେମାନଙ୍କୁ ଥଇଥାନ କରିବା ଲାଗି ସ୍ଥିର କୃତ ହୋଇ ଥିଲା । ପ୍ରଥମ ପର୍ଯ୍ୟାୟରେ 'ମାଲକାନଗିରି ଭିଲେଜ୍" ନାମରେ ୧୩୨ଟି ଗ୍ରାମ ଓ ପରେ ୮୧ଟି '"ପୋଟେରୁ ଭିଲେଜ୍'" ନାମରେ ଗ୍ରାମ ଗୁଡ଼ିକ ନାମିତ କରାଯାଇ ଥଇଥାନ କରାଗଲା । ଏହି ଏମଭି ଓ ଏମପିଭି ଗ୍ରାମର ମଧ୍ୟ ନମ୍ବର ରହିଲା। ଦୀର୍ଘ ବର୍ଷଧରି ଏହି ଏମଭି ଓ ଏମପିଭି ଗ୍ରାମର ନାମକୁ ବଦଳାଇ ଏହାର ନିଜସ୍ୱ ନାମ ରଖିବା ପାଇଁ ଦାବି ହୋଇ ଆସୁଥିଲେ ମଧ୍ୟ କୌଣସି ସରକାର ଏଦିଗରେ ପଦକ୍ଷେପ ନେଲେ ନାହିଁ।ଚଳିତ ନିର୍ବାଚନରେ ବିଜେପି ଦଳ ପକ୍ଷରୁ ରାଜ୍ୟରେ ସରକାର ଗଠନ ହେଲେ ଏହି ଗ୍ରାମର ନମ୍ବର ପରିବର୍ତ୍ତେ ନାମ କରଣ କରାଯିବ ବୋଲି ପ୍ରତିଶୃତି ଦେଇଥିଲେ ! ଇତି ମଧ୍ୟରେ ରାଜ୍ୟରେ ସରକାର ଗଠନ ର ୬ ମାସ ହେବାକୁ ବସିଲାଣି 'ମାଲକାନଗିରିକୁ ଦୁଇ ଦୁଇ ଥର ମୁଖ୍ୟମନ୍ତ୍ରୀ ଗସ୍ତ କରିଥିବା ବେଳେ ଉପମୁଖ୍ୟମନ୍ତ୍ରୀ ଦୁହେଁ,ଗଣ ଶିକ୍ଷା ମନ୍ତ୍ରୀ ସମେତ ଅନ୍ୟ ରାଜ୍ୟ ମନ୍ତ୍ରୀମାନେ ଗସ୍ତ କରି ନିର୍ବାଚନୀ ବେଳେ ରଖିଥିବା ଇସ୍ତାହାରର ସମସ୍ତ ଦାବି ନିଶ୍ଚିତ ଭାବେ ପୂରଣ କରିବେ ବୋଲି ପୁଣି ପ୍ରତିଶ୍ରୁତି ଦେଇଛନ୍ତି। ଯଦି ଏମଭି ଗ୍ରାମର ନାମ ବଦଳେ ତେବେ କଣ ରଖାଯିବ ତାକୁ ନେଇ ଏବେ ଜିଲ୍ଲା ପ୍ରଶାସନ ସହ ଗ୍ରାମବାସୀଙ୍କ ଚର୍ଚ୍ଚା। ଆରମ୍ଭ ହୋଇଛି। ଯେପରି ଏମଭି-୧ ଗ୍ରାମକୁ ଗୌରାଙ୍ଗପୁର, ଏମଭି-୨ ଗ୍ରାମକୁ ମାଧବପୁର, ଏମଭି-୩ ଗ୍ରାମକୁ ଠାକୁରପାଲୀ, ଏମଭି-୪ ଗ୍ରାମକୁ ଶ୍ୟାମପୁର,ଏମଭି-୫ ଗ୍ରାମକୁ ଜଗତପାଲୀ,ଏମଭି-୬ ଗ୍ରାମକୁ ରାମଗୁଡା,ଏମଭି-୭ ଗ୍ରାମକୁ ଜଗନ୍ନାଥପାଲୀ, ଏମଭି-୮ ଗ୍ରାମକୁ ରବୀନ୍ଦ୍ର ନଗର, ଏମଭି-୯ ଗ୍ରାମକୁ ବିବେକାନନ୍ଦପାଲୀ, ଏମଭି-୧୦ ଗ୍ରାମକୁ କଲ୍ୟାଣପୁର। ସେହିପରି ଏମପିଭି-୧୦ ଗ୍ରାମକୁ ଦୁର୍ଗାପୁର, ଏମପିଭି-୧୨ ଗ୍ରାମକୁ ଅଶୋକ ନଗର, ଏମପିଭି-୧୪ ଗ୍ରାମକୁ ଭୋଳାନାଥପୁର, ଏମପିଭି-୨୦କୁ ସତ୍ୟନଗର, ଏମପିଭି-୨୭କୁ ଗୌରୀପୁର ଭଳି ନାମ ରହିବ ବୋଲି ଜଣାପଡିଛି।

# ନୂଆ ବର୍ଷରେ ଗାଁ ବୁଲିଲେ ନରସିଂହ ଶୁଭେଚ୍ଛା ଜଣାଇ ଲୋକଙ୍କ ସମସ୍ୟା ଶୁଣିଲେ

ବଲାଙ୍ଗିର, ୨/୧ (ନି.ପ୍ର): ଆଜି ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ର ନୂଆଁ ବର୍ଷ ଅବସରରେ ବଲାଙ୍ଗିର ସଦର ବ୍ଲକର ବିଭିନ୍ନ ଗାଁ ବୁଲି ଲୋକଙ୍କୁ ଶୁଭେଚ୍ଛା ଜଣାଇବା ସହ ବିଭିନ୍ନ ଜାଗାରେ ଲୋକଙ୍କ ଠାରୁ ସେମାନେ ଭୋଗୁଥିବା ବିଭିନ୍ନ ସମସ୍ୟା ଉପରେ ଅବଗତ ହେଲେ । ୨୦୨୫ ନୂତନ ବର୍ଷ ଅବସରରେ ପ୍ରଥମେ ସେ ଛତାମଖନା କିରାବାହାଲ ବ୍ୟାରେଜ ପାଖକୁ ଯାଇ ସେଠାରେ ନୂଆ ବର୍ଷ ପାଳନ କରୁଥିବା ଜନସାଧାରଣଙ୍କୁ ଭେଟି ଶୁଭେଚ୍ଛା ଜଣାଇଥିଲେ । ପରେ ପରେ ସେ ଅଂଚଳରେ ଥିବା କିରାବାହାଲ ଗ୍ରାମବାସୀଙ୍କ ଠାରୁ ବ୍ୟାରେଜ ଓ ଗ୍ରାମବାସୀ ସମ୍ମୁଖିନ ହେଉଥିବା ବିଭିନ୍ନ ଅଭାବ ଅସୁବିଧା ବାବଦରେ ଅବଗତ ହୋଇଥିଲେ । ପରେ ପରେ ସକମା ପଂଚାୟତ ଅନ୍ତର୍ଗତ ରାଣୀପାଲି ଆମ୍ବ ବଗିଚା ଠାରେ ସାଧାରଣ ଜନତାଙ୍କୁ ଭେଟି ନୂତନ ବର୍ଷ ପରିପ୍ରେକ୍ଷିରେ ଶୁଭେଚ୍ଛା ଜଣାଇଥିଲେ ଏବଂ ବିଶେଷ କରି ଧାନକିଣା, ବିଜୁଳି, ପିଇବା ପାଣି ଏବଂ ଆବାସଗୃହକୁ ନେଇ ଲୋକେ କରିଥିବା ଅଭିଯୋଗ ଶୁଣିଥିଲେ । ଏ ଦିଗରେ ସେ ଯେତେ ଶିଘ୍ର ହେବ ଉପରିସ୍ତ ଅଧିକାରୀଙ୍କ ସହ ଆଲୋଚନା କରି ସମସ୍ୟା ସମାଧାନ ଦିଗରେ ପଦକ୍ଷେପ ନେବେ ବୋଲି ଲୋକଙ୍କୁ ପ୍ରତିଶୃତି ଦେଇଥିଲେ । ଅପରାହ୍ନରେ ତୁଷୁରାବାହାଲ ପଂଚାୟତ ଅନ୍ତର୍ଗତ ଡଙ୍ଗାଘାଟ ଠାରେ ଡଙ୍ଗାଘାଟ ଯାଇ ସେଠାରେ ସମବେତ ହୋଇଥିବା ସହସ୍ରାଧିକ ମହିଳା ପୁରୁଷ ଙ୍କୁ ନୂତନ ବର୍ଷ ଅବସରରେ ଶୁଭେଚ୍ଛା ଜଣାଇବା ସହ ତାଙ୍କ ଠାରୁ ସମସ୍ୟା ଶୁଣିଥିଲେ । ବର୍ତ୍ତମାନ ସରକାରଙ୍କ ତରଫରୁ ଧାନକିଣା କାର୍ଯ୍ୟ ଚାଲିଥିବାରୁ ପ୍ରାୟତଃ ଲୋକେ ଧାନ କିଣାର ଅବ୍ୟବସ୍ଥା କୁ ନେଇ ଆଲୋଚନା କରିଥିଲେ। ଏ ଅଂଚଳର ଚାଷୀ ପ୍ରାୟତଃ ଏକର ପିଛା ୨୦ ରୁ ୨୫ କ୍ୱିଂଟାଲ ପର୍ଯ୍ୟନ୍ତ ଅମଳ କରିଥାନ୍ତି କିନ୍ତୁ ସରକାରୀ ନିତି ଅନୁସାରେ ସରକାର କେବଳ ଅଣଜଳସେଚିତ ଚାଷୀଙ୍କ ଠୁ ମାତ୍ର ୧୩ କ୍ୱିଂଟାଲ ଧାନ କିଣୁଥିବାରୁ ବଳକା ରହିଯାଇଥିବା ଧାନ ବିକିବା ପାଇଁ ଚାଷୀ ନିଶ୍ଚିତ ଭାବରେ ଅଭାବି ବିକ୍ରିର ସାମନା ହୋଇ ଦଲାଲ ମାନଙ୍କୁ ତାଙ୍କର କଷ୍ଟ ଉପର୍ଜିତ ଧାନକୁ ଶାଗ ମାଛ ଦରରେ ଦେଇଦେବାର ସମ୍ଭାବନା ଦେଖାଦେଇଛି । ତେଣୁ ଏହି ଦିଗରେ ଚାଷୀ ଯେପରି ହଇରାଣ ନ ହୋଇ ତାଙ୍କର ସମସ୍ତ ଅମଳ ଧାନକୁ ସରକାର ୩୧୦୦ ଟଙ୍କାରେ କିଣିବେ ସେ ଉପରେ ସେ ସରକାରଙ୍କୁ ଚାପ ପକାଇବେ ବୋଲି କହିଥିଲେ । ଏ ଗସ୍ତ ସମୟ ଆଲୋଚନା ବେଳେ ଲୋକନାଥ କୁମୁରା, ଗଉଁନ୍ତିଆ ମୁରଲି ମଲ୍ଲିକ, କିର୍ତନ ସାହୁ, ବେଲାର ସିଂ ଭୋଇ, ଲମ୍ବୋଦର ମହାକୁର, ରାମ ମିଶ୍ର, ସଂଜିବ ପ୍ରଧାନ, ବିପିନ ପୁଟେଲ, ଧନୁ ସିଂ, ରାଧାକାନ୍ତ ଭୋଇ ଏବଂ ଅନେକ ଗ୍ରାମବାସୀ ଉପସ୍ଥିତ ଥିଲେ ।

## ପ୍ରବାସୀଙ୍କ ପାଇଁ କରିବ ସ୍ୱତନ୍ତ୍ର ବ୍ୟବସ୍ଥା କରିବ ଜଙ୍ଗଲ ଓ ପରିବେଶ ବିଭାଗ

ଭୁବନେଶ୍ୱର, ୨/୧ (ନି.ପ୍ର): ପ୍ରବାସୀ ଭାରତୀୟ ଦିବସ ଅବସରରେ ଜଙ୍ଗଲ ଓ ପରିବେଶ ବିଭାଗ କରିବ ପ୍ରବାସୀଙ୍କ ପାଇଁ କରିବ ସ୍ୱତନ୍ତ୍ର ବ୍ୟବସ୍ଥା। ସେମାନଙ୍କ ଆଗ୍ରହ ଦେଖି ସ୍ୱତନ୍ତ୍ର ଗାଡ଼ି ଯୋଗେ ନନ୍ଦନକାନନ, ଚିଲିକା ଓ ଅନ୍ୟାନ୍ୟ ପର୍ଯ୍ୟଟନ ସ୍ଥଳୀ ବୁଲାଇବାର ବ୍ୟବସ୍ଥା କରିଛି ବିଭାଗ। ଏହାସହିତ କଫି ଟେବୁଲ୍ ବୁକ୍ ମଧ୍ୟ ସେମାନଙ୍କୁ ଦିଆଯିବ। ନନ୍ଦନକାନନ ବିଶ୍ୱସ୍ତରରେ ନାଁ କରିବ ସେଭଳି ବ୍ୟବସ୍ଥା ରହିଛି ଚିଡି। ଆଜି ନୂଆବର୍ଷ ଅବସରରେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶରାମ ସିଂହ ଖୁଂଟିଆ ନନ୍ଦନକାନନ ବୁଲି ଦେଖିବା ସହ ପର୍ଯ୍ୟଟକଙ୍କ ସହ ଆଲୋଚନା କରିଥିଲେ। ନନ୍ଦନକାନନ ବ୍ୟବସ୍ଥା ସମ୍ପର୍କରେ ପଚାରି ବୁଝିବା ସହ ପରିବେଶର ବାର୍ତ୍ତା ବାଂଟିଥିଲେ। ଏହି ଅବସରରେ ଛୋଟ ପିଲା ଓ ପର୍ଯ୍ୟଟକଙ୍କୁ ଗଛ ଉପହାର ଦେଇ ପରିବେଶ ସୁରକ୍ଷା ବାର୍ତ୍ତା ଦେଇଥିଲେ।

## ସାହିତ୍ୟ ଖଳାରେ ଗପ ଓ କବିତା

ଜୟପୁର, ୨/୧ (ନି.ପ୍ର): ଜୟପୁର ସାହିତ୍ୟ ପରିଷଦ ଦ୍ୱାରା ଆୟୋଜିତ ହୋଇଥିଲା ଏକ ସ୍ୱତନ୍ତ୍ର ଆଉ ନିଆରା କାର୍ଯ୍ୟକ୍ରମ ' ସାହିତ୍ୟ ଖଳାରେ ଗପ ଓ କବିତା'। ବର୍ଷ ଶେଷରେ ଶୀତ ଆହୁଲାରେ ଚଳିତ ଇଂରାଜୀ ବର୍ଷର ଶେଷ ସାହିତ୍ୟ ଆସରଟି ଗତକାଲି ମାଆ ଲୋକେଶ୍ୱରୀ ଉଦ୍ୟାନ ପ୍ରାଙ୍ଗଣରେ ଅନୁଷ୍ଠାନର ସଭାପତି ଶ୍ରୀ ହରିହର କରସୁଧା ପଟ୍ଟନାୟକଙ୍କ ସଭାପତିତ୍ୱରେ ଚାଳିଶିରୁ ଉର୍ଦ୍ଧ୍ୱ ସାହିତ୍ୟିକଙ୍କୁ ନେଇ ଅନୁଷ୍ଠିତ ହୋଇ ସାରିଛି। ସର୍ବପ୍ରଥମେ ସଭାପତି ଶ୍ରୀ ପଟ୍ଟନାୟକ ଏବଂ ଉପଦେଷ୍ଟା ଡ଼.ସୁରେଶ ଦାଶଙ୍କଦ୍ୱାରା ଅଗ୍ନି ସଂଯୋଗ କରାଯାଇ ଥିଲା ଏବଂ ତା'ପରେ ଖୋଲା ଆକାଶ ତଳେ ନିଆଁ ଏବଂ ତାହାର ଉଷ୍ମତା ନେଇ ପ୍ରତ୍ୟେକ କବି ଓ କବୟିତ୍ରୀ ଯୁବ ପ୍ରତିଭା ରାମ ନିଗମଙ୍କ ମ୍ୟୁଜିକ ସହିତ ଅଭିନବ ପ୍ରଣାଳୀରେ ପାଠ କରିଥିଲେ ସ୍ୱକୀୟ କବିତା। ଶୀତ, ନବବର୍ଷ, ପ୍ରକୃତି ଉପରେ ବିବିଧ କବିତା ଆସିବା ସହିତ କିଛି ବ୍ୟଙ୍ଗ କବିତା ମଧ୍ୟ ଆସରକୁ ଆକର୍ଷଣୀୟ କରିଥିଲା। ପ୍ରତ୍ୟେକ କବି ଓ କବୟିତ୍ରୀ ନିଜ କବିତା ପାଠ ପରେ ପରବର୍ତ୍ତୀ ସ୍ରଷ୍ଟାଙ୍କୁ କବିତା ଓ ଗଳ୍ପ ପାଠ ପାଇଁ ସଂଯୋଜିତ କରିଥିଲେ। ଶେଷରେ ସମ୍ପାଦକ ଶ୍ରୀ ନିରଞ୍ଜନ ପାଣିଗ୍ରାହି ଆଗାମୀ କାର୍ଯ୍ୟକ୍ରମ ପିଲାଙ୍କ ଗହଣରେ କବିତା କର୍ମଶାଳା ଅନୁଷ୍ଠିତ କରାଇବା ପ୍ରତିଶ୍ରୁତି ସହିତ ଧନ୍ୟବାଦ ଅର୍ପଣ କରିଥିଲେ।

# ଫୁଲବାଣୀରେ ସଡକ ସୁରକ୍ଷା ମାସ ଓ ସଚେତନତା ରଥ ଉଦ୍‌ଘାଟନ

କନ୍ଧମାଳ , ୨/୧ (ନି.ପ୍ର): ଭାରତ ସରକାରଙ୍କ ସୂଚନା ଅନୁଯାୟୀ ଭାରତରେ ୨୦୨୩ ମସିହାରେ ୧,୬୮,୪୯୧ ଲୋକଙ୍କର ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟିଥିଲା । ଓଡ଼ିଶାରେ ୨୦୨୩ ମସିହାରେ ୫,୪୬୭ ଲୋକଙ୍କର ମଧ୍ୟ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟିଥିଲା । ଏହି ଦୁର୍ଘଟଣା ଜନିତ ମୃତ୍ୟୁ ସଂଖ୍ୟାକୁ କମାଇବା ପାଇଁ ଓଡ଼ିଶା ସରକାରଙ୍କର ପରିବହନ ବିଭାଗର ନିର୍ଦ୍ଦେଶ କ୍ରମେ ଜାନୁଆରୀ ଏକ ତାରିଖଠାରୁ ୩୧ ତାରିଖ ପର୍ଯ୍ୟନ୍ତ ସଡ଼କ ସୁରକ୍ଷା ମାସ – ୨୦୨୫ ଏବଂ ଜାନୁଆରୀ ୦୧ ତାରିଖଠାରୁ ୦୭ ତାରିଖ ପର୍ଯ୍ୟନ୍ତ ସଡ଼କ ସୁରକ୍ଷା ସପ୍ତାହ ପାଳନ କରାଯାଉଅଛି । ଏହି ଅବସରରେ ଆଜି କନ୍ଧମାଳ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଅତିରିକ୍ତ ଜିଲ୍ଲାପାଳ, କନ୍ଧମାଳ ଶ୍ରୀ ଅଶୋକ କୁମାର ଭୋଇ , ଅତିରିକ୍ତ ଜିଲ୍ଲାପାଳ, କନ୍ଧମାଳ ଶ୍ରୀ ରମେଶ ଚନ୍ଦ୍ର ଜେନା ଏବଂ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ, କନ୍ଧମାଳ ଶ୍ରୀ ସ୍ନେହାଶିଷ ସାହୁ ସଡ଼କ ସୁରକ୍ଷା ସଚେତନତା ରଥକୁ ସବୁଜ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ ଏହା ଜିଲ୍ଲା ପରିକ୍ରମା କରି ଲୋକଙ୍କ ମଧ୍ୟରେ ସଚେତନତା ଜାଗ୍ରତ କରିବ । ଜନସାଧାରଣଙ୍କୁ ରାସ୍ତାରେ ଯାନବାହାନ ଚଳାଚଳ କରିବା ସମୟରେ ନିୟମଗୁଡିକୁ ଅନୁପାଳନ କରିବା ସହିତ ସୁରକ୍ଷିତ ରହିବାକୁ ଆଂଚଳିକ ପରିବହନ ଅଧିକାରୀ ଶ୍ରୀ ଶିଶିର କୁମାର ସାହୁ ନିବେଦନ କରିଥିଲେ ଯେପରି ଦୁଇ ଚକିଆ ମୋଟର ଯାନର ଚାଳକ ଏବଂପଛରେ ବସିଥିବା ବ୍ୟକ୍ତି ହେଲମେଟ ବ୍ୟବହାର କରିବା,ମୋଟର ଯାନକୁ ଅତ୍ୟଧିକ ବେଗରେ ନ ଚଳେଇବା,ମୋଟର ଯାନ ଚଳାଇବା ସମୟରେ ଅନ୍ୟ ଯାନ ସହ ପ୍ରତିଯୋଗିତା ନ କରିବା,କୌଣସି ପ୍ରକାର ନିଶା ସେବନ କରି ମୋଟର ଯାନ ନ ଚଳେଇବା ,ଚାରିଚକିଆ ମୋଟର ଯାନରେ ଯାତ୍ରା କରିବା ସମୟରେ ଚାଳକ ଏବଂ ଯାତ୍ରୀମାନେ ସିଟ୍ ବେଲ୍ଟ ବ୍ୟବହାର କରିବା, ମୋବାଇଲ ଫୋନ ବ୍ୟବହାର କରି ଗାଡି ନ ଚଳେଇବା ଏବଂ ୧୮ ବର୍ଷରୁ କମ୍ ବୟସର ପିଲାମାନଙ୍କୁ କୌଣସି ପ୍ରକାର ଗାଡି ଚଳାଇବାକୁ ଦେବା ନାହିଁ । ସଡ଼କ ସୁରକ୍ଷା ସପ୍ତାହ ପାଳନ ଅବସରରେ ବିଭିନ୍ନ ସଡ଼କ ସୁରକ୍ଷା କାର୍ଯ୍ୟକ୍ରମର ଆୟୋଜନ ହେବ ଯେପରି ସଡ଼କ ସୁରକ୍ଷା ରଥର ସକ୍ରିୟକରଣ , ବିଭିନ୍ନ ସଡ଼କ ସୁରକ୍ଷା ଚଳଚ୍ଚିତ୍ରର ସ୍କ୍ରୀନିଂ , ଚାଳକଙ୍କ ଚକ୍ଷୁ ପରୀକ୍ଷା ଶିବିର , ସଡ଼କ ସୁରକ୍ଷା ଉଲ୍ଲଙ୍ଘନ ବିରୁଦ୍ଧରେ ମିଳିତ କାର୍ଯ୍ୟାନୁଷ୍ଠାନ , ସଡ଼କ ସୁରକ୍ଷା ଆଧାରିତ ପ୍ରତିଯୋଗିତା, ୱାକ୍ ଥନ୍ କିମ୍ବା ସାଇକ୍ଲୋଥନ୍, ସଡ଼କ ସୁରକ୍ଷା ଶପଥ ପାଠ, ମହିଳା ଗାଡି ଚାଳକଙ୍କ ସମେତ ସଡ଼କ ବ୍ୟବହାରକାରୀଙ୍କ ପାଇଁ ସେମିନାର କିମ୍ବା କାର୍ମଶାଳା, ପିକନିକ୍ ଓ ତୀର୍ଥ ସ୍ଥାନମାନଙ୍କରେ ଲିଫଲେଟ୍ ଓ ବ୍ୟାନର ବଂଟନ ଏବଂ ରାଜ୍ୟସ୍ତରୀୟ ସମାରୋହ । ଏହି ଶୁଭାରମ୍ଭ କାର୍ଯ୍ୟରେ ବିଭିନ୍ନ ବିଦ୍ୟାଳୟର ଛାତ୍ର ଛାତ୍ରୀ, ସାଧାରଣ ଜନତା, ପୋଲିସ ବିଭାଗ, ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା ଓ ଗଣମାଧ୍ୟମର ପ୍ରତିନିଧିମାନେ ଯୋଗଦେଇଥିଲେ ।

# ଜେକେ ମୋବାଇଲ ଦୋକାନରୁ ଚୋରି ସିସିଟିଭିରେ କଏଦ ହେଲା ଚୋରିର ଦୃଶ୍ୟ

ମୁଖୀଗୁଡା, ୨/୧ (ନି.ପ୍ର): କଳାହାଣ୍ଡି ଜିଲ୍ଲା ଜୟପାଟଣା ଡେଲିମାର୍କେଟ ମୁଖ୍ୟରାସ୍ତା କଡରେ ଥିବା ଜେକେ ମୋବାଇଲ ଦୋକାନରେ ଥିବା ୧୮ଟି ମୋବାଇଲଫୋନ ଗତ ରାତିରେ ଚୋରି ହୋଇଥିବା ନେଇ ଜୟପାଟଣା ଥାନାରେ ଅଭିଯୋଗ ହୋଇଛି ।ମଙ୍ଗଳବାର ରାତି ପ୍ରାୟ ରାତି ୧୧ଟା ରେ ଦୋକାନ ମାଲିକ ଜିତେନ୍ଦ୍ର ବେହେରା ଦୋକାନ ବନ୍ଦକରି ଘରକୁ ଯାଇ ଥିଲେ ।ଆଜି ସକାଳେ ଦୋକାନ ଖୋଲିବା ପରେ ଦେଖିବାକୁ ପାଇଲେଯେ ଦୋକାନ କାନ୍ଥ ସିନ୍ଧି କରି ଦୋକାନରେ ଥିବା ୧୮ଟି ବିଭିନ୍ନ କମ୍ପାନୀର ମୋବାଇଲ ଫୋନ ଏବଂ ଅନ୍ୟାନ୍ୟ ସାମଗ୍ରୀ ଚୋରି ହୋଇଛି ଯାହାର ମୂଲ୍ୟ ୪ଲକ୍ଷ ଟଙ୍କାରୁ ଉର୍ଦ୍ଧ ହେବ ।ଦୋକାନରେ ଲାଗିଥିବା ସିସିଟିଭିରେ ଚୋରି ଦୃଶ୍ୟ ରହିଥିବା ବେଳେ ଜୟପାଟଣା ଥାନାରେ ଏନେଇ ଅଭିଯୋଗ ହୋଇଛି। ଅଦ୍ୟାବଧି ଚୋରର ସନ୍ଧାନ ମିଳି ନାହିଁ ।ଗତ ରାତିରେ ଜୟପାଟଣାରେ ବିଭିନ୍ନ ସ୍ଥାନରେ ଜିରୋ ନାଇଟ ସେଲିବ୍ରେସନ ଚାଲିଥିଲା ପୋଲିସର ପେଟ୍ରୋଲିଂ ଥିବା ସତ୍ୱେ ଜୟପାଟଣା ସହର ମୁଖ୍ୟ ରାସ୍ତା କଡରେ ଥିବା ଦୋକାନରୁ ଚୋରି ହେବା ପୁଲିସ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଛି ।ଏହି ଦୋକାନରେ ଚୋରି ହେବା ଏହା ପ୍ରଥମ ଘଟଣା ନୁହେଁ ଏଥି ପୂର୍ବରୁବି ଏହି ଦୋକାନରୁ ଚୋରି ହୋଇଥିଲା ହେଲେ ଚୋର ଧରାପଡି ପାରି ନାହିଁ ।ଏବେ ପୁନର୍ବାର ଚୋରି ହେବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି ।ତୁରନ୍ତ ଚୋରକୁ ଧରିବା ସହ ଚୋରି ସାମଗ୍ରୀ ଉଦ୍ଧାର କରିବା ପାଇଁ ଦାବି ହେଉଛି ।

# ମହାପ୍ରଭୁଙ୍କ ଚିତ୍ର ଆଙ୍କି ନୂତନ ବର୍ଷକୁ ସ୍ୱାଗତ କଲେ ଜାପାନ ପର୍ଯ୍ୟଟକ

ପୁରୀ, ୨/୧ (ନି.ପ୍ର): ଇଂରାଜୀ ନବବର୍ଷ ୨୦୨୫କୁ ଭିନ୍ନ ଢଙ୍ଗରେ ପାଳନ କରିଛନ୍ତି ଜାପାନ ପର୍ଯ୍ୟଟକ। ମହିଳା ପର୍ଯ୍ୟଟକ ମାୟୁ କାମେଇ ନିଜକୁ ଓଡ଼ିଆଣୀ ବେଶରେ ଭୂଷିତ ହୋଇଥିଲେ ।ବିଭିନ୍ନ ରଙ୍ଗର ମୁରୁଜ ସହୟତାରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚିତ୍ରକୁ ଅତ୍ୟନ୍ତ ଭକ୍ତିରେ ସହ ଆଙ୍କିଥିଲେ। ଏନେଇ ଇଣ୍ଡିଆ-ଜାପାନ ଫ୍ରେଣ୍ଡସିପ ସେଂଟର ଭାରତର ସଭାପତି ଶ୍ରୀମନ୍ତ କୁମାର ଦାଶ କୁହନ୍ତି , ନବବ ର୍ଷରେ ମହାପ୍ରଭୁଙ୍କୁ ଦର୍ଶନ କରି ବର୍ଷତମାମ ଖୁସିରେ ଅତିବାହିତ ହୁଏ ବୋଲି ବିଶ୍ୱାସ ରହିଛି। ସେମାନଙ୍କୁ ଶ୍ରୀମନ୍ଦିର ପ୍ରବେଶ ବାରଣ ରହିଥିବା ରୁ ଜାପାନ ପର୍ଯ୍ୟଟକମାନେ ଏକତ୍ରିତ ହୋଇ ଚକ୍ରତୀର୍ଥ ରୋଡ ରେ ଥିବା ଶାନ୍ତନା ହୋଟେଲ ତଥା ଇଣ୍ଡିଆ-ଜାପାନ ଫ୍ରେଣ୍ଡସିପ ସେଂଟର ପରିସରରେ ମହାପ୍ରଭୁଙ୍କ ଚିତ୍ର ଆଙ୍କି ଦର୍ଶନ କରି ବିଭୋର ହୋଇପଡିଥିଲେ । ଏହାକୁ ଅନେକ ପାର୍ଯ୍ୟଟକ ଦେଖି ସେମାନଙ୍କ ଭକ୍ତିଭାବ କୁ ପ୍ରଶଂସା କରିଥିଲେ ।

# ବରିଷ୍ଠ ନାଗରିକମାନଙ୍କ ମୁହଁରେ ହସ ଫୁଟାଇଲେ ମାଥିଲି ପିଇଓ ଅଶୋକ ମହାରଣା

ମାଲକାନଗିରି, ୨/୧ (ନି.ପ୍ର): ଆଜିର ଶିକ୍ଷିତ ଦୁନିଆରେ ନିଜର ବାପା ମା'ଙ୍କୁ ପୁଅ ଝିଅମାନେ ନିଜର ସ୍ୱାର୍ଥ ପାଇଁ ଅଣଦେଖା କରୁଥିବା ବେଳେ କିଛି ନିଜର ସ୍ୱାର୍ଥ ପାଇଁ ବାପା ମା'ଙ୍କୁ ଅନାଥ ଆଶ୍ରମରେ ଛାଡ଼ି ଦେଉଛନ୍ତି । କିନ୍ତୁ ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ସଦର ପଂଚାୟତର ପଂଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଅଶୋକ କୁମାର ମହାରଣା ବରିଷ୍ଠ ନାଗରିକମାନଙ୍କ ମୁହଁରେ ହସ ଫୁଟାଇବା ପାଇଁ ପଂଚାୟତ ସ୍ତରୀୟ ଏକ ନିଆରା ପ୍ରୟାସ କରିଛନ୍ତି ।୨୦୨୪ ବିଦାୟ ଦିବସରେ ଏହି କାର୍ଯ୍ୟକ୍ରମରେ ମାଥିଲି ପଂଚାୟତ ଅଂଚଳର ଥିବା ବୃଦ୍ଧା ବୃଦ୍ଧମାନଙ୍କୁ ନେଇ ବାଦ୍ୟର ତାଳେ ତାଳେ ପାରମ୍ପରିକ ନୃତ୍ୟ ତଥା ଢେମସାରେ ସମସ୍ତେ ନାଚିଥିଲେ। ଏଥିସହ ପାରଂପାରିକ ଗୀତରେ ନିଜକୁ କିଛି ସମୟ ପାଇଁ ହଜାଇ ଦେଇଥିଲେ। ଶେଷରେ ମ୍ୟୁଜିକ ଚ୍ୟାର ପରି ଖେଳ ଖେଳା ଯିବା ସହ ଅନେକ ପ୍ରକାର କୌତୁକ ଖେଳ କରାଯାଇଥିଲା। ଯେଉଁମାନେ କୃତିତ୍ୱ ହାସଲ କରିଲେ ସେମାନଙ୍କୁ ପଂଚାୟତର ପଦାଧିକାରୀମାନଙ୍କ ଦ୍ୱାରା ପୁରସ୍କାର ସହିତ ମାନପତ୍ର ପ୍ରଦାନ କରାଯାଇଥିଲା।

## ଅସହାୟଙ୍କୁ ସହାୟତା କଲା ହେଲପିଙ୍ଗ ଗ୍ରୁପ

କୋରେଇ, ୨/୧ (ନି.ପ୍ର): ଜଣେ ଅସହାୟ ବୃଦ୍ଧାଙ୍କୁ ସହାୟତା କରି ପ୍ରଶଂସା ସାଉଁଟିଛି ପାଣିକୋଇଲିର ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ଆମେ ଆପଣଙ୍କ ପାଇଁ ହେଲପିଙ୍ଗ ଗ୍ରୁପ। ପ୍ରକାଶଯେ କୋରାଇ ବ୍ଲକ ଅନ୍ତର୍ଗତ ଗୌରପୁର ପଂଚାୟତର ଇଚ୍ଛାପୁର ଗ୍ରାମରେ ଏକ ବୃଦ୍ଧ ଦମ୍ପତି ନିରଂଜନ ଜେନା (୮୦) ଓ ତାଙ୍କ ପତ୍ନୀ ଦୁଃଖି ଜେନା(୭୬) ରହିଆସୁଥିଲେ। ତେବେ ଦମ୍ପତିଙ୍କ ସନ୍ତାନ ସନ୍ତତି ନ ଥିବାରୁ ଉଭୟ ଏକ ପଲିଥିନ ଟାଙ୍ଗି ବହୁ କଷ୍ଟରେ କାଳାତିପାତ କରୁଥିଲେ। ଗତ କିଛି ଦିନ ତଳେ ନିରଂଜନଙ୍କର ମୃତ୍ୟୁ ହୋଇଯାଇଥିଲା। ଉକ୍ତ ଖବର ପାଇ ଗ୍ରୁପର ଉପଦେଷ୍ଟା ତଥା ବରିଷ୍ଠ ସାମ୍ବାଦିକ ସୁବାସ ଧଳ, ରାଜପଥ ପେଟ୍ରୋଲିଂ ଅଧିକାରୀ ଅଶୋକ ବଳ, ତାରିଣୀ ପଟ୍ଟନାୟକ, ସଭାପତି ଅଶୋକ କୁମାର ଦାସ, ସୁନୀଲ ଓଝା, ହରେକୃଷ୍ଣ ସାହୁ, କୁନା ମହୀ, ବିଶ୍ୱଜିତ ଦାସ, ଆଦିତ୍ୟ ଦାସ, ଅରକ୍ଷିତ ପାତ୍ର, କରୁଣାକର ମାଝୀ ପ୍ରମୁଖ ପହଂଚି ଆର୍ଥିକ ସହାୟତାର ହାତ ବଢାଇଥିଲେ ।

# ୨୯ତମ ଗୋପିନାଥ ଜୀଉ କ୍ରିକେଟ ପ୍ରତିଯୋଗିତା ଉଦ୍‌ଘାଟିତ

କୋରେଇ, ୨/୧ (ନି.ପ୍ର): ପଥରପଦା ପଂଚାୟତ ଅନ୍ତର୍ଗତ ଓଟିନ୍ଦା ଗ୍ରାମରେ ଆର୍ଶିବାଦ ଆଗ୍ରୋ ପ୍ରଡକ୍ଟ ପ୍ରାୟୋଜିତ ୨୯ତମ ଗୋପିନାଥ ଜୀଉ କ୍ରିକେଟ ପ୍ରତିଯୋଗୀତା ପ୍ରତିବର୍ଷ ପରି ନୂଆବର୍ଷରେ ଉଦ୍ଘାଟିତ ହୋଇଛି। ଏହି ପ୍ରତିଯୋଗୀତାରେ ମୋଟ ୮ଟି ଦଳ ଅଂଶ ଗ୍ରହଣ କରିଛନ୍ତି। ଆଜି ଉଦ୍ଘାଟନୀ ମ୍ୟାଚ କୋରେଇ ବନାମ ମକୁନ୍ଦପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏହି ଟୁର୍ଣ୍ଣାମେଂଟକୁ ମୁଖ୍ୟ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ସୁବାସ ଧଳ ଯୋଗଦେଇ ଆନୁଷ୍ଠାନିକ ଭାବେ ମ୍ୟାଚ ଉଦ୍ଘାଟନ କରିଥିଲେ। ପ୍ରଥମାର୍ଦ୍ଧରେ ମକୁନ୍ଦପୁର ଟସ ଜିଣି ବ୍ୟାଟିଂଗ କରିବାର ନିଷ୍ପତି ନେଇଥିଲା । ନିର୍ଦ୍ଧାରିତ ୯ ଓଭରରେ ମକୁନ୍ଦପୁର ୯ ୱିକେଟ ହରାଇ ୮୮ ରନ ସଂଗ୍ରହ କରିଥିଲା ବିଜୟୀ ହୋଇଥିଲା। ଦଳ ପକ୍ଷରୁ ମୁକ୍ତାର ଖ୍ୟା ୧୫ ବଲରେ ୪୦ରନ କରି ମ୍ୟାନଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ । ଦିତୀୟାର୍ଦ୍ଧରେ ଓଟିନ୍ଦା ବନାମ ସୁକୁଆରୀ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା । ଓଟିନ୍ଦା ଟସ ଜିଣି ବ୍ୟାଟିଂଗ କରି ୮ ଓଭରରେ ସମସ୍ତ ୱିକେଟ ହରାଇ ୬୮ ରନ ସଂଗ୍ରହ କରିଥିଲା । ଜବାବରେ ସୁକୁଆରୀ ମାତ୍ର ୩୬ ରନରେ ସମସ୍ତ ୱିକେଟ ହରାଇ ପରାଜୟ ବରଣ କରିଥିଲା । ଏହି ମ୍ୟାଚକୁ ଅରୁଣ ଆରଣ ଓ ଉମେଶ ପୁରୀ ପରିଚାଳନା କରିଥିବା ବେଳେ ଜ୍ଞାନନରଂଜନ ଘଡାଇ ଧାରାବିବରଣୀ ପ୍ରଦାନ କରିଥିଲେ। ସ୍କୋରର ଭାବେ ଶ୍ରୀକାନ୍ତ ଦାସ ଓ କାହ୍ନୁ ଆରଣ ଯୋଗଦେଇଥିଲେ । ଅପରାହ୍ଣରେ ଅତିଥି ଭାବେ ଗ୍ରାମ୍ୟ ମୁଖ୍ୟ ରଘୁନାଥ ପାଢୀ ଯୋଗଦେଇ ବିଜୟୀ ଦଳଙ୍କୁ ପୁରସ୍କୃତ କରିଥିଲେ । ରୁଦ୍ର ଦାସ, ପିଂଟୁ ପାଢୀ, ଯଶୋବନ୍ତ ଓଝା, ରାଜୁ ଭାରତୀ, ଚଗୁଲୁ ବେହେରା, ସମୀର ସାହୁ, ଅମୂଲ୍ୟ ମଲିକ ସମେତ ସମସ୍ତ ସଦସ୍ୟ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।

# କୋଶଳ ପ୍ରବକ୍ତା ଦେବେନ୍ଦ୍ର କୁମାରଙ୍କୁ ସମ୍ମାନଜନକ ଡକ୍ଟରେଟ ଉପାଧି ପ୍ରଦାନ

ସୁବର୍ଣ୍ଣପୁର, ୨/୧ (ନି.ପ୍ର): ଆନ୍ତର୍ଜାତିକ ସ୍ତରରେ ସୁନାମଧନ୍ୟ ଶିକ୍ଷାନୁଷ୍ଠାନ ଆମେରିକାନ୍ ମେରିଟ୍ କାଉନସିଲ୍, ଆମେରିକା ତରଫରୁ ପ୍ରଥିତଯଶା ସାହିତ୍ୟିକ ଦେବେନ୍ଦ୍ର କୁମାର ନାଏକଙ୍କୁ ସମ୍ମାନସୂଚକ ଡକ୍ଟରେଟ ଉପାଧି ପ୍ରଦାନ କରାଯାଇଛି । କୋଶଳାଂଚଳର କଳା, ସାହିତ୍ୟ, ସଂସ୍କୃତି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଯୋଗୁଁ ସୁବର୍ଣ୍ଣପୁର ଜିଲ୍ଲା ଅନ୍ତର୍ଗତ ତରଭା ସହରର ଜଣାଶୁଣା କୋଶଳ ପ୍ରବକ୍ତା ଦେବେନ୍ଦ୍ର କୁମାର ନାଏକଙ୍କୁ ୱାର୍ଲଡ ଚେରିଟି ୱେଲଫେୟାର ଫାଉଣ୍ଡେସନ, ନୂଆଦିଲ୍ଲୀ ଦ୍ୱାରା ପୁରୀ ଟାଉନ ହଲଠାରେ ଆୟୋଜିତ ପୁରସ୍କାର ପ୍ରଦାନ ସମାରୋହରେ ଆଲିଗଡ ବିଶ୍ୱବିଦ୍ୟାଳୟର ପ୍ରଫେସର ଜାକିର୍ ହୁସେନ୍ ଏହି ସମ୍ମାନସୂଚକ ଉପାଧି ପ୍ରଦାନ କରିଛନ୍ତି । କୋସଲୀ ଭାଷା, ସାହିତ୍ୟ, ସଂସ୍କୃତିର ପୁନରୁଦ୍ଧାର ଉଦ୍ଦେଶ୍ୟରେ କୋଶଳ ସାହିତ୍ୟ ଏକାଡେମୀ ମାଧ୍ୟମରେ ବିଭିନ୍ନ ସଭାସମିତି, ସମ୍ମାନ, ଆଲୋଚନା ଚକ୍ରର ଆୟୋଜନ କରି ବେଶ ଚର୍ଚ୍ଚାରେ ରହି ଆସିଛନ୍ତି ସେ । ଏପରିକି କୋଶଳାଂଚଳର ମୌଖିକ ତଥା ପ୍ରମୁଖ ଭାଷା କୋସଲୀକୁ ସମ୍ବିଧାନର ଅଷ୍ଟମ ସୂଚୀରେ ସ୍ଥାନିତ କରିବା ସକାଶେ ନିରବଚ୍ଛିନ୍ନ ପ୍ରୟାସ ଜାରି ରଖିଛନ୍ତି । ଆହୁରି ମଧ୍ୟ ଏ ଅଂଚଳର କଳା, ସାହିତ୍ୟ, ସଂସ୍କୃତିର ପ୍ରଚାର ପ୍ରସାର କରି ଓଡ଼ିଶାର କୋଣ ଅନୁକୋଣରେ ଥିବା ଶତାଧିକ ଅନୁଷ୍ଠାନରୁ ସମ୍ବର୍ଦ୍ଧିତ ଓ ସମ୍ମାନିତ ହେବା ସଙ୍ଗେ ସଙ୍ଗେ କୋଶଳ ଗୌରବ, ଭାଷା ରତ୍ନ, ଗ୍ରନ୍ଥ ବିଭୂଷଣ ଇତ୍ୟାଦି ଉପାଧିରେ ଭୂଷିତ ହେବାର ସୌଭାଗ୍ୟ ଅର୍ଜନ କରିଛନ୍ତି ଜଣାଶୁଣା ସାହିତ୍ୟିକ ଦେବେନ୍ଦ୍ର କୁମାର । ଏହି ସମ୍ମାନସୂଚକ ଉପାଧି ପ୍ରାପ୍ତ ହେବା ପରେ ଅଂଚଳରେ ଖୁସିର ଲହରୀ ଖେଳିଯାଇଛି ।

## ଗଞ୍ଜାମ ଜିଲ୍ଲାରେ ମନ୍ଦିର ଚୋରି ଘଟଣାରେ ରୋକ୍ ଲାଗୁନି

ଗଂଜାମ, ୨/୧ (ନି.ପ୍ର): ଗଞ୍ଜାମ ଜିଲ୍ଲାରେ ମନ୍ଦିରରୁ ଚୋରି ହେବା ଓ ହୁଣ୍ଡି ଭାଙ୍ଗି ଲୁଟେରାମାନେ ଲୁଟ କରିବା ନିତି ଦିନିଆ ଘଟଣା ହୋଇଗଲାଣି। ପୁଲିସ ଏହି ଲୁଟେରାମାନଙ୍କୁ କାବୁ କରିପାରୁନଥିବାରୁ ସାଧାରଣରେ ଉଦବେଗ ପ୍ରକାଶ ପାଇବାରେ ଲାଗିଛି। ଗତକାଲି ପୁଣି ନୂଆଁ ପଡା ଫାଣ୍ଡି ତପସ୍ୱୀ ମଠ ପରିସରରେ ଥିବା ହନୁମାନ ମନ୍ଦିରର ଚାବି ଭାଙ୍ଗି ଲୁଟେରାମାନେ ହୁଣ୍ଡିରୁ ପ୍ରାୟ ୨୦ ହଜାର ଟଙ୍କା ଲୁଟିନେଇ ଥିବା ପୁଲିସ ନିକଟ ଅଭିଯୋଗ ହୋଇଛି। ପୁଲିସ ଘଟଣା ସ୍ଥଳରେ ପହଂଚି ତଦନ୍ତ କରୁଛି।

# ମଣ୍ଡିରୁ ଧାନ ଉଠାଇନଥିବା ବେଳେ ଏହା ପୂର୍ବରୁ ଅଖା ବସ୍ତା ପ୍ରଦାନ କରିବାରେ ଚଂଚକତା ଅଭିଯୋଗ

ମାଲକାନଗିରି , ୨/୧ (ନି.ପ୍ର): ଜିଲ୍ଲାରେ ଏବେ ମଣ୍ଡି ଜୋରସୋରରେ ଚାଲୁ ରହିଥିବା ବେଳେ ଏଫଏକ୍ୟୁ ଧାନକୁ ନେଇ ଟଣାଓଟରା ମଧ ଚାଲିଛି। ଜିଲ୍ଲାରେ ଏବେ ଦଲାଲ ମାତିଛନ୍ତି। ଜିଲ୍ଲାରେ ୧୪ଟି ଲ୍ୟାମ୍ପସ ଏବଂ ଏସଏଚଜି ଅଧିନରେ ୬୫ଟି ମଣ୍ଡି ଚାଲୁଥିବା ବେଳେ ମଣ୍ଡି ଆରମ୍ଭ ହୋଇ ୧୫ ଦିନ ବିତିଗଲାଣି। ଆଜି ସୁଦ୍ଧା ୩ ଲକ୍ଷ ୩୫ ହଜାର କ୍ୱିଂଟାଲ ଧାନ ଖରିଦ ହୋଇସାରିଲାଣି ।ଜିଲ୍ଲାକୁ ମିଳିଛି ୯ ଲକ୍ଷ ୨୩ ହଜାର ୮୫୦ କିଲୋ ଧାନ ଖରିଦ କରିବାରୁ ଲକ୍ଷ୍ୟ ।ତେବେ ଆସନ୍ତା ୧୫ ଦିନ ମଧ୍ୟରେ ହୁଏତ ଏହି ଟାର୍ଗେଟ ପାର ହୋଇଯିବାର ଆଶଂକା ମଧ୍ୟ ରହିଛି। ଚାଷୀ ନିଜର ଧାନକୁ ସଫା କରି ଏଫଏକ୍ୟୁ ଧାନ ଆଣୁଥିବା ବେଳେ ମିଲରମାନେ ସେହି ଧାନକୁ ସହଜରେ ଉଠାଉଥିବା ଦେଖିବାକୁ ମିଳିଛି। କିନ୍ତୁ ଦଲାଲମାନେ ଅତ୍ୟନ୍ତ ଖରାପ ଧାନ ମଣ୍ଡିକୁ ଆଣୁଥିବା ବେଳେ ମିଲରମାନେ ସେହି ଧାନକୁ ନେବାକୁ ସଫା ସଫା ମନା କରୁଥିବା ଦେଖିବାକୁ ମିଳିଛି। ଦଲାଲମାନେ ନିଜର ଖରାପ ଧାନକୁ ଜବରଦସ୍ତ ମଣ୍ଡିରେ ବିକ୍ରି କରିବା ପାଇଁ ବାଧ କରୁଥିବା ବେଳେ ସେମାନଙ୍କର ଧାନକୁ କିଣାଯାଉନଥିବାରୁ ସେମାନେ ଜିଲ୍ଲାସ୍ତରର ଅଧିକାରୀ ଏବଂ ରାଜନୈତିକ ଦଳର ନେତାମାନଙ୍କୁ ଅନ୍ତର୍ଭୁକ୍ତ କରି ଚାପ ପ୍ରୟୋଗ କରୁଥିବା ଅଭିଯୋଗ ହୋଇଛି ।ଅନ୍ୟଦିଗରେ ଯୋଗାଣ ବିଭାଗ ତରଫରୁ ବର୍ତ୍ତମାନ ସୁଦ୍ଧା ୯୦୦ ବେଲ ଅଖା ବସ୍ତା ଆସିଥିବା ବେଳେ ସମସ୍ତ ଅଖାବସ୍ତା ଜିଲ୍ଲାର ୨୭ଟି ମିଲରଙ୍କୁ ପ୍ରଦାନ କରାଯାଇଥିବା କୁହାଯାଇଛି।

# କୋଶଳି ଭାଷା ସୁରକ୍ଷା ସମିତି ଟିଟିଲାଗଡ଼ ପକ୍ଷରୁ ଏକ ସାରସ୍ୱତ ସଭା

ବଲାଙ୍ଗିର, ୨/୧ (ନି.ପ୍ର): ବର୍ଷ ୨୦୨୪କୁ ବିଦାୟ ଦେବା ଓ ୨୦୨୫କୁ ସ୍ୱାଗତ କରିବା ପରିପ୍ରେକ୍ଷୀରେ ସ୍ଥାନୀୟ କୋଶଳି ଭାଷା ସୁରକ୍ଷା ସମିତି ଟିଟିଲାଗଡ଼ ପକ୍ଷରୁ ଏକ ସାରସ୍ୱତ ସଭା ସ୍ଥାନୀୟ ଆଦିବାସୀ ଭବନରେ ଆୟୋଜିତ ହୋଇଥିଲା । ଏହି ଅବସରରେ ଅନୁଷ୍ଠାନର ଅଧ୍ୟକ୍ଷ ଭିକାରୀ ଚରଣ ମିଶ୍ର, ବରିଷ୍ଠ ଲେଖକ ସେବକ ଚରଣ ଦାଶ, ପ୍ରଫେସର ଜୟଦେବ କର, ସମ୍ବାଦ ସାହିତ୍ୟ ଘରର ସଭାପତି ସଞ୍ଜୟ କୁମାର ଅଗସ୍ତି, ବିଶିଷ୍ଟ କୋଶଳି କବି ସୁଶାନ୍ତ ବାଗ, ସଭାପତି ଦିଲିପ କୁମାର ପସାୟତ ଓ କୋଶଳି ସାଂସ୍କୃତିକ ମହାଯୋଟର ସଭାପତି ଟିକେଲାଲ ବେହେରା ପ୍ରମୁଖ ମଂଚାସୀନ ଥିଲେ । କୋଶଳାଂଚଳର ମୁଖ୍ୟ ଭାଷା କୋଶଳି । ଏହି ଭାଷାକୁ ପ୍ରାୟ ଦେଢ଼ କୋଟି ଲୋକ ବ୍ୟବହାର କରନ୍ତି । ଶହଶହ ଲେଖକ ସାହିତ୍ୟ ସୃଷ୍ଟି କରୁଛନ୍ତି । ତେଣୁ କୋଶଳି ଭାଷାକୁ ସମ୍ବିଧାନର ଅଷ୍ଟମ ସୂଚୀରେ ଅନ୍ତର୍ଭୁକ୍ତ କରିବା, ପ୍ରାଥମିକ ଶିକ୍ଷା ସ୍ତରରେ ସାମିଲ କରିବା, ସାହିତ୍ୟ ଏକାଡେମୀ ପ୍ରତିଷ୍ଠା କରିବା । କବି ଲେଖକମାନଙ୍କୁ ପୁରସ୍କୃତ କରିବା ବିଷୟ ଅପରିହାର୍ଯ୍ୟ ହୋଇପଡିଛି ବୋଲି ମଂଚାସୀନ ଅତିଥିମାନେ ମତବ୍ୟକ୍ତ କରିଥିଲେ ।

# ମଦ ଛାଡ଼ିଲେ ରୋଗ କମେ



ସିନେମା ହଲ୍‌ଠାରୁ ଆରମ୍ଭ କରି ମଦବୋତଲରେ ମଧ ଆମେ 'ମଦ୍ୟପାନ ସ୍ୱାସ୍ଥ୍ୟ ପକ୍ଷେ କ୍ଷତିକାରକ' ବୋଲି ଏକ ସତର୍କତାମୂଳକ ବାର୍ତ୍ତା ପଢ଼ିଥାଉ। ତଥାପି ମଦ ଅନ୍ୟତମ ସର୍ବାଧିକ ବ୍ୟବହୃତ ପାନୀୟର ମାନ୍ୟତା ବହନ କରୁଛି। ମଦ୍ୟପାନ ଆମ ଶରୀରର ରୋଗପ୍ରତିରୋଧକ ଶକ୍ତିକୁ ଦୁର୍ବଳ କରିଦେବା ସହ ହୃଦ୍‌ଘାତ ଓ କର୍କଟ ପରି ସଂଖ୍ୟାଧିକ ରୋଗର କାରଣ ସାଜିଥାଏ। ତେବେ ଜଣେ ମଦ୍ୟପକୁ ସେଥିରୁ ହଠାତ୍ ବିରତ କରାଇବା ଦ୍ୱାରା ବେଳେବେଳେ ତାକୁ ନିଷ୍ଫଳ ହେଲା ପରି ଅନୁଭବ ଆଣିବା ସହ ଏପରିକି ମୃତ୍ୟୁମୁଖରେ ମଧ ପକାଇଥାଏ। ତେଣୁ ମଦ୍ୟପାନ ତ୍ୟାଗ କରିବା ସହଜ ନୁହେଁ। ତଥାପି ମଦ ଛାଡୁଥିବା ବ୍ୟକ୍ତି ତାହାର ମାସକ ପରେ ଅନେକ ସ୍ୱାସ୍ଥ୍ୟାନୁକୂଳ ଅବସ୍ଥା ଲାଭ କରିଥାଏ। ତେଣୁ ଆଜି ମଦ୍ୟପାନ ତ୍ୟାଗ କରିବାର କିଛି ସ୍ୱଳ୍ପମିଆଦୀ ଓ ଦୀର୍ଘମିଆଦୀ ଉପକାର ବାବଦରେ ଜାଣିବା।

ମଦ୍ୟପାନ ଯକୃତ ରୋଗର ଏକ ମୁଖ୍ୟ କାରଣ। ଏକ ଅନୁଧ୍ୟାନ ଅନୁଯାୟୀ, ଜଣେ ମଦ ଛାଡ଼ିବାର ମାତ୍ର ମାସକ ପରେ ନଷ୍ଟ ହୋଇଥିବା ଯକୃତର ୧୫ରୁ ୨୦ ପ୍ରତିଶତ କ୍ଷତି ଭରଣା ହୋଇଯାଇଥାଏ। ମଦ୍ୟପାନ ଦ୍ୱାରା ନିଦ୍ରାରେ ବିଶୃଙ୍ଖଳା ଦେଖାଦେଇ ନିଦ୍ରାହୀନତା (ଇନ୍‌ସୋମ୍ନିଆ) ପରି ରୋଗର ଶିକାର ହେବାକୁ ପଡ଼ିଥାଏ। ତେଣୁ ମଦ ତ୍ୟାଗ କରିବା ଭଲ ନିଦ ଆସିବାରେ ସାହାଯ୍ୟ କରିଥାଏ, ଯାହା ସମଗ୍ର ସ୍ୱାସ୍ଥ୍ୟ ପାଇଁ ଗୁରୁତ୍ୱପୂର୍ଣ୍ଣ। ସେହିପରି ମଦରେ ଉଚ୍ଚମାନର କ୍ୟାଲୋରି ରହିଥିବାରୁ ତାହା ଓଜନ ବଢ଼ାଇଥାଏ। ସୁତରାଂ ମଦ୍ୟପାନରୁ ବିରତ ରହିଲେ ଜଣେ



ଅନାବଶ୍ୟକ ଓଜନ ହରାଇ ଶାରୀରିକ ସୁସ୍ଥତା ବଜାୟ ରଖିପାରିବ। ମଦ୍ୟପାନ ସହିତ ହୃଦ୍‌ରୋଗ ଓ କର୍କଟ ପରି ରୋଗର ସମ୍ପର୍କ ରହିଛି। ତେଣୁ ମଦ ଛାଡ଼ିଲେ ସେସବୁ ରୋଗ ଆଶଙ୍କା ଉଲ୍ଲେଖନୀୟ ଭାବେ କମିଥାଏ। ସେହିପରି ମଦ୍ୟପାନ ଦ୍ୱାରା ଯକୃତର ଜୀବକୋଷଗୁଡ଼ିକ ପ୍ରଭାବିତ ହୋଇ ଯକୃତ ଜନିତ ରୋଗର କାରଣ ସାଜିଥାଏ। ତେଣୁ ମଦ୍ୟପାନକୁ ଦୂରେଇଦେଲେ ନଷ୍ଟ ହୋଇଯାଇଥିବା ଯକୃତର ମରାମତି ହୋଇପାରିବା ସହ ତାହାର କ୍ରିୟାରେ ମଧ ଉନ୍ନତି ଆସିଥାଏ।

ଏପରିକି ଏକ ଅନୁଧ୍ୟାନ ଅନୁଯାୟୀ, ଜଣେ ମଦ ଛାଡ଼ିବାର ମାସକ ପରେ ନଷ୍ଟ ହୋଇଥିବା ଯକୃତର ୧୫ରୁ ୨୦ ପ୍ରତିଶତ କ୍ଷତି ଭରଣା ହୋଇଥାଏ ବୋଲି ଜଣାଯାଇଛି। ମଦ ଛାଡ଼ିବା ମସ୍ତିଷ୍କ କ୍ରିୟାକୁ ଉନ୍ନତ କରି ଜଣକର ମନୋଭାବରେ ସକାରାତ୍ମକ ପରିବର୍ତ୍ତନ ଆଣିଥାଏ। ମାତ୍ରାଧିକ ମଦ ପିଇବା ଦ୍ୱାରା ଶରୀରର ବିଭିନ୍ନ ତନ୍ତୁ ଗଠନ କରୁଥିବା କୋଲାଜେନ୍ ଓ ଇଲାଷ୍ଟିନ୍ ପରି ପୁଷ୍ଟିସାର ନଷ୍ଟ ହୋଇ ଅକାଳ ବାର୍ଦ୍ଧକ୍ୟ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଥାଏ। ତେଣୁ ସେଥିରୁ ବିରତ ରହିଲେ ବାର୍ଦ୍ଧକ୍ୟ ପ୍ରକ୍ରିୟା ଧିମେଇଯିବା ସହ ଚର୍ମର କୋମଳତା ମଧ ଫେରିଆସିପାରିବ। ମଦକୁ ପରିହାର କରିବା ଦ୍ୱାରା ଶରୀରରେ ଗଚ୍ଛିତ ଅତ୍ୟଧିକ ଚର୍ବି ତରଳିଯାଇ ଫୁଲିଥିବା ଯକୃତ ସଂକୁଚିତ ହୋଇଆସେ ଏବଂ ପାକସ୍ଥଳୀର ହଜମକ୍ରିୟା ମଧ ଉନ୍ନତ ହୋଇଥାଏ। ସର୍ବୋପରି ଏହା ଚର୍ମକୁ ସୁସ୍ଥ ରଖି ଜଣକୁ ଯୁବସୁଲଭ ଓ ସକ୍ରିୟ ରଖିଥାଏ।

# ଶରୀରରୁ କମିଯାଉଛି ଏହି ସବୁ ଉପାଦାନ: ଜାଣନ୍ତୁ କିପରି କରିବେ ଭରଣ

**ସମ୍ପ୍ରତି ଏକ ଅଧ୍ୟୟନରୁ ଜଣାଯାଇଛି ଯେ, ଭାରତରେ ରହୁଥିବା ଲୋକଙ୍କ ଶରୀରରେ ଲୌହ ବା ଆଇରନ, କ୍ୟାଲସିୟମ ଏବଂ ଫୋଲେଟର ଅଭାବ ଦେଖାଯାଉଛି। ଏହି ଅଧ୍ୟୟନର ଫଳାଫଳ ଦି ଲାନସେଟରେ ପ୍ରକାଶ ପାଇଥିଲା। ଏହି ତିନି ଉପାଦନ ସ୍ୱାସ୍ଥ୍ୟ ପାଇଁ ନିହାତି ଜରୁରୀ। ଏସବୁର ଅଭାବକୁ ରୋକିବା ପାଇଁ କେଉଁ କେଉଁ ଖାଦ୍ୟ ଗ୍ରହଣ କରିବେ, ଜାଣନ୍ତୁ...**

ଲୌହ ଅଭାବକୁ କିପରି ରୋକିବେ:
ଲୌହ ଅଭାବକୁ ଦୂର କରିବା ପାଇଁ, ଖାଦ୍ୟରେ ଲୌହଯୁକ୍ତ ଖାଦ୍ୟ ଅନ୍ତର୍ଭୁକ୍ତ କରନ୍ତୁ। ଏଥିପାଇଁ ବିନ୍ସ, ଡାଲି, ଛୋଲେ, ସାଇଟ୍ରସ୍ ଫଳ, ପାଳଙ୍ଗ ଭଳି ଖାଦ୍ୟ ଗ୍ରହଣ କରନ୍ତୁ। ଏହା ବ୍ୟତୀତ ଲୌହ ଅଭାବକୁ ଦୂର କରିବା ପାଇଁ କଖାରୁ ମଞ୍ଜି ଏବଂ କାଜୁ ବାଦାମ ଖାଇବାକୁ ମଧ ପରାମର୍ଶ ଦିଆଯାଏ। ଯଦି ଶାକାହାରୀ ନୁହଁନ୍ତି, ତେବେ ରେଡ୍ ମିଟ୍, ସାମୁଦ୍ରିକ ଖାଦ୍ୟ ଏବଂ ମାଂସ ଖାଇପାରିବେ। କିନ୍ତୁ ରେଡ୍ ମିଟ୍ ଖାଇବାକୁ ଚାହୁଁଥିଲେ ପ୍ରଥମେ ଡାକ୍ତରଙ୍କ ପରାମର୍ଶ ଗ୍ରହଣ କରିବା ଉଚିତ୍।
କ୍ୟାଲସିୟମ ଅଭାବ ଅସ୍ଥି ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପକାଇପାରେ। କ୍ୟାଲସିୟମ ଅଭାବରୁ ମୁକ୍ତି ପାଇବା ପାଇଁ ଦୁଗ୍ଧ, ଛେନା, ଦହି, ଘିଅ ଆଦି ଖାଇବା ଆବଶ୍ୟକ। ଏହା ବ୍ୟତୀତ ଟୋଫୁ (ସୋୟା ପନିର)ରେ ଉତ୍ତମ ପରିମାଣର କ୍ୟାଲସିୟମ୍ ମଧ ମିଳିଥାଏ। କ୍ୟାଲସିୟମ ଅଭାବକୁ ଦୂର କରିବା ପାଇଁ



ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ମଧ ବାଦାମ ଖାଇବାକୁ ପରାମର୍ଶ ଦିଅନ୍ତି।
ଫୋଲେଟ୍ ଅଭାବକୁ କିପରି ଦୂର କରିବେ:
ଶରୀରରେ ଫୋଲେଟର ଅଭାବ କାରଣରୁ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଅନେକ ସମସ୍ୟା ଉପୁଜିପାରେ। ଯଦି ଫୋଲେଟ୍ ଅଭାବରୁ ମୁକ୍ତି ପାଇବାକୁ ଚାହାଁନ୍ତି, ତେବେ ଡାଏଟରେ ପାଳଙ୍ଗ, ବ୍ରୋକୋଲି ଏବଂ ଉଲକୋବି ଖାଇବା ଉଚିତ୍। କମଳା, ଲେମ୍ବୁ, ଅଙ୍ଗୁର ଏବଂ ଆଭୋକାଡୋରେ ମଧ ଉତ୍ତମ ପରିମାଣର ଫୋଲେଟ୍ ମିଳିଥାଏ।

# ଗାଜର ଜୁସ୍ ପିଇଲେ ମିଳେ ଏହି ସବୁ ଫାଇଦା

ଶୀତଋତୁରେ ଅନେକ ପନିପରିବା ମିଳେ। ଏସବୁ ପନିପରିବା ସ୍ୱାସ୍ଥ୍ୟ ପାଇଁ ବେଶ୍ ଉପକାରୀ। ସେଥିମଧ୍ୟରୁ ଗାଜର ଅନ୍ୟତମ। ଗାଜରରୁ ଭିଟାମିନ୍ ଏ, ଫାଇବର, ଭିଟାମିନ୍ କେ୧, ପୋଟାସିୟମ୍ ଏବଂ ଆଣ୍ଟିଅକ୍ସିଡାଣ୍ଟ ମିଳିଥାଏ। ଏହାକୁ ଖାଇବା ଦ୍ୱାରା ଅନେକ ସୁଫଳ ମିଳିଥାଏ। ଖଣ୍ଡ ଗାଜର ଖାଇବା ଅପେକ୍ଷା ଏହାକୁ ଜୁସ୍ କରି ପିଇବା ଅତ୍ୟନ୍ତ ଲାଭଦାୟକ। ଗାଜର ଜୁସ୍ ପିଇବା ଦ୍ୱାରା କି କି ଉପକାରିତା ମିଳେ, ଜାଣନ୍ତୁ କଣ ଫାଇଦା ମିଳିଥାଏ। ପ୍ରତିରକ୍ଷା ପ୍ରଣାଳୀ ବା ଇମ୍ୟୁନିଟି ବୁଷ୍ଟ କରିବାକୁ ଚାହୁଁଥିଲେ ଗାଜର ଜୁସ୍ ଅତ୍ୟନ୍ତ ପ୍ରଭାବଶାଳୀ। ଶୀତଦିନେ ଦୁର୍ବଳ ପ୍ରତିରୋଧକ ଶକ୍ତିକୁ ଦୃଢ କରିବାରେ ଗାଜର ସର୍ବୋତ୍ତମ ହୋଇପାରେ। ନିୟମିତ ଗାଜର ଜୁସ୍ ପିଇବା ଦ୍ୱାରା ଇମ୍ୟୁନିଟି ବୁଷ୍ଟ ହୋଇଥାଏ, ଫଳରେ ସଂକ୍ରମଣ ଏବଂ ଋତୁକାଳୀନ ରୋଗ ଆଶଙ୍କା ଦୂର ହୁଏ। ଏହା ବ୍ୟତୀତ ଗାଜର ଜୁସ୍ ରକ୍ତଚାପକୁ ନିୟନ୍ତ୍ରଣ କରିବାରେ ଏବଂ ହୃଦୟ ସ୍ୱାସ୍ଥ୍ୟକୁ ମଜବୁତ କରିବାରେ ମଧ ପ୍ରଭାବଶାଳୀ ହୋଇପାରେ। ଗାଜରରେ ଫାଇବର ଥିବାରୁ ଏହା ହଜମ ପ୍ରକ୍ରିୟାରେ ଉନ୍ନତି ଆଣିବାରେ ବେଶ୍ ପ୍ରଭାବଶାଳୀ। କୋଷ୍ଠକାଠିନ୍ୟ ପରି ପେଟ ସମ୍ବନ୍ଧୀୟ ସମସ୍ୟାରୁ ମୁକ୍ତି ପାଇବା ପାଇଁ ଗାଜର ଜୁସ୍ ପିଇପାରିବେ। ଗାଜର ଜୁସ୍ ପିଇବା ଦ୍ୱାରା କେବଳ ସ୍ୱାସ୍ଥ୍ୟ ନୁହେଁ ବରଂ ତ୍ୱଚା ପାଇଁ ମଧ ଖୁବ୍ ଲାଭଦାୟକ ବୋଲି ବିବେଚନା କରାଯାଏ। ପ୍ରତିଦିନ ଗାଜର ଜୁସ୍ ପିଇଲେ କମ୍ ବୟସରୁ ଚର୍ମ କୁଞ୍ଚନ ହୋଇନଥାଏ। ତ୍ୱଚାରେ ଚମକ ରହିଥାଏ। ଏହା ବ୍ୟତୀତ ଗାଜର ଜୁସ୍ ଆଖି ସ୍ୱାସ୍ଥ୍ୟ ଉପରେ ମଧ ସକାରାତ୍ମକ ପ୍ରଭାବ ପକାଇପାରେ।



# ଯେତେ ଔଷଧ ଦେଲେ ବି ପିଲାର ଥଣ୍ଡା ଭଲ ହେଉନି କି... କରନ୍ତୁ ଏହି ଘରୋଇ ଚିକିତ୍ସା

ସାଧାରଣତଃ ଛୋଟ ପିଲାମାନଙ୍କୁ ଖାଇବାକୁ ଦେବା ସହଜ ନୁହେଁ। ଯେକୌଣସି ଜିନିଷ ହେଉ ପଛେ ସେମାନଙ୍କୁ ଖୁଆଇବା କଷ୍ଟକର। ପିଲାମାନେ ଏତେ ଶୀଘ୍ର କିଛି ଖାଇବାକୁ ପ୍ରସ୍ତୁତ ନୁହଁନ୍ତି। ଏହାସହିତ ବର୍ତ୍ତମାନର ପାଗ ମଧ ଏପରି ଯେ ପିଲାମାନେ ଶୀଘ୍ର ଅସୁସ୍ଥ ହୋଇପାରନ୍ତି। ଥଣ୍ଡା, କାଶ, ଗଳା ଯନ୍ତ୍ରଣା ଅତି ସାଧାରଣ କଥା। ଥରେ ପିଲାମାନଙ୍କୁ କାଶ ହେଲେ ଏହା ଅନେକ ଦିନ ପର୍ଯ୍ୟନ୍ତ ରହିଥାଏ। ମୁଣ୍ଡରେ କିଛି ପଶେନି, ବୁଝାପଡେନି କେଉଁ ଔଷଧ ଦେଲେ ଶିଘ୍ର ଆରାମ ମିଳିବ। ଏଭଳି ପରିସ୍ଥିତିରେ ଅଧିକ ଔଷଧ ଏବଂ କଫ ସିରପ ଦେବା ପରିବର୍ତ୍ତେ, ଆପଣ ଘରୋଇ ଉପଚାର ସହିତ ପିଲାମାନଙ୍କର କାଶ ଏବଂ ଥଣ୍ଡାକୁ ଭଲ କରିପାରିବେ। ଘରୋଇ ଚିକିତ୍ସାରେ ଆପଣ ଜାଇଫଳକୁ ନେଇପାରିବେ। ଏଥିରେ ଏକ ମସଲା ଅଛି, ଯାହା ସେମାନଙ୍କର କାଶକୁ ଭଲ କରିପାରେ।



ଜାଇଫଳର ଉପକାର: ଜାଇଫଳ ଖାଲି ଖାଦ୍ୟର ସ୍ୱାଦ ବଢାଇ ନ ଥାଏ, ଏହା ଶରୀର ପାଇଁ ମଧ ବହୁତ ଲାଭଦାୟକ। ଏହାକୁ ଔଷଧ ତିଆରି ପାଇଁ ମଧ ବହୁଳ ଭାବରେ ବ୍ୟବହୃତ ହୁଏ। ଆପଣ ଜାଣନ୍ତି କି ଜାଇଫଳ ମଧ ପିଲାମାନଙ୍କ ପାଇଁ ଅତ୍ୟନ୍ତ ଲାଭଦାୟକ ହୋଇଥାଏ।
ତେବେ ପିଲାକୁ ଯଦି କାଶ ହେଉଥାଏ ଏକ ଚାମଚ ଜାଇଫଳ ଖାଇବାକୁ ଦିଅନ୍ତୁ। ଏହାପରେ ସେମାନେ ଯଥା ଶିଘ୍ର କାଶ ଏବଂ ଥଣ୍ଡାରୁ ମୁକ୍ତି ପାଇଯିବେ। ଏହା ସେମାନଙ୍କର ରୋଗ ପ୍ରତିରୋଧକ ଶକ୍ତି ମଧ ବଢାଇଥାଏ। ଯେତେବେଳେ ଶରୀରର ରୋଗ ପ୍ରତିରୋଧକ ଶକ୍ତି ଦୁର୍ବଳ ହୁଏ, ସେତେବେଳେ ଅନେକ ରୋଗ ଏବଂ ସଂକ୍ରମଣର ଆଶଙ୍କା ବଢିଯାଏ। ଏଭଳି ପରିସ୍ଥିତିରେ, ପିଲାମାନଙ୍କୁ ଏକ ଚାମଚ ଜାଇଫଳକୁ ଚଟେଇଦେଲେ ରୋଗ ପ୍ରତିରୋଧକ ଶକ୍ତି ଦୃଢ ହୋଇପାରେ। ଏହି ମସଲାରେ ହଜମକାରୀ ଏନ୍‌ଜାଇମ୍ ଥାଏ, ଯାହା ଶିଶୁର ହଜମ ପ୍ରକ୍ରିୟାକୁ ମଜବୁତ କରିଥାଏ। ପିଲାମାନେ ଅନେକ ସମୟରେ ପେଟ ଯନ୍ତ୍ରଣା ଏବଂ ଗ୍ୟାସ ସମସ୍ୟାରେ ପୀଡିତ ହୋଇଥାନ୍ତି। ଏକ ଚାମଚ ଜାଇଫଳ ପାଉଡରକୁ ମହୁରେ ମିଶାଇ ଏହାକୁ ଚାଟିବା ଦ୍ୱାରା ପେଟ ଯନ୍ତ୍ରଣା ଏବଂ ଗ୍ୟାସ ସମସ୍ୟାରୁ ମୁକ୍ତି ମିଳିଥାଏ। ବର୍ଷା ଏବଂ ଶୀତ ଋତୁରେ ମଧ ଆପଣ ପିଲାମାନଙ୍କୁ ଜାଇଫଳ ଦେଇପାରିବେ। ଯଦି ଏହି ଋତୁରେ ଥଣ୍ଡା ଏବଂ କାଶ ଅଛି, ତେବେ କିଛି ସୋରିଷ ତେଲରେ ଜାଇଫଳ ପାଉଡର ମିଶାନ୍ତୁ। ଏହାକୁ ସାମାନ୍ୟ ଗରମ କରନ୍ତୁ ଏବଂ ପିଲାମାନଙ୍କର ଛାତିରେ ମାଲିସ୍ କରନ୍ତୁ। ଥଣ୍ଡା ଏବଂ କାଶରୁ ଆରାମ ମିଳିବ। ଜାଇଫଳ ତେଲରେ ଥିବା ଆଣ୍ଟି-ଇନ୍‌ଫ୍ଲାମେଟୋରୀ ଗୁଣ ମଧ ଲାଭଦାୟକ ହୋଇଥାଏ। ଯଦି ଶିଶୁର ଦାନ୍ତ ଉଠିବାରେ ବିଳମ୍ବ ହୁଏ ଜାଇଫଳ ଏବଂ ମିଶ୍ରୀକୁ ଗ୍ରାଇଣ୍ଡ କରି ଏକ ପାଉଡର ତିଆରି କରନ୍ତୁ। ଏହାକୁ କ୍ଷୀର କିମ୍ବା ପାଣିରେ ମିଶାଇ ପିଲାକୁ ଦିଅନ୍ତୁ। ଏହି କାରଣରୁ, ଦାନ୍ତ ଶୀଘ୍ର ଉଠିପାରେ। ଜାଇଫଳ ତେଲ ଦାନ୍ତ ଉଠିବା ସମୟର ଯନ୍ତ୍ରଣାକୁ ମଧ ହ୍ରାସ କରିବାରେ ସାହାଯ୍ୟ କରେ। ଆପଣ ଏହି ତେଲକୁ ଶିଶୁର ଚର୍ମରେ ମଧ ଲଗାଇ ପାରିବେ, ଏହା ଚର୍ମକୁ କୋମଳ ଏବଂ ଚିକ୍କଣ କରିପାରେ। ଜାଇଫଳରେ ଥିବା ଔଷଧୀୟ ଗୁଣ ମେଟାବୋଲିଜିମ୍‌କୁ ବଢାଇଥାଏ। ଏହାକୁ ଗ୍ରାଇଣ୍ଡ କରି କ୍ଷୀରରେ ମିଶାଇ ପିଲାକୁ ଖାଇବାକୁ ଦିଅନ୍ତୁ, ହଜମ ଭଲ ହେବ। ଯେଉଁ ପିଲାମାନେ ଠିକ୍‌ରେ ଖାଦ୍ୟ ନ ଖାଉଥିବେ ସେମାନଙ୍କୁ ମଧ କ୍ଷୀରରେ ମିଶାଇ ଖାଇବାକୁ ଦେଇପାରିବେ। ଏହା ସେମାନଙ୍କର ଭୋକକୁ ବଢାଇଥାଏ।

# କେଉଁମାନଙ୍କ କ୍ଷେତ୍ରରେ ଭିଟାମିନ-ଡି ଅଭାବ ଅଧିକ ଦେଖାଯାଏ ?




ବିଭିନ୍ନ ଭିଟାମିନ ମଧ୍ୟରୁ ଭିଟାମିନ-ଡି ସ୍ୱାସ୍ଥ୍ୟ ପାଇଁ ଏକ ଜରୁରୀ ପୁଷ୍ଟିକର ଉପାଦାନ। ଏହା ଶରୀରକୁ ଶକ୍ତି ଯୋଗାଇବା ସହ ହାଡ଼କୁ ମଜବୁତ କରିଥାଏ।
ସୁସ୍ୱାସ୍ଥ୍ୟ ବଜାୟ ରହିବା ପାଇଁ ଭିଟାମିନ୍, ପ୍ରୋଟିନ ଓ ମିନେରାଲ୍ସ ନିହାତି ଆବଶ୍ୟକ। ବିଭିନ୍ନ ଭିଟାମିନ ମଧ୍ୟରୁ ଭିଟାମିନ-ଡି ସ୍ୱାସ୍ଥ୍ୟ ପାଇଁ ଏକ ଜରୁରୀ ପୁଷ୍ଟିକର ଉପାଦାନ। ଏହା ଶରୀରକୁ ଶକ୍ତି ଯୋଗାଇବା ସହ ହାଡ଼କୁ ମଜବୁତ କରିଥାଏ। କେଉଁମାନଙ୍କ କ୍ଷେତ୍ରରେ ଭିଟାମିନ-ଡି ଅଭାବ ଅଧିକ ଦେଖାଯାଏ, ଜାଣନ୍ତୁ...
ଗାଢ ଚର୍ମ ଥିବା ବ୍ୟକ୍ତି - ଯେଉଁମାନଙ୍କର ଚର୍ମ ରଙ୍ଗ ଗାଢ଼, ସେମାନଙ୍କ ଶରୀରରେ ଭିଟାମିନ୍-ଡିର ଅଭାବ ଦେଖାଯାଏ। ଏହାର କାରଣ ହେଉଛି ସେମାନଙ୍କ ଚର୍ମର ପ୍ରଥମ ସ୍ତରରେ ମେଲାନିନ ଥାଏ, ଯେଉଁଥିପାଇଁ ସେମାନେ ଅଧିକ ଭିଟାମିନ-ଡି ଆବଶ୍ୟକ କରନ୍ତି।
ନନଭେଜ୍ ଖାଉଥିବା ବ୍ୟକ୍ତି - ଯେଉଁମାନେ ଅଧିକ ନନଭେଜ୍ ଖାଆନ୍ତି, ସେମାନଙ୍କ ଶରୀରରେ ଭିଟାମିନ-ଡିର ଅଭାବ ଦେଖାଦିଏ। ଶରୀରକୁ ନନଭେଜରୁ ପ୍ରଚୁର ପ୍ରୋଟିନ୍ ମିଳିଥାଏ କିନ୍ତୁ ଭିଟାମିନ-ଡିର ଅଭାବ ରହିଯାଏ। ଭିଟାମିନ-ଡି ପାଇଁ ଯଥାସମ୍ଭବ ପନିପରିବା, ଫଳ ଏବଂ ଦୁଗ୍ଧ ଜାତୀୟ ଖାଦ୍ୟ ଖାଇବା ଉଚିତ୍।
ଡେସ୍କରେ ବସି କାମ କରୁଥିବା ଲୋକ - ଆଜିକାଲି, ବନ୍ଦ ଏସି ଅଫିସରେ ୯ ଘଣ୍ଟା କାମ କରୁଥିବା ଲୋକଙ୍କ ଶରୀରରେ ଭିଟାମିନ-ଡିର ଅଭାବ ଦେଖାଦେଉଛି। ଯେଉଁମାନେ ସକାଳ ଶିଫ୍ଟରେ କାମ କରନ୍ତି ଏବଂ ଯେଉଁମାନେ ବିଳମ୍ବିତ ରାତିରେ କିମ୍ବା ସନ୍ଧ୍ୟା ଶିଫ୍ଟରେ କାମ କରି ସକାଳେ ଶୀଘ୍ର ଉଠିପାରନ୍ତି ନାହିଁ, ସେମାନେ ମଧ ସକାଳର ସୂର୍ଯ୍ୟ କିରଣ ପାଇପାରନ୍ତି ନାହିଁ। ଏପରି ପରିସ୍ଥିତିରେ ଶରୀରରେ ଭିଟାମିନ-ଡି ହ୍ରାସ ପାଇବା ଆରମ୍ଭ କରେ।
୫୦ ବର୍ଷରୁ ଅଧିକ ଲୋକ - ବୟସ ବଢିଲେ ଅନେକ ପ୍ରକାର ରୋଗ ମାଡ଼ିବସେ। ବୟସ ବଢିବା ସହିତ ଶରୀରରେ ଭିଟାମିନ୍, ପ୍ରୋଟିନ୍ ଏବଂ କ୍ୟାଲସିୟମ୍ କମିବା ଆରମ୍ଭ କରେ। ୫୦ ବର୍ଷରୁ ଊର୍ଦ୍ଧ୍ୱ ଲୋକେ ଏଥିରେ ଶିକାର ହୁଅନ୍ତି।




# ସକାଳୁ ଫୋନ୍ ଛୁଇଁବା ମନା



ସକାଳୁ ଶଯ୍ୟା ଛାଡ଼ିବା ମାତ୍ରେ ପ୍ରଥମେ ଫୋନ୍ ଖେଳାଇବାଟା ଅନେକଙ୍କର ଅଭ୍ୟାସରେ ପରିଣତ ହୋଇଛି। ପୁଣି କେହି କେହି ସକାଳୁ ଉଠିବା ଲାଗି ଆଲାର୍ମ ଖଞ୍ଜିଥିବାରୁ ଏଭଳି ଅଭ୍ୟାସ ସୃଷ୍ଟି ହୋଇଛି। ଆଲାର୍ମକୁ ବନ୍ଦ କରିବା ସହ ଆମେ ଫୋନ୍ ଖୋଲି ସାମାଜିକ ଗଣମାଧ୍ୟମର ଘଟଣାବଳି ଜାଣିବା ଆଶାରେ ଫୋନ୍‌ରେ ମନୋନିବେଶ କରୁ। ମାତ୍ର ସକାଳେ ଫୋନ୍ ବ୍ୟବହାର କରିବାର କୁପରିଣତି ଆମ ସ୍ୱାସ୍ଥ୍ୟ ଉପରେ ପଡ଼ିଥାଏ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ସତର୍କ କରାଇ ଦେଇଛନ୍ତି। ଏହା ମାନସିକ ସ୍ୱାସ୍ଥ୍ୟକୁ କ୍ଷତିଗ୍ରସ୍ତ କରିବା ସହ ଚାପ, ଉଦ୍‌ବେଗ ଓ ଅବସାଦ ଆଦିର କାରଣ ସାଜି ଥାଏ।ଏହା ମଧ ଦୈନିକ ନିଦ୍ରାଚକ୍ରକୁ ପ୍ରଭାବିତ କରିଥାଏ। ଫୋନ୍ ପରଦାରୁ ନିର୍ଗତ ନୀଳ ଆଲୋକରଶ୍ମି ନିଦ୍ରାସୃଷ୍ଟିକାରୀ 'ମେଲା ଟୋନିନ୍' ହରମୋନ୍ କ୍ଷରଣରେ ବାଧା ଉପୁଜାଇଥାଏ। ଫଳରେ ନିଦ ଆସିବାରେ ଅସୁବିଧା ହୋଇଥାଏ ଏବଂ ବେଳେ ବେଳେ ନିଦ୍ରାହୀନ ରାତି କାଟିବାକୁ ପଡ଼ିଥାଏ, ଯାହା ପରୋକ୍ଷରେ ସ୍ୱାସ୍ଥ୍ୟ ପାଇଁ ହାନିକାରକ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## କୁମ୍ଭୀର କାନ୍ଦଣା...

ଦୀର୍ଘ ୧୯ମାସରୁ ଊର୍ଦ୍ଧ୍ୱ ସମୟ ଧରି ଜାତିଆଣ ହିଂସା, ବୀଭତ୍ସ ହତ୍ୟା, ଗୃହଦାହ ଆଦିରେ ସମ୍ବେଦନହୀନ ମଣିପୁର ମୁଖ୍ୟମନ୍ତ୍ରୀ ଏନ୍ ବୀରେନ୍ ସିଂହଙ୍କ ସାମ୍ପ୍ରତିକ ପଶ୍ଚାତାପ କୁମ୍ଭୀର କାନ୍ଦଣା ରୂପେ ଅଭିହିତ ହୋଇ ନଥା'ନ୍ତା ଯଦି ମଣିପୁର ସ୍ଥିତି ପାଇଁ କ୍ଷମାପ୍ରାର୍ଥନା କରିବା ପରେ ପରେ ସେ କଂଗ୍ରେସକୁ ପାଲଟା ଆକ୍ରମଣ କରି ନ ଥା'ନ୍ତେ। ତେଣୁ ଶ୍ରୀସିଂହଙ୍କ ଏହି ପଶ୍ଚାତାପ ଓ କ୍ଷମାପ୍ରାର୍ଥନା ପଛରେ ଆନ୍ତରିକତା କମ୍ ରାଜନୈତିକ ଅଭିସନ୍ଧି ଅଧିକ ବୋଲି ଅଭିଯୋଗ ହେବା ସ୍ୱାଭାବିକ। ପଶ୍ଚାତାପର ଅଗ୍ନିରେ ଜଳୁଥିବା ଜଣେ ବ୍ୟକ୍ତି ହଠାତ୍ ଏଭଳି ପ୍ରତିକ୍ରିୟାଶୀଳ ହେବାର ଚରିତ୍ରବତ୍ତା ଖୁବ୍ ଅଳ୍ପ ବ୍ୟକ୍ତିଙ୍କ କ୍ଷେତ୍ରରେ ପରିଲକ୍ଷିତ ହୁଏ। ମଣିପୁରରେ ୨୦୨୩ ମେ' ୪ତାରିଖରୁ ଯେଉଁ ଅଶାନ୍ତିର ନିଆଁ ଲାଗିଛି ସେଥିପାଇଁ ଯେ ମୁଖ୍ୟମନ୍ତ୍ରୀ ଶ୍ରୀସିଂହ ଅନେକାଂଶରେ ଦାୟୀ ତାହା ଅସ୍ୱୀକାର କରିହେବ ନାହିଁ। ସେଥିପାଇଁ ଯଦି ଶ୍ରୀସିଂହ ବାସ୍ତବରେ ନିଜକୁ ଦାୟୀ କରୁଛନ୍ତି ତେବେ ସେ ଏତେବେଳକୁ ଇସ୍ତଫା ଦେଇଦେବା କଥା। କିନ୍ତୁ ତାହା ହୋଇନାହିଁ। ବ୍ରିଟିଶ୍ ଅମଳରୁ ଆରମ୍ଭ ହୋଇଥିବା ଦୁଇ ମୁଖ୍ୟ ସମ୍ପ୍ରଦାୟ ମୈତେଇ ଓ କୁକି ମଧ୍ୟରେ ଭୂ-ଅଧିକାର, ବିଭିନ୍ନ ସୁବିଧା ଓ ସୁଯୋଗ ପ୍ରସଙ୍ଗରେ ବିବାଦ ଓ ଅସନ୍ତୋଷ ଦୀର୍ଘବର୍ଷ ବ୍ୟବଧାନ ପରେ ପୁଣି ଥରେ ସତେଜ ହେଲା ଯେତେବେଳେ ପ୍ରାୟ ୧୦ ବର୍ଷ ଧରି ବିଚାରାଧୀନ ଥିବା ସଂରକ୍ଷଣ ସମ୍ବନ୍ଧିତ ମାମଲାରେ ୨୦୨୩ ମାର୍ଚ୍ଚ ୨୭ ତାରିଖରେ ମଣିପୁର ଉଚ୍ଚ ନ୍ୟାୟାଳୟ ଚୂଡ଼ାନ୍ତ ରାୟ ଦେଇଦେଲେ। ୨୦୨୩ ମେ' ୨୯ ତାରିଖ ସୁଦ୍ଧା ମୈତେଇମାନଙ୍କୁ ଅନୁସୂଚିତ ଜନଜାତି ତାଲିକାଭୁକ୍ତ କରିବା ପାଇଁ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟକୁ ସୁପାରିସ କରିବା ଲାଗି ମଣିପୁର ଉଚ୍ଚ ନ୍ୟାୟାଳୟ ସେଦିନର ସେହି ରାୟରେ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମୈତେଇ ସମ୍ପ୍ରଦାୟ ଆଦିବାସୀ ମାନ୍ୟତା ପାଇଲେ ନାଗା ଓ କୁକି ସମ୍ପ୍ରଦାୟ ପାଇଆସୁଥିବା ସରକାରୀ ସୁବିଧା ସୁଯୋଗ ସଙ୍କୁଚିତ ହୋଇଯିବ। ଏହି ଭୟରେ ୨୦୨୩ ମେ' ୩ ତାରିଖରେ ମଣିପୁର ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶକୁ ବିରୋଧ କରି 'ଅଲ୍ ଟ୍ରାଇବାଲ୍ ଷ୍ଟୁଡେଣ୍ଟସ ୟୁନିୟନ ମଣିପୁର' ସଂଗଠନ ଦ୍ୱାରା 'ଟ୍ରାଇବାଲ୍ ସଲିଡିଟାରୀ ମାର୍ଚ୍ଚ' ବା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି ଶୋଭାଯାତ୍ରା ବେଳେ ସୃଷ୍ଟ ହିଂସା ପରିବର୍ତ୍ତୀ ସମୟରେ ଆହୁରି ଭୟଙ୍କର ରୂପ ନେଲା, ଯାହା ଅଦ୍ୟାବଧି ଜାରି ରହିଛି। ସଂରକ୍ଷଣ ଭଳି ସମ୍ବେଦନଶୀଳ ମାମଲାରେ ମଣିପୁର ଉଚ୍ଚ ନ୍ୟାୟାଳୟ ହଠାତ୍ ସକ୍ରିୟ ହେବା ପଛରେ ଯେ ରାଜ୍ୟ ସରକାରଙ୍କ ଆଗ୍ରହ ନଥିବା ଏହା ନିଶ୍ଚିତ କରିହେଉନାହିଁ। ମଣିପୁର ହିଂସା ଓ ଉତ୍ତେଜନା ପାଇଁ ଉପରୋକ୍ତ କାରଣଗୁଡ଼ିକ ତୁଳନାରେ ରାଜନୈତିକ କାରଣକୁ ଅଧିକ ପରିମାଣରେ ଦାୟୀ ବୋଲି କୁହାଯାଇପାରେ। ଏଥିପାଇଁ ବିଜେପି କିମ୍ବା କଂଗ୍ରେସ ପରସ୍ପର ଉପରକୁ ଦୋଷ ଦେଇ ଦାୟିତ୍ୱ ଖସାଇ ଦେବାର ପ୍ରୟାସ ମଧ୍ୟ ଦୁଇଦଳର 'କୁମ୍ଭୀର କାନ୍ଦଣା' ମାନସିକତାଠାରୁ କମ୍ ନୁହେଁ। ମଣିପୁରରେ ବିଭିନ୍ନ ସମ୍ପ୍ରଦାୟ ମଧ୍ୟରେ ଦୀର୍ଘସ୍ଥାୟୀ ସହାବସ୍ଥାନ ଓ ସହଯୋଗର ଯେଉଁ ପରିଯୋଜନା ୧୯୭୨ ମସିହାରେ ଜନ୍ମ ନେଇଥିଲା ସେଥିପ୍ରତି ପରବର୍ତ୍ତୀ ସରକାରମାନେ ସେତେଟା ଗୁରୁତ୍ୱ ଦେଇଥିଲେ ଆଜି ଏଭଳି ପରିସ୍ଥିତି ସୃଷ୍ଟି ହୋଇ ନଥା'ନ୍ତା। ବସ୍ତୁତଃ ୨୦୧୫ରେ ସେଠାରେ କଂଗ୍ରେସ ସରକାର ଅମଳରେ ମଣିପୁର ବିଧାନସଭାରେ ଏଭଳି ତିନିଟି ଆଇନ ବିନା ଆଲୋଚନାରେ ପାରିତ ହୋଇଯାଇଥିଲା, ଯାହା ଆଦିବାସୀମାନଙ୍କ ଜମି ଅଧିକାରକୁ କ୍ଷୁଣ୍ଣ କରୁଥିବା ଅଭିଯୋଗ ହୋଇଥିଲା। ଏହାର ପ୍ରତିବାଦରେ ଆଦିବାସୀମାନେ ବିକ୍ଷୋଭ କରିଥିବା ବେଳେ ପୁଲିସ ଗୁଳିରେ ୭ ଜଣଙ୍କ ସମେତ ୯ଜଣଙ୍କ ମୃତ୍ୟୁ ଘଟିଥିଲା। ଦୀର୍ଘ ୬୩୨ଦିନ ପର୍ଯ୍ୟନ୍ତ ବିକ୍ଷୋଭ ପରେ ମଧ୍ୟ ଆଦିବାସୀଙ୍କ ଦାବି ପୂରଣ ହୋଇ ନ ଥିଲା। ସଂଖ୍ୟାଲଘୁ ଆଦିବାସୀଙ୍କ ଦାବି ପୂରଣ ଓ ସେମାନଙ୍କୁ ନ୍ୟାୟ ଦେବାର ପ୍ରତିଶ୍ରୁତି ଦେଇ ବୀରେନ୍ ସିଂହଙ୍କ ନେତୃତ୍ୱରେ ବିଜେପି ସରକାର ସେଠାକାର ସଂଖ୍ୟାଲଘୁ ରାଜନୈତିକ ଦଳଙ୍କ ସମର୍ଥନ ହାସଲ କରି ସରକାର ଗଢ଼ିଥିଲା। କିନ୍ତୁ କ୍ଷମତାକୁ ଆସିବା ପରେ ବୀରେନ୍ ସିଂହ ମୈତେଇ ସମ୍ପ୍ରଦାୟକୁ ସୁହାଇବା ଭଳି କାର୍ଯ୍ୟ କରିବା କୁକି ଆଦିବାସୀ ସମ୍ପ୍ରଦାୟଙ୍କୁ କ୍ଷୁବ୍ଧ କରିଥିଲା। ୨୦୨୩ ଫେବୃଆରୀରୁ ଆରମ୍ଭ ହୋଇଥିବା ଇମ୍ଫାଲ୍ ସଂରକ୍ଷିତ ଜଙ୍ଗଲ ଅଞ୍ଚଳରୁ ଆଦିବାସୀମାନଙ୍କୁ ବିସ୍ଥାପିତ କରିବା ପାଇଁ ସରକାରୀ କାର୍ଯ୍ୟକ୍ରମ, ସେମାନଙ୍କ ଜମିକୁ ଜବରଦଖଲ, ଭିଙ୍ଗାମାଟି ଅଞ୍ଚଳରେ ବ୍ୟାପକ ଅର୍ଦ୍ଧସାମରିକ ବାହିନୀ ମୁତୟନ, ତିନିଟି ଚର୍ଚ୍ଚକୁ ଭାଙ୍ଗିଦେବା ଆଦି ଘଟଣା ଜନିତ ସୁପ୍ତ ଆକ୍ରୋଶ ଓ ପୁଞ୍ଜିଭୂତ କ୍ଷୋଭ ମଧ୍ୟ ଏହି ଜାଣିଆଣ ହିଂସା ପାଇଁ ଦାୟୀ କରାଯାଇପାରେ। ମଣିପୁରରେ ଉଗ୍ର ରୂପ ନେଇଥିବା ସାମ୍ପ୍ରଦାୟିକ ହିଂସା ପୃଷ୍ଠଭୂମିରେ ପ୍ରଶ୍ନ ଉଠୁଛି ଏହା ଭାରତୀୟ ରାଷ୍ଟ୍ରନୀତିର ବିଫଳତା ନୁହେଁ ତ? ମଣିପୁର ମୁଖ୍ୟମନ୍ତ୍ରୀ ରାଜଧର୍ମ ପାଳନ କରୁନାହାନ୍ତି ବୋଲି ଦେଶସାରା ଅଭିଯୋଗ ଶୁଣାଯାଉଛି। କେନ୍ଦ୍ରରେ ମଧ୍ୟ ସେହି ଦଳର ସରକାର ଥିବାରୁ ଏନ୍‌ଡିଏ ସରକାର ସମାଲୋଚନାର ଶରବ୍ୟ ହେଉଛନ୍ତି। ବିଡ଼ମ୍ବନା ହେଉଛି, ମଣିପୁର ସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ କେନ୍ଦ୍ର ସରକାରଙ୍କ ତତ୍ପରତା ବଦଳରେ ସେତେବେଳେ ସେହି ସ୍ଥିତିକୁ କଂଗ୍ରେସ ଶାସିତ ରାଜସ୍ଥାନ ଓ ଛତିଶଗଡ଼ ସହିତ ତୁଳନା କରି ବୀରେନ୍ ସିଂହଙ୍କୁ ଏକପ୍ରକାର ସୁରକ୍ଷା ଦେବାର ପ୍ରୟାସ କରାଯାଇଥିଲା। ମଣିପୁରରେ ସମ୍ବିଧାନର ୩୫୫ ଧାରା ଅନ୍ତର୍ଗତ ସମସ୍ତ ପ୍ରକ୍ରିୟା ଓ ବିଧି ବ୍ୟବସ୍ଥା ଲାଗୁ ହୋଇସାରିଥିଲେ ମଧ୍ୟ କେନ୍ଦ୍ର ସରକାର ଚତୁରତାର ସହ ଏ ସମ୍ପର୍କିତ ଘୋଷଣା ବା ବିଜ୍ଞପ୍ତି ଜାରି କରି ନଥିଲେ। ଏହି ବିଜ୍ଞପ୍ତି ଘୋଷଣା ହୋଇଗଲେ ସମ୍ପୃକ୍ତ ରାଜ୍ୟ ସରକାର ଅପାରଗ ବୋଲି ଆପେ ଆପେ ପ୍ରମାଣିତ ହୋଇଯାଇଥା'ନ୍ତା।

# ପାକ୍‌ରେ ହେବ କ୍ଷମତା ପରିବର୍ତ୍ତନ



### ସୌମେନ୍ଦ୍ର ଜେନା

ପାକିସ୍ଥାନରେ କ୍ଷମତା ପରିବର୍ତ୍ତନକୁ କେନ୍ଦ୍ର କରି ନୂଆ ଗଣିତ ଆରମ୍ଭ ହୋଇଯାଇଛି । ଏକଦା ନିର୍ବାଚନରେ ଅନେକ ପ୍ରକାର ଅସୁବିଧାର ସମ୍ମୁଖୀନ ହୋଇଥିବା ଏବଂ ଏବେ ଜେଲରେ ରହିଥିବା ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନଙ୍କ ପୁଣିଥରେ ସରକାରକୁ ଫେରିବାର ସମ୍ଭାବନା ଦେଖାଦେଇଛି । ବିଗତ ଦିନରେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନଙ୍କ ସହଯୋଗୀ ଡୋନାଲଡ ଲୁ ଯେପରି ଏସିଆର ପାକ୍ ଓ ବଙ୍ଗଳାଦେଶରେ ଅସ୍ଥିରତା ସୃଷ୍ଟିକରି କ୍ଷମତା ପରିବର୍ତ୍ତନ କରାଇଥିଲେ ତାକୁ ନବ ନିର୍ବାଚିତ ରାଷ୍ଟ୍ରପତି ଡୋନାଲଡ ଟ୍ରମ୍ପ ପସନ୍ଦ କରିନାହାନ୍ତି । ସେ ଦାୟିତ୍ୱ ଗ୍ରହଣ କରିନଥିଲେ ମଧ୍ୟ ଇମ୍ରାନ ଖାନ୍‌ଙ୍କ ସହ କାର୍ଯ୍ୟ କରିବାକୁ ଅଧିକ ପସନ୍ଦ କରିବେ ବୋଲି କହିଛନ୍ତି । ଏଥିରୁ ଜେଲରେ ଥିବା ଇମ୍ରାନ ମୁକୁଳିବାର ରାସ୍ତା ଫିଟିବ ବୋଲି କୁହାଯାଉଛି । ପାକିସ୍ଥାନରେ ଇମ୍ରାନଙ୍କୁ ହଟାଇବା ଲାଗି ଆକ୍ରମଣ ଷଡଯନ୍ତ୍ର, ମିଥ୍ୟା ଅଭିଯୋଗ ପରି ବହୁପ୍ରକାର ପଦକ୍ଷେପ ବର୍ତ୍ତମାନର ସରକାରରେ ଥିବା ଦଳଗୁଡ଼ିକ କରିଥିଲେ । ଇମ୍ରାନ ଏବଂ ତାଙ୍କ ପତ୍ନୀ ବୁସରା ବିବିଙ୍କ ବିରୋଧରେ ଅଭିଯୋଗ ଅଣାଯାଇ ଇମ୍ରାନଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇ ଜେଲଦଣ୍ଡ ଦିଆଯାଇଥିଲା । ତାଙ୍କ ଦଳର ମାନ୍ୟତାକୁ ରଦ୍ଦ କରାଯାଇଥିଲା । ଯାହା ଫଳରେ ନିର୍ବାଚନରେ ଖୋଲାଖୋଲି ଝପ ସୃଷ୍ଟି କରାଯାଇଥିଲା । ବିପକ୍ଷ ଦଳ ଇମ୍ରାନଙ୍କ ପାକ୍ ତେହରିକ ଇନସାଫ୍ ଲୋକେ ଚିହ୍ନ ନପାଇ ଅସୁବିଧାର ସମ୍ମୁଖୀନ ହୋଇଥିଲେ । ଦୁଇ ବର୍ଷର ରାଜନୈତିକ ଅସ୍ଥିରତା ମଧ୍ୟରେ ଇମ୍ରାନଙ୍କୁ ଅନାସ୍ଥା ପ୍ରସ୍ତାବ ଆଣି କ୍ଷମତାରୁ ହଟାଯିବା ପରେ ରାଜନୀତିରୁ ପାଞ୍ଚବର୍ଷ ପାଇଁ ବାସନ୍ଦ ହେବା ସହ ଦୁର୍ନୀତି ଅଭିଯୋଗରେ ସେ ଜେଲ ଯାଇଥିଲେ । ସୁପ୍ରିମକୋର୍ଟ ପିଟିଆଇ ଦଳଠାରୁ ଚିହ୍ନ କାଢି ନେବା ଦ୍ୱାରା ଇମ୍ରାନଙ୍କ ଲୋକେ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ଲଢିବାକୁ ବାଧ ହୋଇଥିଲେ । ୩୩୬ ଆସନ ବିଶିଷ୍ଟ ପାକିସ୍ଥାନର ସଂସଦୀୟ ନିର୍ବାଚନରେ ପିଟିଆଇ ସମର୍ଥିତ ସ୍ୱାଧୀନ ପ୍ରାର୍ଥୀମାନେ ସର୍ବାଧିକ ୩୧.୧୭ ପ୍ରତିଶତ ଭୋଟ ପାଇ ସବୁଠୁ ଆଗରେ ରହିଥିଲେ । ପାକିସ୍ଥାନ ମୁସଲିମ ଲିଗ (ନୱାଜ) ୨୩.୬୪, ପାକିସ୍ଥାନ ପିପୁଲସ ପାର୍ଟି ୧୩.୯୨, ତହରିକେ ଲବାଇକ ପାକିସ୍ଥାନ ୩.୬୫, ଜମାତେ ଇସଲାମୀ ୨.୨୬ ମୁତାହିଦା କ୍ୱାମୀ ମୁଭମେଣ୍ଟ ୧.୮୯ ପ୍ରତିଶତ ଭୋଟ ପାଇଥିଲା । ନିର୍ବାଚନ ପରେ ଲିଆକତ ଅଲି ଚର୍ଛା ନିଜ ପଦବୀରୁ ଇସ୍ତଫା ଦେଇଥିଲେ । ୧୩ଟି ଆସନରୁ ୧୧ଟିରେ ପାକିସ୍ଥାନ ମୁସଲିମ ଲିଗ-ନୱାଜ ଦଳ ବିଜୟୀ ହେବା ପଛରେ ଜାଲିଆତି ରହିଥିବା କଥା ସେ ସ୍ୱୀକାର କରିଥିଲେ । ନିର୍ବାଚନର ଫଳାଫଳକୁ ପ୍ରଭାବିତ କରିବା ପଛରେ ସେନାର ଭୂମିକା ସନ୍ଦେହଜନକ ରହିଥିଲା । ଦେଶ ବିଦେଶର ଗଣମାଧ୍ୟମଗୁଡିକ ପାକ୍‌ର ନିର୍ବାଚନ ଫଳାଫଳକୁ ଗ୍ରହଣ ନକରି ସମାଲୋଚନା କରିଥିଲେ । କିନ୍ତୁ ସେନାବାହିନୀକୁ ଅତୀତରେ ସମାଲୋଚନା କରିଥିବା ଇମ୍ରାନଙ୍କୁ ନିର୍ବାଚନ ପ୍ରଚାରବେଳେ ହତ୍ୟା କରିବାଲାଗି ବାରମ୍ବାର ପ୍ରୟାସ ସତ୍ତ୍ୱେ ଭାଗ୍ୟଜୋର ଦୃଷ୍ଟିରୁ ଇମ୍ରାନ ବଞ୍ଚିଗଲେ । ତେଣୁ ତାଙ୍କୁ କ୍ଷମତାରୁ ବାହାରେ ରଖିବାକୁ ପାକ୍ ସେନା ଷଡଯନ୍ତ୍ର କଲା । ହେଲେ ସମାନ ଢଙ୍ଗରେ ନିର୍ବାଚନ ପ୍ରଚାରବେଳେ ଅଳ୍ପକେ ମୃତ୍ୟୁରୁ ରକ୍ଷା ପାଇଥିବା ଡୋନାଲ୍‌ଡ ଟ୍ରମ୍ପ ଇମ୍ରାନଙ୍କ ପ୍ରକୃତ କଷ୍ଟକୁ ବୁଝିପାରିଛନ୍ତି । ଯେଉଁ ଶକ୍ତି ତାଙ୍କୁ ଆମେରିକାରେ ଆକ୍ରମଣ କରିଥିଲା ସେହି ଶକ୍ତି ପାକିସ୍ଥାନରେ ମଧ୍ୟ ଇମ୍ରାନଙ୍କ ଉପରେ ଆକ୍ରମଣ କରାଇଥିଲା । ତେଣୁ ୨୦ ଜାନୁଆରୀରେ ରାଷ୍ଟ୍ରପତି ଦାୟିତ୍ୱ ଗ୍ରହଣ କରିବା ପୂର୍ବରୁ ସେ ପାକିସ୍ଥାନରେ ସରକାର ପରିବର୍ତ୍ତନ ସଂକ୍ରାନ୍ତରେ ସୂଚନା ଦେଇଛନ୍ତି ।

ଦ୍ୱିତୀୟରେ ବଙ୍ଗଳାଦେଶ ମାମଲାରେ ଆମେରିକା ସରକାରଙ୍କ ହସ୍ତକ୍ଷେପକୁ ସମାଲୋଚନା କରିଆସୁଥିବା ଡୋନାଲଡ୍ ଟ୍ରମ୍ପ ମଧ୍ୟ ପାକ୍ ସେନାର ଭୂମିକାକୁ ଗ୍ରହଣ କରିପାରିନାହାନ୍ତି । ମହମ୍ମଦ ୟୁନୁସଙ୍କ ପରି କ୍ଲିଣ୍ଟନ ଫାଉଣ୍ଡେସନର ବ୍ୟକ୍ତିକୁ କ୍ଷମତାରେ ଆସୀନ ହେବା ଦ୍ୱାରା ଏସିଆରେ ଆମେରିକାର ସମ୍ମାନ ନଷ୍ଟ ହୋଇଥିବା କଥା ସେ କହୁଛନ୍ତି । ତେଣୁ ଆଗାମୀ ଦିନରେ ପାକ୍ ସେନାବାହିନୀକୁ ନିୟନ୍ତ୍ରଣ କରିବା ପାଇଁ ଟ୍ରମ୍ପ ସରକାର ଅଧିକ କଠୋର ହେବା ସହ ପାକ୍ ସରକାର ହାତରୁ ପରମାଣୁ କ୍ଷମତାକୁ ଛଡାଇ ନେବା ପାଇଁ ଚେଷ୍ଟା କରିବେ । ସେଥିପାଇଁ ଏବେଠାରୁ କ୍ଷେପଣାସ୍ତ୍ର ନିର୍ମାଣର ସାମଗ୍ରୀ ଉପରେ ମଧ୍ୟ କଟକଣା ଲଗାଯାଇଛି । ଆଫଗାନିସ୍ଥାନ ଉପରେ ପାକ୍ ବାୟୁସେନା ବୋମାମାଡ ପରେ ପାକ୍-ଆଫଗାନ ସେନା ମୁହାଁମୁହିଁ ହୋଇଛନ୍ତି । ତାଲିବାନ୍ ସରକାର ପ୍ରତିଶୋଧ ନେବାକୁ ଘୋଷଣା କରିବା ସହ ତହରିକେ ତାଲିବାନ ପାକିସ୍ଥାନ ଅଧିକ ରକ୍ତମୁଖା ହୋଇଉଠିଛି । ନିକଟରେ ପାକ୍ ସୀମାର ଦୁଇଟି ସେନା ପହରାସ୍ଥଳୀକୁ ଦଖଲକୁ ନେବା ସହ ଅନେକ ପାକ୍ ଯବାନଙ୍କୁ ଆଫଗାନ ସେନା ଖତମ୍ କରିଛି । ଦୁଇଦେଶ ମଧ୍ୟରେ ଆଗାମୀ ଦିନରେ ଯେଉଁ ତିକ୍ତତା ଓ ସଂଘର୍ଷ ବୃଦ୍ଧିପାଇବ ତାକୁ ଆଳକରି ସେନାବାହିନୀ ସେଠାରେ କ୍ଷମତାକୁ ଦଖଲ କରିପାରେ । ସେହି ପରିସ୍ଥିତିରେ ପାକ୍‌ସେନା ଚୀନର ଶରଣାଗତ ହେବା ଅବଶ୍ୟମ୍ଭାବୀ । କିନ୍ତୁ ଇମ୍ରାନ ସରକାରକୁ ଆସିଲେ ସେ ଚୀନ ତୁଳନାରେ ଟ୍ରମ୍ପଙ୍କର ଅଧିକ ନିକଟବର୍ତ୍ତୀ ହେବାକୁ ଚେଷ୍ଟା କରିବେ । ଆର୍ଥିକ ସଂକଟରେ ଥିବା ପାକିସ୍ଥାନକୁ ଟ୍ରମ୍ପ ଚାହିଁଲେ ଆର୍ଥିକ ସହାୟତା ପ୍ରଦାନ କରି ଟ୍ରାକ୍‌କୁ ଫେରାଇ ଆଣିପାରିବେ । ସମୟର ଆବଶ୍ୟକତା ଦୃଷ୍ଟିରୁ ଟ୍ରମ୍ପଙ୍କ ଚାଲ ପାକିସ୍ଥାନରେ କାମଦେବ ଏଥିରେ ସନ୍ଦେହ ନାହିଁ । କାରଣ ଏସିଆରେ ଆମେରିକାକୁ ପୂରାପୂରି ଭରସା କରି ସହଯୋଗ କରୁଥିବା ବଡରାଷ୍ଟ୍ର ଜାପାନ ଛଡା ଆଉ କେହି ନାହାନ୍ତି । ବାଇଡେନଙ୍କ ନୀତି ଯୋଗୁ ଅନେକ ରାଷ୍ଟ୍ର ଆମେରିକା-ବିରୋଧୀ ହୋଇଯାଇଛନ୍ତି । ତେଣୁ କ୍ଷମତାକୁ ଆସିବାପରେ ପାକ୍ ଓ ବଙ୍ଗଳାଦେଶର କ୍ଷମତା ପରିବର୍ତ୍ତନ ଲାଗି ଟ୍ରମ୍ପ ଜୋର ଦେବେ । ଏହା ସହିତ ଉତ୍ତର କୋରିଆ ଯେପରି ପାକ୍‌କୁ ଅଧିକ ପରମାଣୁ ଅସ୍ତ୍ର ନିର୍ମାଣରେ ସହାୟତା ନଦେବ ସେଥିପାଇଁ ପଦକ୍ଷେପ ନେବେ । ତେଣେ ବଙ୍ଗଳାଦେଶରେ ନିଜ ବିଦ୍ୟୁତ ପ୍ରକଳ୍ପ ସୁରକ୍ଷା ପାଇଁ ମଧ୍ୟ ଯେପରି ରୁଷିଆ ୟୁନୁସ ସରକାରଙ୍କ ବିରୋଧୀ ହେବ ଠିକ୍ ସେମିତି ତାଲିବାନର ନିକଟତର ଥିବା ରୁଷିଆ ପାକ୍‌କୁ ନିୟନ୍ତ୍ରଣ କରିବା ପାଇଁ ଆଫଗାନ ସରକାରକୁ ସମର୍ଥନ କରିପାରେ ।

ଗ୍ୱାଦର ବନ୍ଦରରେ କାର୍ଯ୍ୟରତ ଚୀନର ଲୋକଙ୍କ ସୁରକ୍ଷା ନେଇ ଚୀନର ସରକାର ଅଧିକ ଚିନ୍ତିତ । ପାକ୍‌ର ସରକାର ଗ୍ୱାଦର ବନ୍ଦର ଦେବା ବଦଳରେ ଅଧିକ ଯୁଦ୍ଧବିମାନ ଚୀନଠାରୁ ମାଗଣାରେ ପାଇବାକୁ ଉଦ୍ୟମ କରୁଥିବାବେଳେ ଚୀନ ସରକାର ପାକ୍‌କୁ ସେହି ସୁବିଧା ଦେବା ସପକ୍ଷରେ ନାହାନ୍ତି । ସିରିଆରେ ଯୁଦ୍ଧ ଲଢୁଥିବା ସନ୍ତ୍ରାସବାଦୀମାନେ ଆଗାମୀ ଦିନରେ ଉଇଘୁର ଲୋକଙ୍କ ପାଇଁ ଲଢିବାକୁ ଘୋଷଣା କରିବା ପରେ ଚୀନ ସରକାର ଏବେ ଚିନ୍ତାରେ ପଡିଛନ୍ତି । ସନ୍ତ୍ରାସବାଦୀମାନେ ଉଭୟ ଆଫଗାନିସ୍ଥାନ ଏବଂ ପାକିସ୍ଥାନ ପଟୁ ଉଇଘୁରଙ୍କ ଅଞ୍ଚଳକୁ ପ୍ରବେଶ କରିବା ସମ୍ଭାବନା ଥିବା ହେତୁ ଚୀନ ସରକାର ସିପେକ୍ ପ୍ରକଳ୍ପମାର୍ଗକୁ ଅଧିକ ଯାଞ୍ଚରେ ରଖିବେ କିମ୍ବା ସୁରକ୍ଷା ଦୃଷ୍ଟିରୁ ମଧ୍ୟ ବନ୍ଦ କରିଦେଇପାରନ୍ତି । ତା'ହେଲେ ପାକ୍ ସରକାର ନିଜ ଦେଶ ଭିତରେ ଅଧିକ ଲୋକଙ୍କର ବିରୋଧକୁ ସାମ୍ନା କରିବେ । ସେଭଳି ସମସ୍ୟା ହେଲେ ପାକ୍ ସରକାର ସଣ୍ଟୁଆସୀ ଆକ୍ରମଣର ଶିକାର ହୋଇ କ୍ଷମତାକୁ ଛାଡିବାକୁ ବାଧ ହେବେ । ଶୁଣାଯାଉଛି ଯେ ତାଲିବାନ ବିରୁଦ୍ଧରେ ଚୀନକୁ ପାକିସ୍ଥାନ ଉସ୍‌କାଉଛି । ଏମିତି ଅଭିଯୋଗ ଖୋଦ୍ ତାଲିବାନ କରିଛି । କେବଳ ସେତିକି ନୁହେଁ ଆଫଗାନିସ୍ଥାନରେ ସକ୍ରୀୟ ଥିବା ତାଲିବାନ ବିରୋଧୀ ଆଇଏସ୍ ଗୋଷ୍ଠୀକୁ ପାକ୍ ସେନା ଆଫଗାନିସ୍ଥାନରେ ଆକ୍ରମଣ ପାଇଁ ଆର୍ଥିକ ସହାୟତା ପ୍ରଦାନ କରୁଛନ୍ତି । ନିକଟରେ ଡିସେମ୍ବର ୨୦୨୪ରେ ଆଫଗାନ ଶରଣାର୍ଥି ମନ୍ତ୍ରୀ ଖଲିଲ ଉର୍-ରହମାନ ହକ୍କାନୀଙ୍କର ଆତ୍ମଘାତୀ ବୋମା ଆକ୍ରମଣରେ ମୃତ୍ୟୁ ହୋଇଥିଲା । ୫୮ବର୍ଷୀୟ ହକ୍କାନୀ ଆଇଏସ୍-ଖୋରାସାନ ଗୋଷ୍ଠୀର ଟାର୍ଗେଟରେ ରହିଥିଲେ । ଏହି ଗୋଷ୍ଠୀ ବିଗତ ବର୍ଷମାନଙ୍କରେ ପ୍ରାୟ ୮ଜଣ ତାଲିବାନ ନେତାଙ୍କୁ ଆତ୍ମଘାତୀ ଆକ୍ରମଣରେ ହତ୍ୟା କରିସାରିଛି । କାବୁଲଠାରେ ହୋଇଥିବା ଉକ୍ତ ଆକ୍ରମଣରେ ହକ୍କାନୀଙ୍କ ସହ ଅନ୍ୟ ୪ଜଣ ସହଯୋଗୀଙ୍କର ମଧ୍ୟ ମୃତ୍ୟୁ ହୋଇଥିଲା । ହକ୍କାନୀଙ୍କ ନାମରେ ଆମେରିକା ୫ ମିଲିଅନ ଡଲାର ସୂଚନା ଦେବାଲାଗି ପୂର୍ବରୁ ଘୋଷଣା କରିଥିଲା । ସିରାଜୁଦ୍ଦୀନ ହକ୍କାନୀଙ୍କ ପରିବାର ସଦସ୍ୟ ଖଲିଲ ଆଫଗାନିସ୍ଥାନରେ ଆଇଏସ୍ ଏବଂ ଅଲକାୟଦା ଗୋଷ୍ଠୀ ବିରୁଦ୍ଧରେ ଅପରେସନ ଚଳାଇ ଆସିଥିଲେ । ସିରିଆରେ ଯେମିତି ବ୍ରିଟେନର ଗୁଇନ୍ଦା ସଂସ୍ଥା ଏମ୍‌ଆଇ-୬ ଏବଂ ଆମେରିକାର ଗୋଇନ୍ଦା ସଂସ୍ଥା ସିଆଇଏ ସନ୍ତ୍ରାସବାଦୀ ଆଇଏସ୍ ଗୋଷ୍ଠୀଙ୍କୁ ଅର୍ଥ ପ୍ରଦାନ କରି ରୁଷିଆର ସେନାଙ୍କ ଉପରେ ଆକ୍ରମଣ କରିବାକୁ ଉସ୍‌କାଉଛି ଠିକ୍ ସେମିତି ଆଫଗାନିସ୍ଥାନରେ ମଧ୍ୟ ଆମେରିକାର ଏଜେଣ୍ଟମାନେ ଆଇଏସ୍ ଗୋଷ୍ଠୀକୁ ତାଲିବାନ ନେତାଙ୍କୁ ହତ୍ୟାକରିବା ଲାଗି ପ୍ରୋତ୍ସାହିତ କରୁଛନ୍ତି । ଡୋନାଲଡ୍ ଲୁଙ୍କ ପାକ୍ ଗସ୍ତକାଳରେ ସେହି ଯୋଜନାକୁ ମାର୍ଗଦର୍ଶନ ପ୍ରଦାନ କରାଯାଉଥିବା ଅଭିଯୋଗ ହେଉଛି । ବିଗତ ଦିନମାନଙ୍କରେ ପାକ୍ ଓ ବଙ୍ଗଳାଦେଶରେ କ୍ଷମତା ପରିବର୍ତ୍ତନ ପାଇଁ ଲୁଙ୍କ ହସ୍ତକ୍ଷେପ ବିଷୟରେ ସମସ୍ତେ ଜାଣିଛନ୍ତି । ଏବେ ଆଫଗାନିସ୍ଥାନରେ ଅସ୍ଥିରତା, ଅଶାନ୍ତି ଓ ହତ୍ୟାକୁ ଜାରିରଖିବା ପାଇଁ ଭଡାଟିଆ ହତ୍ୟାକାରୀଙ୍କୁ ଆମେରିକା ନିଯୁକ୍ତ କରିଥିବା ଅଭିଯୋଗ ଆଫଗାନିସ୍ଥାନରେ ହେଉଥିବାବେଳେ ଏହା ପଛରେ ପାକ୍ ସରକାରଙ୍କର ନୀରବ ସମର୍ଥନ ରହିଥିବା କଥା କୁହାଯାଉଛି । ତେଣୁ ବର୍ତ୍ତମାନର ତାଲିବାନ ସରକାର ପାକ୍ ସରକାରଙ୍କୁ ଏବେ ନିଜର ବଡ ଶତ୍ରୁ ବୋଲି ବିଚାର କରୁଥିବା ହେତୁ ଆଗାମୀ ଦିନରେ ପାକ୍‌ରେ ଶାହବାଜଙ୍କ ସରକାରକୁ ହଟାଇବାଲାଗି ଚାହୁଁଥିବା ଦଳଗୁଡ଼ିକୁ ସମର୍ଥନ କରିବେ ଏଥିରେ ସନ୍ଦେହ ନାହିଁ । ପାକ୍‌ରେ ଏବେ ବି ଲକ୍ଷ ଲକ୍ଷ ଆଫଗାନ ଲୋକେ ବସବାସ କରୁଥିବା ହେତୁ ସରକାର ବିରୋଧୀ ଅଭିଯାନରେ ସେମାନେ ଲୋକଙ୍କୁ ସମର୍ଥନ ଦେବେ ବୋଲି କୁହାଯାଉଛି ।

ଦେଶରେ ଅସ୍ଥିରତା, ଆଭ୍ୟନ୍ତରୀଣ ଆର୍ଥିକ ଚାପ, ବିଦେଶୀ ଶକ୍ତିଙ୍କ ବିରୋଧ, ପଡୋଶୀ ରାଷ୍ଟ୍ରଗୁଡିକ ସହ ଖରାପ ସଂପର୍କ, ବୃହତ୍‌ଶକ୍ତିମାନଙ୍କର ଟାର୍ଗେଟରେ ଥିବା ପାକ୍ ସରକାର ଖୁବ୍ କମ ସମୟରେ କ୍ଷମତା ହରାଇବେ ବୋଲି ଆଲୋଚନା ହେଉଛି । ଡୋନାଲଡ ଟ୍ରମ୍ପ ୨୦ ଜାନୁଆରୀରେ କ୍ଷମତାକୁ ଆସିବା ପରେ ସେହି ଅଭିଯାନ ଜୋରଧରିବ ବୋଲି କୁହାଯାଉଛି ।


ଭାରତୀୟ ସମ୍ବାଦ ସେବା(ଭାସ୍)

ଭୁବନେଶ୍ୱର-୭୫୧୦୦୩


# ଟଙ୍କାର ଅବମୂଲ୍ୟାୟନ ଓ ପାଞ୍ଚଟ୍ରିଲିୟନ ଅର୍ଥବ୍ୟବସ୍ଥା



### ଗୋପାଳ ମହାପାତ୍ର

ଆମେରିକୀୟ ଡ଼ଲାର ମୁକାବିଲାରେ ଭାରତୀୟ ମୁଦ୍ରା (ଟଙ୍କା)ର ବିନିମୟ ଦର ୮୫ ପାରକରି ସାରିଲାଣି। ଅନ୍ୟ ଅର୍ଥରେ କହିବାକୁ ଗଲେ ଗୋଟିଏ ଡ଼ଲାର କ୍ରୟ କରିବା ପାଇଁ ୮୫ଟଙ୍କା ଦେବାକୁ ପଡିବ। ଗତ ଏପ୍ରିଲ ମାସରେ ଏହି ବିନିମୟ ଦର ୮୩ ପାଖାପାଖି ଥିଲା। ଏକ ଦଶନ୍ଧି ପୂର୍ବରୁ ଯେତେବେଳେ ନରେନ୍ଦ୍ର ମୋଦୀ ପ୍ରଧାନ ମନ୍ତ୍ରୀ ହେଲେ ସେତେବେଳେ ଡ଼ଲାରର ବିନିମୟ ଦର ୬୧ ପାଖାପାଖି ଥିଲା। ପ୍ରଧାନମନ୍ତ୍ରୀ ଅନେକ ବାର ତାଙ୍କ ଭାଷଣରେ ୫ ଟ୍ରିଲିୟନ ଅର୍ଥ ବ୍ୟବସ୍ଥା କଥା କହିଛନ୍ତି ଓ ଏବେ ମଧ୍ୟ କହୁଛନ୍ତି। ପୁରା ଆତ୍ମବିଶ୍ୱାସ ସହ ଭାରତର ଅର୍ଥବ୍ୟବସ୍ଥାକୁ ୫ ଟ୍ରିଲିୟନ ଡ଼ଲାରରେ ପହଞ୍ଚାଇବା କଥା କହୁଛନ୍ତି। କିନ୍ତୁ ଯେଉଁଭଳି ଭାବେ ଡ଼ଲାର ମୁକାବିଲାରେ କ୍ରମାଗତ ଭାବେ ଟଙ୍କା ର ବିନିମୟ ଦର ହ୍ରାସ ପାଇବାରେ ଲାଗିଛି ତାକୁ ଦେଖି ୫ ଟ୍ରିଲିୟନ ଡ଼ଲାର (ପାଖାପାଖି ୩୫୦ ଲକ୍ଷ କୋଟି ଟଙ୍କା)ର ଅର୍ଥ ବ୍ୟବସ୍ଥାକୁ ନେଇ ଆଶଙ୍କା ଉପୁଜିବା ସ୍ୱାଭାବିକ୍। ଭାରତର ଅର୍ଥବ୍ୟବସ୍ଥା ଏବେ ପାଖାପାଖି ୩.୮ ଟ୍ରିଲିୟନ ଡ଼ଲାର। ଐତିହାସିକ ଭାବେ ଟଙ୍କର ବିନିମୟ ଦର ୨୦୨୪ ଡିସେମ୍ବର ୧୯ ତାରିଖ ଠାରୁ ହ୍ରାସ ପାଇଛି। ଭାରତୀୟ ମୁଦ୍ରା (ଟଙ୍କା)ର ଅବମୂଲ୍ୟାୟନ ଘଟିଛି ଓ ଏହା ପ୍ରତି ଡ଼ଲାର ୮୫ଟଙ୍କା ତଳକୁ ଖସି ଆସିଛି। ଭାରତୀୟ ମୁଦ୍ରାର ଅବମୂଲ୍ୟାୟନ ଏବେ ସବୁଠାରୁ ନିମ୍ନ ସ୍ତରରେ। ଆନ୍ତଃବ୍ୟାଙ୍କ ବିଦେଶୀ ମୁଦ୍ରା ବିନିମୟ ବଜାରରେ ୧୯ପଇସା ହ୍ରାସ ହେବାରୁ ଟଙ୍କାର ବିନିମୟ ଦର ୮୫ଟଙ୍କା ୩୦ ପଇସା (ଯଦିଓ ଏହା ଅସ୍ଥାୟୀ)ରେ ପହଞ୍ଚିଛି। ଆମରେକୀୟ ଫେଡ଼େରାଲ ରିଜର୍ଭ ର ୨୦୨୫ର ଅନୁମାନରେ ପରିବର୍ତ୍ତନ କାରଣରୁ ଭାରତୀୟ ମୁଦ୍ରା ଉପରେ ଏହାର ପ୍ରଭାବ ପଡୁଛି। ଏହା ଭାରତୀୟ ଅର୍ଥବ୍ୟବସ୍ଥା ପାଇଁ ଏକ ନୂଆ ଚାଲେଞ୍ଜ ସୃଷ୍ଟି କରିଛି।

ଆମେରିକୀ ଫେଡେରାଲ ରିଜର୍ଭ ବାବଦରେ ପ୍ରଥମେ ଜାଣିବା ଆବଶ୍ୟକ। ଆମେରିକାର କେନ୍ଦ୍ରୀୟ ବ୍ୟାଙ୍କ "ଫେଡ଼େରାଲ ରିଜର୍ଭ" ଆମେରିକାକୁ ଏକ ସୁରକ୍ଷିତ ଏବଂ ସ୍ଥିର ମୌଦ୍ରିକ ଓ ଆର୍ଥୀକ ପ୍ରଣାଳୀ ପ୍ରଦାନ କରିଥାଏ। ଭାରତର ରିଜର୍ଭବ୍ୟାଙ୍କ ଭଳି ଫେଡେରାଲ ରିଜର୍ଭ ବ୍ୟାଙ୍କ ହେଉଛି ଆମେରିକାର କେନ୍ଦ୍ରୀୟ ବ୍ୟାଙ୍କ। ଏହାକୁ ଫେଡ଼େରାଲ ରିଜର୍ଭ ଏପରିକି ଫେଡ୍ ମଧ୍ୟ କୁହାଯାଏ। ଆମେରିକୀ ଫେଡେରାଲ ରିଜର୍ଭର ନିଷ୍ପତ୍ତିର ପ୍ରଭାବ ସାରା ବିଶ୍ୱର ବଜାର ଉପରେ ଦେଖିବାକୁ ମିଳୁଛି। କେବଳ ଫେଡ଼େରାଲ ରିଜର୍ଭ ପିଷ୍ପତି ପାଇଁ ଭାରତୀୟ ବଜାର ପ୍ରଭାବିତ ହୋଇନାହିଁ। କିନ୍ତୁ ଯେତେବେଳେ ଟଙ୍କା ଦୁର୍ବଳ ହୋଇଥାଏ ସେତେବେଳେ ବିଦେଶୀ ନିବେଶକଙ୍କ ଉପରେ ମଧ୍ୟ ଏହାର ପ୍ରଭାବ ଦେଖିବାକୁ ମିଳିଥାଏ। ଏହାର କାରଣ ହେଉଛି ବିଦେଶୀ ନିବେଶକ ଭାବିଥାନ୍ତି ଯେ ଭବିଷ୍ୟତରେ ଟଙ୍କା ଅଧିକ ଦୁର୍ବଳ ହୋଇପାରେ। ଯଦି ଟଙ୍କା ଦୁର୍ବଳ ହୁଏ (ବିନିମୟ ଦର କମେ) ତେବେ ସେମାନଙ୍କର କ୍ଷତି ହେବ। ଟଙ୍କା ଦୁର୍ବଳ ହେଲେ ଏହାକୁ ମଜଭୁତ ବା ବିନିମୟ ଦର କମାଇବା ପାଇଁ ଭାରତ ସରକାର ଏବଂ ଭାରତୀୟ ରିଜର୍ଭ ବ୍ୟାଙ୍କ କେତେକ ପଦକ୍ଷେପ ନେଇପାରନ୍ତି। ଭାରତୀୟ ରିଜର୍ଭ ବ୍ୟାଙ୍କ ସୁଧ ହାର ବଢ଼ାଇପାରେ। ସୁଧ ହାର ବଢ଼ିଲେ ଋଣ ନେବା ମହଙ୍ଗା ହେବ, ବ୍ୟବସାୟ ଉପରେ ଏହାର ପ୍ରଭାବ ପଡିବାର ଆଶଙ୍କା ରହିଛି।

ଅର୍ଥ ବିଶେଷଜ୍ଞ ମାନଙ୍କ ମତରେ ଆମେରିକୀ ଫେଡ଼େରାଲ ରିଜର୍ଭର ନୀତିରେ ପରିବର୍ତ୍ତନ କାରଣରୁ ଡ଼ଲାର ମୁକାବିଲାରେ ଟଙ୍କାର ଅବମୂଲ୍ୟାୟନ ଘଟିଛି। କରୋନା ମହାମାରୀ ପରେ ବିଶ୍ୱର ସବୁ ଦେଶରେ ଆର୍ଥୀକ ମାନ୍ଦାବସ୍ଥା ଦେଖାଦେଇଥିଲା। ଏହି ଅବସ୍ଥାରୁ ମୁକୁଳିବା ପାଇଁ ସବୁଦେଶ ମାନେ ନିଜ ନିଜର ପରିସ୍ଥିତି ଅନୁସାରେ ବ୍ୟବସ୍ଥାକୁ ଆପଣେଇଥିଲେ। ଆମେରିକୀୟ ଫେଡ଼େରାଲ ମଧ୍ୟ ଆର୍ଥୀକ ମାନ୍ଦାବସ୍ଥାକୁ ଦୂର କରିବା ପାଇଁ ସୁଧ ହାର ହ୍ରାସ କରି ୪.୫ ପ୍ରତିଶତ କରି ଦେଇଥିଲା। ଏଭଳି ଭାବେ ଡ଼ଲାରର ସ୍ଥିତିକୁ ମଜଭୁତ କରିବାରେ ସକ୍ଷମ ହୋଇଥିଲା ଆମେରିକୀୟ ଫେଡ଼େରାଲ। ଏବେ କୁହାଯାଇଛି ଯେ ଆମେରିକାର ରାଷ୍ଟ୍ରପତି ନିର୍ବାଚନରେ ଡ଼ୋନାଲଡ୍ ଟ୍ରମ୍ପଙ୍କ ବିଜୟପରେ ନିବେଶକ ମାନେ ଭାବୁଛନ୍ତି ଯେ ଆମେରିକାରେ ପୁଞ୍ଜିନିବେଶ ସେମାନଙ୍କ ପାଇଁ ଲାଭଜନକ ହେବ। ଏଣୁ ଅନେକ ନିବେଶକ ଭାରତରୁ ସେମାନଙ୍କ ପୁଞ୍ଜି ପ୍ରତ୍ୟାହାର କରି ଆମେରିକାରେ ନିବେଶ କରିବାକୁ ଯାଉଛନ୍ତି। ଏହି କାରଣରୁ ଭାରତୀୟ ବିଦେଶୀ ମୁଦ୍ରା ଭଣ୍ଡାର ମଧ୍ୟ କମିବାରେ ଲାଗିଛି।

ବିଗତକିଛି ସମୟ ହେବ ଡଲାର ମୁକାବିଲାରେ ଟଙ୍କାର ବିନିମୟ ଦର ସ୍ଥିର ଥିଲା। କିନ୍ତୁ ଏବେ ବିନିମୟ ଦର ହ୍ରାସ ପାଇବା ପରେ ବ୍ୟବସାୟ, ପର୍ଯ୍ୟଟକ ଓ ଶିକ୍ଷା ଆଦି କ୍ଷେତ୍ରରେ ଏହାର ପ୍ରଭାବ ପଡିବାର ଆଶଙ୍କା ଦେଖାଗଲାଣି। ଭାରତ ଆବଶ୍ୟକତାଠାରୁ ଅଧିକ ଅଶୋଧିତ ତୈଳ ଅନ୍ୟ ଦେଶରୁ କ୍ରୟ କରୁଛି। ଯେତେବେଳେ ଅଶୋଧିତ ତୈଳର ଦର ଆନ୍ତର୍ଯ୍ୟତୀୟ ବଜାରରେ ବଢୁଛି ସେତେବେଳେ ଭାରତକୁ ଅଧିକ ମୂଲ୍ୟ ଦେବାକୁ ପଡୁଛି। ଏତଦ୍ ବ୍ୟତୀତ ଔଷଧ ପାଇଁ କଞ୍ଚାମାଲ, ଖାଦ୍ୟ ତେଲ, ଇଲେକ୍ଟ୍ରୋନିକ୍ସ ଉପକରଣ ପାଇଁ ଭାରତ ମଧ୍ୟ ଅନ୍ୟ ଦେଶ ଉପରେ ନିର୍ଭରଶୀଳ। ବିଦେଶକୁ ପାଠ ପଢିବାକୁ ଯାଉଥିବା ଛାତ୍ର ଛାତ୍ରୀ ଏବଂ ପର୍ଯ୍ୟଟକ ମଧ୍ୟ ଟଙ୍କାର ଅବମୂଲ୍ୟାୟନ ପାଇଁ ପ୍ରଭାବିତ ହେବେ। ଏଣୁ ଏହା ଚିନ୍ତାଜନକ ନିଶ୍ଚୟ। ଭାରତ ସରକାର ବ୍ୟବସାୟୀକ କ୍ଷତି ପାଇଁ ଅନେକ ବିଦେଶୀ ଜିନିଷର ଆମଦାନୀ ଉପରେ ପ୍ରତିବନ୍ଧ ଲଗାଉଛନ୍ତି ଓ ଭାରତୀୟ ଜିନିଷକୁ ପ୍ରୋତ୍ସାହିତ କରୁଛନ୍ତି। କିନ୍ତୁ ବ୍ୟବସାୟୀକ କ୍ଷତି କ୍ରମାଗତ ଭାବେ ବଢିବାରେ ଲାଗିଛି। ଏତିକି ନୁହେଁ ଦରଦାମ ବୃଦ୍ଧିକୁ ନିୟନ୍ତ୍ରିତ କରିବା ପାଇଁ ରିଜର୍ଭବ୍ୟାଙ୍କ କ୍ରମାଗତ ଭାବେ ରେପୋରେଟକୁ ଉଚ୍ଚହାରରେ ରଖିଛି କିନ୍ତୁ ବଜାରରେ ପଞ୍ଜିର ପ୍ରବାହ ବୃଦ୍ଧି ପାଉନାହିଁ। ଏହାର ମୁଖ୍ୟ କାରଣ ହେଉଛି ଲୋକଙ୍କ ଆୟ ବୃଦ୍ଧି ନହେବା। ବିଗତ କିଛି ବର୍ଷ ହେବ ଆମ ବିକାଶ ହାର ଏବଂ ସେଥିରେ ବିନିର୍ମାଣ କ୍ଷେତ୍ରର ସ୍ଥିତି ସନ୍ତୋଶ ଜନକ ନୁହେଁ। ଏଣୁ ଡ଼ଲାରର ପ୍ରବାହ କମ୍ ହେଉଛି। ଏଭଳି ସ୍ଥିତିରେ ଟଙ୍କାର ବିନିମୟ ଦା କମିଯାଇଛି।

ବିଗତ ୧୦ ବର୍ଷର ସ୍ଥିତିକୁ ଦେଖିଲେ ସ୍ପଷ୍ଟ ଯେ ୧୦ ବର୍ଷ ମଧ୍ୟରେ ଟଙ୍କାର ବିନିମୟ ମୂଲ୍ୟ ପାଖାପାଖି ୨୨ଟଙ୍କା କମିଯାଇଛି। ୨୦୧୪ ଡିସେମ୍ବରରେ ଡ଼ଲାର ମୁକାବିଲାରେ ଟଙ୍କାର ବିନିମୟ ଦର ୬୩ ଟଙ୍କା ୫୪ ପଇସାଥିଲା। ବିଶ୍ୱ ପରିଦୃଷ୍ୟକୁ ଦେଖି ବିଶେଷଜ୍ଞ ମାନେ ଅନୁମାନ କରୁଛନ୍ତି ଯେ ଆମେରିକୀୟ ଡ଼ଲାର ଆହୁରି ଅଧିକ ମଜଭୁତ ହୋଇପାରେ ଯେଉଁଥିପାଇଁ ବିଶ୍ୱର ଅନ୍ୟ ଦେଶ ମାନେ ପ୍ରଭାବିତ ହେବେ। ଏବେ ବିଦେଶରୁ ଆମଦାନୀ କରାଯାଉଥିବା ବସ୍ତୁର ଦାମ ବଢ଼ିବ। ଭାରତରେ ସୁନାର ମୂଲ୍ୟ ମଧ୍ୟ ବଢିବ। ବିଦେଶରେ ଚିକିତ୍ସା ପାଇଁ ଭାରତୀୟଙ୍କୁ ଅଧିକ ଖର୍ଚ୍ଚ କରିବାକୁ ପଡିବ। କିନ୍ତୁ ବିଦେଶରେ ଚାକିରୀ କରୁଥିବା ଲୋକଙ୍କୁ ଏହାର ଲାଭ ମିଳିବ। ବିଦେଶରେ ରହୁଥିବା ଲୋକେ ପୂର୍ବରୁ ଡ଼ଲାର ପଠାଇଲେ ତାଙ୍କ୍ ପରିବାରକୁ ୮୦ ହଜାର ମିଳୁଥିଲା କିନ୍ତୁ ଏବେ ହଜାର ଡ଼ଲାର ପଠାଇଲେ ତାଙ୍କ ପରିବାରକୁ ୮୫ ହଜାର ଟଙ୍କା ମିଳିବ। ଟଙ୍କାର ବିନିମୟ ଦର କମିବା କାରଣରୁ ମୁଦ୍ରାସ୍ଫିତିକୁ ରୋକିବା ରିଜର୍ଭବ୍ୟାଙ୍କ ପାଇଁ କଷ୍ଟକର ହୋଇପଡିବ। ଏପଟେ ଭାରତ ସରକାର ଅର୍ଥବ୍ୟବସ୍ଥାକୁ ୫ ଲକ୍ଷ କୋଟି ଡ଼ଲାରରେ ପହଞ୍ଚାଇବା ପାଇଁ ସଂକଳ୍ପବଦ୍ଧ। ଟଙ୍କାର ଅବମୂଲ୍ୟାୟନକୁ ଦେଖି ଅର୍ଥବ୍ୟବସ୍ଥା ୫ଲକ୍ଷ କୋଟି ଡ଼ଲାର (୫ ଟ୍ରିଲିୟନ)ରେ ପହଞ୍ଚିବା ନେଇ ସନ୍ଦେହ ରହୁଛି। ମୋଟା ମୋଟି ଭାବେ ଏବେ ସରକାରଙ୍କୁ ପ୍ରତି ବ୍ୟକ୍ତିର ଆୟବୃଦ୍ଧି, କୃଷି କ୍ଷେତ୍ରକୁ ପ୍ରୋତ୍ସାହନ ଏବଂ ବେରୋଜଗାରୀ ଭଳି ବିସ୍ଫୋଟକ ସ୍ଥିତିକୁ ନିୟନ୍ତ୍ରିତ କରିବାକୁ ପଡିବ।


ରାମଚନ୍ଦ୍ରପୁର,ରଣପୁର

ମୋ:୯୪୩୮୪୮୫୦୯୪


## କବିତା କୋଣାର୍କ

### ଦୁଇ ମୁଠା କବିତା



#### ଦିଲ୍ଲୀପ କୁମାର ନାୟକ

॥ ୧ ॥

ଆଖି ଦୁଇଟା ଖୋଲା ରଖି  
ଅନେକ ଖୋଜିଚି ତାକୁ  
ହେଲେ, ପାଇନି ମୁଁ ..  
ଆଖି ଦୁଇଟା ବନ୍ଦ କରି  
ବହୁତ ପାଇଚି ।  
ସ୍ୱର୍ଗକୁ ମୁଁ ଦୂରେଇ ଦେଇଚି ।  
କିଏ କହେ ମାୟା  
କିଏ କହେ ପ୍ରେମ ।  
କିନ୍ତୁ ଆତ୍ମା କୁହେ,  
ସେ ମୋ ଅସ୍ତିତ୍ୱ ।

॥ ୨ ॥

ମାନବୀୟ ହୃଦୟର  
ଆଗୋଭରା ସ୍ପନ୍ଦନରେ  
ଓଠ ପ୍ରେମର ଗୀତ ଗାଏ...  
ନାଚି ଉଠେ ଶରୀର  
ବନ୍ଧୁତ୍ୱର ଭାବରେ...ଭାବରେ..  
ଦେଖୁଥାଏ ଆଖି  
ମନର ମଣିଷକୁ  
ଶେଷ ନିଶ୍ୱାସ ଯାଏ ।


+ଅତରିକ୍ତ ତହସିଲଦାର,

ପଟ୍ଟାମୁଣ୍ଡାଇ

ଜି : କେନ୍ଦ୍ରାପଡା


### ବିଧବା ପ୍ରେମିକା

#### ମନୋଜ ମହାନନ୍ଦ

ଏ ଶୁଣୁଛ !!  
ତୁମେ ଆସି ଫେରିଗଲା ପରେ ମୁଁ  
ଯେ କେତେ କଥା ଶୁଣେ  
ଲୋକ ହସା ସହେ  
ମୋ ମହତ୍ କୁ ବିକେ  
ମାନ ଅପବାଦ ବୁଝେ  
ତୁମେ ରହି ଯାଅନା ମୋ ସାଥେ...!  
ଜାଣିଛି,  
ମୁଁ ତ ସେହି ପୂର୍ଣ୍ଣିମାର ରାତି,  
ଯାହାର ଜହ୍ନ କୁ ଗ୍ରହଣ ଲାଗିଛି ।  
ଏ ସମାଜ, ସମାଜ ଗୋଟେ  
କ'ଣ ଯେ!  
ମୁଁ କ'ଣ ଚାହିଁଥିଲି ଏ ସଧବା  
ମୁହଁରେ ବିଧବା ଜୀବନ,  
ଏଥିରେ ଭୁଲ ବି କ'ଣ ମୋର ଯେ  
ମୋ ମନ ମରୁଭୂମି ରେ ପ୍ରେମର  
ପାଣିଢାଳି ଫୁଟିଛି ନୂଆ ଆଶାର  
ଉଦ୍ୟାନ  
ମୋର ତ ଲିଭି ସାରିଛି କପାଳର  
ଲେଖା  
ତୁମେ ହିଁ ଭରିଥିଲ ଏ ହତଭାଗିନୀର  
ଭାଗ୍ୟ ରେଖା  
ଏ ଅପବାଦ କେତେ ଦିନ ଆଉ  
ଜଖମ୍ ଦେଉଥିବ  
ତୁମେ ନିଜର କରିନିଅ ନା ମତେ !  
ଏ ଲୋକ କ'ଣ ଚୁପଥିବେ ?  
ତୁମ ମଧ୍ୟରାତିରେ ଯିବା ଆସିବା  
ଅଣଦେଖା କରିବେ ।  
ତୁମେ ତ ମରଦ ଜାତି,  
କେମିତି ଜାଣିବ ମୋ ମନରେ  
କଣ ବିତେ ??  
ରହି ଯାଅନା ମୋ ସାଥେ !


+ଠେମେରା, ରାଣୀପୁର

ଝରିଆଳ,ବଲାଙ୍ଗୀର


### ନୂଆ ବର୍ଷ

#### ସରୋଜ କୁମାର ଦାସ



ମନୋରମ ସକାଳର କୋମଳ ସ୍ପର୍ଶ  
ସାଥେ ସାଥେ ନୂଆ ଅନୁଭବ  
ବଦଳି ଯିବାର ସଂକଳ୍ପ  
କିଛି ବଦଳେଇ ଦେବାର ପ୍ରତିଜ୍ଞା  
ତାହା ହିଁ ନୂଆବର୍ଷ ।  
କାଲି ଆଉ ଆଜି ଭିତରେ କ'ଣ  
ବଦଳିଛି ଯେ ?  
ପ୍ରାଚୀ ଦେଶେ ନବୋଦିତ ସୂର୍ଯ୍ୟ  
ସାଗରର ଉତ୍ତାଳ ଲହରୀ  
ଝରା ଶେଫାଳିର ମହକ  
ସବୁ ଠିକ୍ ସେମିତି ଅଛି ।  
ଉଷୁମ ଚା' ଆଉ ନରମ ଓଠର  
ସମ୍ପର୍କ ଭିତରେ  
କିଛି ନୂତନ ତାକୁ ସାଉଁଟି ବାର ସ୍ୱପ୍ନ  
ତାହା ହିଁ ନୂଆବର୍ଷ ।  
ଆଜି ବି ଭୋକ ସେମିତି ଅଛି  
ଆଖିରୁ ଝରି ପଡୁଛି  
ଟୋପା ଟୋପା ଅଶ୍ରୁ  
ହସ କାନ୍ଦର ବିତର୍କ ଭିତରେ  
ମଉଳି ଯାଉଛି ଯୁଗ ଯୁଗର ପ୍ରେମ,  
ପ୍ରତିଜ୍ଞା,ପ୍ରତାରଣା ।  
ତଥାପି ଉଙ୍କି ମାରୁଛି ସଜାଡ଼ିବାର  
ସମୟ  
ଗଢିବାର ଆଶା  
ଛିଡ଼ା ହେବାର ବିଶ୍ୱାସ  
ତାହା ହିଁ ନୂଆବର୍ଷ ।  
ସାରା ଆକାଶ ଠିକ୍ ସେମିତି ଅଛି  
ଶୀତ,କାକର,କୁହୁଡି  
ଫୁଲ ପାଖୁଡାର ରଙ୍ଗ ଓ ମହକ  
ଏ ସବୁ କାହିଁ ବଦଳିନି !  
ଜହ୍ନ ଦେହରେ କଳଙ୍କ  
କାଲି ବି ଥିଲା, ଆଜି ବି ଅଛି ।  
କେବଳ ମନତଳେ ନୂତନ ବିଶ୍ୱାସ  
ଭାବନାରେ ବଦଳିବାର ଚିହ୍ନ  
ତାହା ହିଁ ନୂଆବର୍ଷ ।  
ରାଗ,ହିଂସା ଅହଂକାର  
ଏସବୁ ବଦଳିଛି କି ?  
ସ୍ନେହ,ପ୍ରେମ ଭଲପାଇବା  
ଏଇ ଗୋଟିଏ ଦିନର ସତେଜତା  
ପୁଣି ତା ପରେ,  
ମୁଁ ଓ ମୋ ଭିତରେ ସବୁକିଛିର  
ହିସାବ ନିକାଶ ।  
ସବୁ ଭାବନାର ଅବସାନ ପରେ  
ପୁଣି ନୂଆ ସକାଳକୁ ଅପେକ୍ଷା  
ତାହା ହିଁ ନୂଆବର୍ଷ ।


+ ବାଲିଆପାଳ,ବାଲେଶ୍ୱର

# ନୂଆବର୍ଷରେ ପାଦେ ଆଗେଇବ ଓଡ଼ିଆ ସିନେମା: ଆସୁଛି ମୌଳିକ ଓଡ଼ିଆ କାହାଣୀ



ସରିଛି କପି ପେଷ୍ଟ୍ ସିନେମାର ଯୁଗ। ମୌଳିକ ଓଡ଼ିଆ କାହାଣୀକୁ ନେଇ ନିର୍ମାଣ ହେଉଛି ଚଳଚ୍ଚିତ୍ର। ଓଡ଼ିଆ ଚଳଚ୍ଚିତ୍ର 'ଦମନ' ଓ 'ପ୍ରତୀକ୍ଷା'ଠାରୁ ଆରମ୍ଭ ହୋଇଥିବା ଏହି ଧାରାକୁ ଆଗକୁ ନେଇଛି 'କର୍ମ', 'ପାବାର' ଓ 'ପରବ' ଭଳି ଭଲ କାହାଣୀର ଓଡ଼ିଆ ଚଳଚ୍ଚିତ୍ର। ଏହି ଧାରା ୨୦୨୫ ନୂଆବର୍ଷରେ ଜାରି ରଖିବାକୁ ଚାଲିଛି ଜୋରଦାର ପ୍ରସ୍ତୁତି। କରୋନା ପରେ କିଛି ଯୁବ ପ୍ରତିଭାଙ୍କ ନିରନ୍ତର ଉଦ୍ୟମରେ ପୁଣି ଟ୍ରାକ୍‌କୁ ଫେରିଥିଲା ଓଡ଼ିଆ ସିନେମା। ଦର୍ଶକ ପୁଣି ଥରେ ସିନେମା ହଲ୍‌ରେ ଓଡ଼ିଆ ଫିଲ୍ମ ଦେଖି ପ୍ରଶଂସା କଲେ। ୨୦୨୨ରେ ସତ ଘଟଣାକୁ ନେଇ ନିର୍ମିତ ହୋଇଥିଲା 'ଦମନ'। ସୁପରଷ୍ଟାର ବାବୁସାନ୍‌ଙ୍କ ଅଭିନୀତ ଏହି ଫିଲ୍ମ ୨୦୨୨ ବର୍ଷର ଶ୍ରେଷ୍ଠ ଓଡ଼ିଆ ଫିଲ୍ମ ଭାବେ ଜାତୀୟ ପୁରସ୍କାର ପାଇଛି। ଏହାପରେ ଯୁବ ନିର୍ଦ୍ଦେଶକ ଅନୁପମ ପଟ୍ଟନାୟକଙ୍କ 'ପ୍ରତୀକ୍ଷା' ଓଡ଼ିଆ ଘରର ନିଛକ କଥାକୁ ଖୁବ୍ ପସନ୍ଦ କରିଥିଲେ ଦର୍ଶକ। ଏ ଫିଲ୍ମ କେବଳ ଯୁବପିଢ଼ି ନୁହେଁ ବୟସ୍କଙ୍କୁ ମଧ୍ୟ ହଲ୍‌କୁ ଟାଣିଥିଲା। ଗତ ଦୁର୍ଗାପୂଜାରେ ଅମୀୟ ପଟ୍ଟନାୟକ ପ୍ରଡକସନ୍ ବ୍ୟାନରରେ ନିର୍ମିତ 'କର୍ମ' ଓଡ଼ିଆ ସିନେମାର ସବୁ ରେକର୍ଡକୁ କାଟି ପ୍ରାୟ ୮ କୋଟି ଟଙ୍କାର ବ୍ୟବସାୟ କରିଥିଲା। ଓଡ଼ିଶା ସମେତ ଦେଶର ଅନେକ ସହରରେ ଏବେ ବି ସଫଳତାର ସହ ଚାଲିଛି। ବର୍ଷ ଶେଷରେ ସୀମାନ୍ତରେ ଓଡ଼ିଆଙ୍କ ଯନ୍ତ୍ରଣାକୁ ନେଇ ନିର୍ମିତ 'ପରବ'ର କାହାଣୀକୁ ବେଶ୍ ପସନ୍ଦ କରିଛନ୍ତି ଦର୍ଶକ।

୨୦୨୫ରେ ମଧ୍ୟ ଓଲିଉଡ୍‌ରେ କିଛି ଭଲ କାହାଣୀ ସହ ଆଧୁନିକ ଜ୍ଞାନକୌଶଳକୁ ନେଇ ଫିଲ୍ମ ନିର୍ମାଣ କରିବାକୁ ଯୋଜନା ହୋଇଛି। ଏହି ଧାରାରେ ଚଳିତ ଜାନୁଆରିରେ ୩ଟି ଓଡ଼ିଆ ଫିଲ୍ମ ରିଲିଜ୍ ହେବାକୁ ଯାଉଛି। ପ୍ରଥମେ ୩ ତାରିଖରେ ବଡ଼ ପରଦାରେ ରିଲିଜ୍ ହେବ ବର୍ଷା ପ୍ରିୟଦର୍ଶିନୀଙ୍କ 'ଓ୍ୱାଇଫ୍'। ଜଣେ ନାରୀର ଅକୁହା କଥାକୁ ନେଇ ଏହି ପାରିବାରିକ କାହାଣୀ ଲେଖାହୋଇଛି। ଓଡ଼ିଆ ପରମ୍ପରାର ଏକ ପ୍ରାଚୀନ ଲୋକକଳା ନୃତ୍ୟ ବାଘ ନାଚକୁ ନେଇ ନିର୍ମାଣ ହୋଇଛି ଫିଲ୍ମ 'ରଙ୍ଗଶୁର'। ଯାହା ଜାନୁଆରି ୧୨ରେ ମୁକ୍ତିଲାଭ କରିବ। ସେହିପରି ଧମାକାଦାର ଆକ୍ସନ ସହିତ ରୋଚକ ଓଡ଼ିଆ କାହାଣୀ ଥିବା ଫିଲ୍ମ 'ଘମାଘୋଟ' ଜାନୁଆରି ଶେଷ ସପ୍ତାହରେ ରିଲିଜ୍ ହେବ।

୨୦୨୪ରେ ରେକର୍ଡ କରିଥିବା 'କର୍ମ' ଟିମ୍ ୨୦୨୫ ଦୁର୍ଗାପୂଜାରେ ନେଇ ଆସୁଛନ୍ତି କ୍ରାଇମ୍ ଥ୍ରିଲର 'ରାବଣ'। ଏଥିରେ ମଧ୍ୟ ସୁପରଷ୍ଟାର ଅନୁଭବ ମହାନ୍ତି ମୁଖ୍ୟ ଭୂମିକାରେ ନଜର ଆସିବେ। ଅନୁପମ ପଟ୍ଟନାୟକଙ୍କ ନିର୍ଦ୍ଦେଶିତ ହରର ଫିଲ୍ମ 'ଡାହାନ୍' ଏବଂ ବହୁ ଚର୍ଚ୍ଚିତ ଓ୍ୱେବ୍ ସିରିଜ୍ 'ଗ୍ୟାଙ୍ଗସ୍ ଅଫ୍ ପୁରୀ ସିଜନ୍-୨' ମାର୍ଚ୍ଚ ମାସରେ ଆସିବ। ଏଥର ସୁପରଷ୍ଟାର ବାବୁସାନ୍ ମହାନ୍ତି ନିଜ ବ୍ୟାନରରେ ଏକ ନିଛକ ଓଡ଼ିଆ କାହାଣୀକୁ ନେଇ ଫିଲ୍ମ କରିବାକୁ ଯାଉଛନ୍ତି। ଯାହା ରଜରେ ରିଲିଜ୍ ହେବ। ଜାନୁଆରି ଦ୍ୱିତୀୟ ସପ୍ତାହରେ ଏହାର ଟାଇଟଲ୍ ଘୋଷଣା ହେବ। ଏମିତି ଆଗକୁ ଭଲ କାହାଣୀକୁ ନେଇ ଫିଲ୍ମ ନିର୍ମାଣ ପାଇଁ ଅନେକ ପ୍ରଯୋଜକ, ନିର୍ଦ୍ଦେଶକ ଲାଗିଛନ୍ତି। ପୂର୍ବ ସରକାର 'ଓଡ଼ିଶା ରାଜ୍ୟ ଚଳଚ୍ଚିତ୍ର ନୀତି-୨୦୧୯' ଆଣିଥିଲେ। ହେଲେ ଏହି ନୀତି ଓଡ଼ିଆ ସିନେମା ଶିଳ୍ପର ବିକାଶ ପାଇଁ ସେତେଟା ପ୍ରଭାବୀ ହେଲାନାହିଁ। ତେଣୁ ନୂଆ ଚଳଚ୍ଚିତ୍ର ନୀତି ଲାଗୁ କରିବା ପାଇଁ ଅନେକ ସମୟରେ ଦାବି ହେଉଥିଲା। ଆଉ ନୂଆ ସରକାର ଆସିବା ପରେ ଏନେଇ ବିଚାର ବିମର୍ଶ ଚାଲିଛି। ଖୁବ୍‌ଶୀଘ୍ର ନୂଆ ନୀତି ଆସିବ ବୋଲି ସୂଚନା ମିଳିଛି। ୨୦୨୪ରେ ବେଗ ବଢ଼ାଉଥିବା ଓଡ଼ିଆ ଫିଲ୍ମ ଇଞ୍ଜିନ୍ ୨୦୨୫ ମସିହାରେ ବୁଲେଟ୍ ଟ୍ରେନ୍ ପରି ଦୌଡ଼ିବ ବୋଲି ଓଡ଼ିଆ ଦର୍ଶକ ଆଶା ବାନ୍ଧିଛନ୍ତି।

# ପ୍ରଡକ୍ଟ ଯଦି ଖରାପ, ପ୍ରତିବନ୍ଧକ ଲଗାଅ: ମୋ ରୋଜଗାର ଉପରେ ନୁହେଁ



ପୁରୁଣା ଭିଡିଓକୁ ନେଇ ବିବାଦରେ ବଲିଉଡର କିଙ୍ଗ ଶାହରୁଖ ଖାନ୍। ସୋସିଆଲ ମିଡିଆ ପ୍ଲାଟଫର୍ମ ଇନଷ୍ଟାଗ୍ରାମରେ ଶାହରୁଖଙ୍କ ଏକ ଭିଡିଓ ଭାଇରାଲ ହେଉଛି, ଯେଉଁଥିରେ ସେ ମୃଦୁ ପାନୀୟର ବିଜ୍ଞାପନ ଏବଂ ଧୂମପାନକୁ ସମର୍ଥନ କରୁଥିବା ଦେଖିବାକୁ ମିଳିଛି। ଏହି ଭିଡିଓ ଭାଇରାଲ ହେବା ପରେ ଏବେ ଶାହରୁଖ ଚର୍ଚ୍ଚାକୁ ଆସିଛନ୍ତି। କିଛି ବର୍ଷ ତଳେ ମୃଦୁ ପାନୀୟ ବ୍ରାଣ୍ଡ କୋଲାର ବିଜ୍ଞାପନ କରୁଥିଲେ ଶାହରୁଖ। ଏହା ଦେହ ପାଇଁ ଭଲ ନୁହେଁ। ଏହାର ବିଜ୍ଞାପନ କରନ୍ତୁ ନାହିଁ ବୋଲି ଅନୁରୋଧ କରାଯିବା ପରେ ଶାହରୁଖ କହିଥିଲେ, 'ମୁଁ ଅଧିକାରୀଙ୍କୁ ଅନୁରୋଧ କରିବି ଯେ, ଯଦି ଏହା ଏତେ ଖରାପ ତେବେ ଏହା ଉପରେ ପ୍ରତିବନ୍ଧକ ଲଗାଅ। ଏହାକୁ ଦେଶରେ ବିକ୍ରି ହେବାକୁ ଦିଅ ନାହିଁ। ସିଗାରେଟ ଯଦି ଦେହ ପାଇଁ ଖରାପ ବୋଲି ଭାବୁଛ, ତେବେ ଏହାର ତିଆରି ଓ ବିକ୍ରି ଭାରତରେ ବନ୍ଦ କରିଦିଅ। କିନ୍ତୁ କେହି ବି ଏହା କରିବେ ନାହିଁ। କାରଣ ଏସବୁ ଜିନିଷ ସେମାନଙ୍କୁ ଟଙ୍କା ଦେଉଛି। କେ ?ଣସି ପ୍ରଡକ୍ଟ ହାନିକାରଣ ବୋଲି ଜାଣି ମଧ୍ୟ ଏହା ଉପରେ ସରକାର ପ୍ରତିବନ୍ଧକ ଲଗାଉନାହାନ୍ତି, କାରଣ ଏହା ତାଙ୍କୁ ଅଧିକ ଟଙ୍କା ଯୋଗାଉଛି। ତେଣୁ ମୋର ରୋଜଗାର ବନ୍ଦ କରନାହିଁ। ମୁଁ ଜଣେ ଅଭିନେତା। ମୁଁ ମୋ ନିଜ କାମ କରି ଟଙ୍କା ରୋଜଗାର କରୁଛି। ଏଥିରେ ଭୁଲ କେଉଁଠି ରହିଲା।'

# ସୂର୍ଯ୍ୟଙ୍କୁ ବିବାହ କରିବେ ଶିବଶ୍ରୀ




ବିଜେପି ସାଂସଦ ତେଜସ୍ୱୀ ସୂର୍ଯ୍ୟଙ୍କ ବିବାହକୁ ନେଇ ଏବେ ଅନେକ ଚର୍ଚ୍ଚା ଜୋର ଧରିଛି। କୁହାଯାଉଛି ଯେ ସାଂସଦ ଶୀଘ୍ର ବିବାହ କରିବାକୁ ଯାଉଛନ୍ତି। ସେ ଚେନ୍ନାଇର ପ୍ରସିଦ୍ଧ ଗାୟିକା ତଥା ଭାରତନାଟ୍ୟମ୍ କଳାକାର ଶିବଶ୍ରୀ ସ୍କନ୍ଦପ୍ରସାଦଙ୍କୁ ବିବାହ କରିବେ। ତେବେ ତେଜସ୍ୱୀ ଏହାକୁ ଆନୁଷ୍ଠାନିକ ଭାବେ ନିଶ୍ଚିତ କରିନାହାଁନ୍ତି। ଭାରତୀୟ ଜନତା ପାର୍ଟି (ବିଜେପି) ସାଂସଦ ତେଜସ୍ୱୀ ସୂର୍ଯ୍ୟ ହେଉଛନ୍ତି ବେଙ୍ଗାଲୁରୁ ଦକ୍ଷିଣରୁ ଲୋକସଭା ସାଂସଦ। ସେ ଚେନ୍ନାଇର ପ୍ରସିଦ୍ଧ ଗାୟକ ତଥା ଭାରତନାଟ୍ୟମ୍ ନୃତ୍ୟଶିଳ୍ପୀ ଶିବଶ୍ରୀ ସ୍କନ୍ଦପ୍ରସାଦଙ୍କୁ ଖୁବ୍ ଶୀଘ୍ର ବିବାହ କରିବାକୁ ଯାଉଛନ୍ତି ବୋଲି ଚର୍ଚ୍ଚା ହେଉଛି। କିଛି ମାସ ପରେ ବେଙ୍ଗାଲୁରୁରେ ବିବାହ ସମାରୋହ ଅନୁଷ୍ଠିତ ହେବ ବୋଲି କୁହାଯାଉଛି। ତେବେ ତେଜସ୍ୱୀ ସୂର୍ଯ୍ୟ ନିଜେ ଏପର୍ଯ୍ୟନ୍ତ ଏ ସମ୍ପର୍କରେ କୌଣସି ସୂଚନା ଦେଇନାହାନ୍ତି । ଶିବଶ୍ରୀ ଜଣେ ପ୍ରସିଦ୍ଧ ଗାୟିକା। ସେ କେବଳ ଚେନ୍ନାଇରେ ନୁହେଁ। ସମଗ୍ର ଭାରତରେ ପ୍ରମୁଖ କାର୍ଯ୍ୟକ୍ରମରେ ପ୍ରଦର୍ଶନ କରିଛନ୍ତି। ୨୦୧୪ ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କ ଗୀତର ପ୍ରଶଂସା କରିବା ପରେ ସେ ରାତାରାତି ଲାଇମଲାଇଟକୁ ଆସିଥିଲେ। ସେ କନ୍ନଡ ଭାଷାରେ ଏକ ଭକ୍ତି ଗୀତ ଗାଇଥିଲେ। ମିଡିଆ ରିପୋର୍ଟ ଅନୁଯାୟୀ, ଶିବଶ୍ରୀ ଶାସ୍ତ୍ର ବିଶ୍ୱବିଦ୍ୟାଳୟରୁ ବାୟୋ ଇଞ୍ଜିନିୟରିଂରେ ସ୍ନାତକ ହାସଲ କରିଛନ୍ତି। ଏହା ସହିତ ସେ ଚେନ୍ନାଇ ବିଶ୍ୱବିଦ୍ୟାଳୟରୁ ଭାରତନାଟ୍ୟମରେ ଏମଏ ଡିଗ୍ରୀ ହାସଲ କରିଛନ୍ତି। ଶିବଶ୍ରୀଙ୍କର ଏକ ୟୁଟ୍ୟୁବ୍ ଚ୍ୟାନେଲ୍ ମଧ୍ୟ ଅଛି, ଯେଉଁଥିରେ ୨ ଲକ୍ଷରୁ ଅଧିକ ସବସକ୍ରାଇବର ଅଛନ୍ତି ।

# ଝିଅର ବିବାହ ଖର୍ଚ୍ଚ ଉଠାଇବାକୁ ଅଧିକ କାମ କରିଥିଲି, ଏବେ ଶାନ୍ତି ମିଳିଲା: ଅନୁରାଗ




ବଲିଉଡର ଜଣାଶୁଣା ନିର୍ଦ୍ଦେଶକ ଅନୁରାଗ କଶ୍ୟପଙ୍କ ଝିଅ ଆଲିଆ କଶ୍ୟପ କିଛି ଦିନ ତଳେ ବିବାହ କରିଥିଲେ। ସେ ସେନ୍ ଗ୍ରେଗୋଏରଙ୍କୁ ବିବାହ କରିଥିଲେ। ସେମାନଙ୍କର ବିବାହର ଅନେକ ଫଟୋ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ବିବାହ ପରେ ଅନୁରାଗ କହିଛନ୍ତି ଯେ, ଏହି ବିବାହର ବଜେଟ୍ ତାଙ୍କର ଏକ ଛୋଟ ଚଳଚ୍ଚିତ୍ରର ବଜେଟ ସହିତ ସମାନ ଥିଲା। ବିବାହ ଖର୍ଚ୍ଚ ଉଠାଇବା ପାଇଁ ସେ ଅଧିକ କାମ କରିଥିଲେ। ନିକଟରେ ଏକ ସାକ୍ଷାତକାରରେ ସେ କହିଛନ୍ତି ଯେ, ସେ ତାଙ୍କ ଝିଅର ବିବାହର ଖର୍ଚ୍ଚ ବହନ କରିବା ପାଇଁ ନିର୍ଦ୍ଦେଶନା ସହ ଅଭିନୟ କରିଥିଲେ। କାରଣ ଜଣେ ଭାରତୀୟ ଚଳଚ୍ଚିତ୍ର ନିର୍ମାତା ଭାବରେ ଏଭଳି ମହଙ୍ଗା ବିବାହର ଖର୍ଚ୍ଚ ବହନ କରିବା ସହଜ ନୁହେଁ। ବର୍ତ୍ତମାନ ବିବାହ ଶେଷ ହୋଇଥିବାରୁ ସେ ଶାନ୍ତି ଅନୁଭବ କରୁଥିବା କହିଛନ୍ତି। ସେ ତାଙ୍କର ୨୦୨୫ର ଯୋଜନା ବିଷୟରେ ମଧ୍ୟ ସାକ୍ଷାତକାରରେ କହିଛନ୍ତି। ତାଙ୍କ କହିବା ମୁତାବକ, 'ସେ ନିଜର ଯତ୍ନ ନେବା ସହ ବ୍ୟକ୍ତିଗତ ଅଭିବୃଦ୍ଧି ଉପରେ ଧ୍ୟାନ ଦେବେ। ନିର୍ଦ୍ଦେଶନାରୁ ବିରତି ନେଇ ସେ ବିଶ୍ରାମ କରିବା ସହ ଅନେକ ଫିଲ୍ମ ଦେଖି ଉପଭୋଗ କରିବାକୁ ଚାହୁଁଥିବା କହିଛନ୍ତି।'

# ବଲିଉଡ୍‌ରେ ଡେବ୍ୟୁ କରିବେ ଷ୍ଟାର ଅଭିନେତାଙ୍କ ପିଲା



୨୦୨୫ରେ ଗୋଟିଏ ପଟେ ସଲମାନ ଖାନଙ୍କ ଠାରୁ ସନ୍ନି ଦେଓଲ ପର୍ଯ୍ୟନ୍ତ ଅନେକ ସୁପରଷ୍ଟାରଙ୍କ ଚଳଚ୍ଚିତ୍ର ମୁକ୍ତିଲାଭ କରୁଥିବାବେଳେ ଅନ୍ୟ ପଟେ ରାଶା ଥାଡାନି ଓ ଇବ୍ରାହିମ ଅଲି ଖାନଙ୍କ ଭଳି ଷ୍ଟାର କିଡ୍ ?ମାନେ ବଲିଉଡରେ ଡେବ୍ୟୁ କରିବାକୁ ଯାଉଛନ୍ତି। ତେବେ ଆସନ୍ତୁ ଜାଣିବା ସେହି ୫ ଷ୍ଟାର ପିଲାମାନଙ୍କ ବିଷୟରେ ଯେଉଁମାନେ ୨୦୨୫ ମସିହାରେ ସେମାନଙ୍କର ଚଳଚ୍ଚିତ୍ର ଯାତ୍ରା ଆରମ୍ଭ କରିବାକୁ ଯାଉଛନ୍ତି।

ସୁହାନା ଖାନ, ଖୁସି କପୁର, ଅଗସ୍ତ୍ୟ ନନ୍ଦା, ଆଲିଜେ ଅଗ୍ନିହୋତ୍ରୀଙ୍କ ପରେ ବର୍ତ୍ତମାନ ଆଉ ୫ ସେଲିବ୍ରିଟିଙ୍କ ପିଲା ବଲିଉଡରେ ଡେବ୍ୟୁ କରିବାକୁ ଯାଉଛନ୍ତି। ଯେତେବେଳେ କୌଣସି ଷ୍ଟାର୍ କିଡ୍ ତାଙ୍କର ବଲିଉଡରେ ଡେବ୍ୟୁ କରନ୍ତି, ଫିଲ୍ମ ରିଲିଜ୍ ହେବାର ୨ବର୍ଷ ପୂର୍ବରୁ ତାଙ୍କୁ ଲାଇମଲାଇଟ୍ ଭିତରକୁ ଆଣିବାକୁ ପ୍ରମୋସନ ଆରମ୍ଭ ହୋଇଯାଇଥାଏ ।



ଇବ୍ରାହିମ ଅଲି ଖାନ: ବଲିଉଡ୍ ଅଭିନେତା ସୈଫ ଅଲି ଖାନ ଏବଂ ଅମୃତା ସିଂଙ୍କ ପୁଅ ଇବ୍ରାହିମ ଅଲି ଖାନ କରନ ଜୋହରଙ୍କ ଫିଲ୍ମ 'ସରଜମିନ୍' ସହିତ ବଲିଉଡରେ ଡେବ୍ୟୁ କରିବେ। ତାଙ୍କ ଚଳଚ୍ଚିତ୍ର ୨୦୨୫ ମସିହାରେ ମୁକ୍ତିଲାଭ କରିବ। କେବଳ ତାଙ୍କ ଭଉଣୀ ସାରା ଅଲି ଖାନଙ୍କ ସୋସିଆଲ ମିଡିଆରେ ଦେଖାଯାଉଥିବା ଇବ୍ରାହିମ ବର୍ତ୍ତମାନ ପ୍ରାୟ ସବୁଦିନ ପାପାରାଜି କ୍ୟାମେରା ଦ୍ୱାରା କଏଦ ହୋଉଛନ୍ତି। ଏହାର ଅର୍ଥ ବର୍ତ୍ତମାନ ଇବ୍ରାହିମ ଅଲି ଖାନଙ୍କର ଲଞ୍ଚ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି।



ରାଶା ଥାଡାନି: ପ୍ରସିଦ୍ଧ ବଲିଉଡ ଅଭିନେତ୍ରୀ ରବିନା ଟଣ୍ଡନ ଏବଂ ଚଳଚ୍ଚିତ୍ର ବିତରକ ଅନିଲ ଥାଡାନୀଙ୍କ ଝିଅ ରାଶା ଥାଡାନି ଫିଲ୍ମ 'ଆଜାଦ' ସହିତ ବଲିଉଡରେ ଡେବ୍ୟୁ କରିବାକୁ ଯାଉଛନ୍ତି। ଏହି ଚଳଚ୍ଚିତ୍ରଟି ହେଉଛି ଏକ ଘୋଡାର କାହାଣୀ। ଏହି ଚଳଚ୍ଚିତ୍ରରେ ରାଶାଙ୍କୁ ସମ୍ପୂର୍ଣ୍ଣ ପାରମ୍ପାରିକ ରୂପରେ ଦେଖିବାକୁ ମିଳିବ।

ଅମନ ଦେବଗନ: ରାଶାଙ୍କ ସହ ଅଜୟ ଦେବଗନଙ୍କ ଭଣଜା ଅମନ ଦେବଗାନ ମଧ୍ୟ ଫିଲ୍ମ 'ଆଜାଦ' ସହିତ ବଲିଉଡରେ ଡେବ୍ୟୁ କରିବାକୁ ଯାଉଛନ୍ତି। ଅମନ ଅଜୟଙ୍କ ଭଉଣୀଙ୍କ ପୁଅ। ଅଜୟ ଦେବଗନ୍ ନିଜେ ମଧ୍ୟ ଏହି ଫିଲ୍ମରେ ଅଭିନୟ କରିଛନ୍ତି। ଅଜୟ ଦେବଗନଙ୍କ ସାହାଯ୍ୟରେ ରାଶା ଏବଂ ଅମାନଙ୍କ ଡେବ୍ୟୁ ଫିଲ୍ମ ହିଟ୍ ହେବ କି? ଏବେ ବାସ ଏହା ଦେଖିବାକୁ ବାକି ରହିଲା।



ଶାନାୟା କପୁର: ଶାନାୟା କପୁର ହେଉଛନ୍ତି ଅଭିନେତା ସଞ୍ଜୟ କପୁରଙ୍କ ବଡ ଝିଅ। ଅଭିନୟ ଦୁନିଆକୁ ଆସିବା ପୂର୍ବରୁ ମଧ୍ୟ ଶାନାୟାଙ୍କର ସୋସିଆଲ ମିଡିଆରେ ଲକ୍ଷ ଲକ୍ଷ ଫୋଲର୍ସ ରହି ଆସିଛନ୍ତି। ଶାନାୟା ଅଭିନେତା ବିକ୍ରାନ୍ତ ମେସିଙ୍କ ସହିତ ବଲିଉଡରେ ଡେବ୍ୟୁ କରିବାକୁ ଯାଉଛନ୍ତି। ଶାନାୟାର ଚଳଚ୍ଚିତ୍ର ୨୦୨୫ରେ ମୁକ୍ତିଲାଭ କରିବ। ଶାନାୟା, ଅନନ୍ୟା ପାଣ୍ଡେ ଏବଂ ଶାହାରୁଖ ଖାନଙ୍କ ଝିଅ ସୁହାନା ଖାନ ପିଲାଦିନରୁ ଭଲ ବନ୍ଧୁ ଅଟନ୍ତି।

ଆହାନ୍ ପାଣ୍ଡେ: ବଲିଉଡ୍ ଅଭିନେତ୍ରୀ ଅନନ୍ୟା ପାଣ୍ଡେଙ୍କ ସମ୍ପର୍କୀୟ ଭାଇ ଆହାନ୍ ପାଣ୍ଡେ ମଧ୍ୟ ତାଙ୍କ ବଲିଉଡ ଡେବ୍ୟୁ ପାଇଁ ପ୍ରସ୍ତୁତ ଅଛନ୍ତି। ମୋହିତ ସୁରୀଙ୍କ ସହ ତାଙ୍କ ଫିଲ୍ମ ୨୦୨୫ରେ ମୁକ୍ତିଲାଭ କରିବାକୁ ଯାଉଛି। ଅନନ୍ୟା ପାଣ୍ଡେଙ୍କ କାକା ଚିକି ପାଣ୍ଡେଙ୍କ ପୁଅ ହେଉଛନ୍ତି ଆହାନ୍ ପାଣ୍ଡେ । ଆହାନଙ୍କ ଭଉଣୀ ଆଲାନା ପାଣ୍ଡେ ମଧ୍ୟ ଜଣେ ସୋସିଆଲ ମିଡିଆ ଇନଫ୍ଲୁଏନ୍ସର।

# ଓଡ଼ିଶାର କଳା ସଂସ୍କୃତି ସମଗ୍ର ବିଶ୍ୱରେ ମହାନ୍: ବେଣୁଧର ପରିଡ଼ା

ଓଡ଼ିଶାର କଳା ସାହିତ୍ୟ ସଂସ୍କୃତି ଓ ଶିକ୍ଷା କ୍ଷେତ୍ରରେ ଅଧ୍ୟାପକ ବେଣୁଧର ପରିଡ଼ା ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି । ଭଦ୍ରକ ଜିଲ୍ଲାର ବାସୁଦେବପୁର ବ୍ଲକ ଅନ୍ତର୍ଗତ ନରସିଂହପୁର ଗ୍ରାମରେ ଶ୍ରୀ ପରିଡ଼ା ୧୯୬୮ ମସିହାରେ ଜନ୍ମ ଗ୍ରହଣ କରନ୍ତି କ୍ଷ ତାଙ୍କର ପିତା ସାରଙ୍ଗ ପରିଡ଼ା ଓ ମାତା ସତ୍ୟଭାମା ପରିଡ଼ା । ପତ୍ନୀ ଆରତୀ ପରିଡ଼ା, ଦୁଇ ଝିଅ ଅନନ୍ୟା ଓ ପ୍ରଜ୍ଞାଙ୍କୁ ନେଇ ତାଙ୍କର ସଂସାର ରଥ ଆଗେଇ ଚାଲିଛି । ବର୍ତ୍ତମାନ ଶ୍ରୀ ପରିଡ଼ା ବେତଡ଼ା ଉତ୍କଳମଣି ଗୋପବନ୍ଧୁ ସଂସ୍କୃତ ମହାବିଦ୍ୟାଳୟ ରେ ବରିଷ୍ଠ ଓଡିଆ ଅଧ୍ୟାପକ ଭାବେ ଛାତ୍ର ଛାତ୍ରୀ ମାନଙ୍କୁ ପାଠ ପଢ଼ାଉଛନ୍ତି । ଅତୀତରେ ଏହି ମହାବିଦ୍ୟାଳୟରେ ଶ୍ରୀ ପରିଡ଼ା ଅଧ୍ୟକ୍ଷ ଥିଲେ । ଦାନବୀର ହରିଶ୍ଚନ୍ଦ୍ର, ପରଝିଅ ଘର ଭାଙ୍ଗେନା ପ୍ରଭୃତି ନାଟକରେ ଶ୍ରୀ ପରିଡ଼ା ଅଭିନୟ କରିଛନ୍ତି । କ୍ରିକେଟ୍ ଖେଳ ଓ ଫୁଟ୍ ବଲ୍ ଖେଳକୁ ସେ ଭଲ ପାଆନ୍ତି। ତାଙ୍କର ପ୍ରିୟ ଅଭ୍ୟାସ ଭ୍ରମଣ କରିବା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ରେ ଅଂଶ ଗ୍ରହଣ କରିବା । ସ୍ୱପ୍ନ ସାଗର, ମାଆ ମମତା, ଡୋରା, ଶେଷ ଶ୍ରାବଣ, ଫୁଲ ଚନ୍ଦନ, ଶଙ୍ଖା ସିନ୍ଦୂର, ଚକା ଭଉଁରୀ, ସପନ ବଣିକ, ରଜନୀ ଗନ୍ଧା,ପୁଅ ମୋର କଳା ଠାକୁର, ରାକ୍ଷୀ ବାନ୍ଧିଲି ମୋ ରଖିବ ମାନ ପ୍ରଭୃତି ଓଡ଼ିଅ ଚଳଚିତ୍ର ଦେଖିବାକୁ ଶ୍ରୀ ପରିଡାଙ୍କୁ ଭଲ ଲାଗେ । ସିନେମା କଳାକାର ଶ୍ରୀରାମ ପଣ୍ଡା, ତ୍ରିପୁରା ମିଶ୍ର, ଉତ୍ତମ ମହାନ୍ତି, ଅପରାଜିତା, ବିଜୟ ମହାନ୍ତି, ତନ୍ଦ୍ରା ରାୟ, ପ୍ରଶାନ୍ତ ନନ୍ଦ, ମହାଶ୍ୱେତା, ହର ପଟ୍ଟନାୟକ , ଅଶ୍ରୁ ମୋଚନ ମହାନ୍ତି, ରାଇ ମୋହନ ପରିଡ଼ା ଓ ଯାତ୍ରା ଜଗତର କଳାକାର ଦୈତାରୀ ପଣ୍ଡା, ମହେନ୍ଦ୍ର ଦାସ ଭିକୁ ସେଠ୍, ନିର ସ୍ୱାଇଁ, ଲତା ମଣ୍ଡଳ, ମନ୍ଦାକିନୀ ପ୍ରମୁଖଙ୍କୁ ଶ୍ରୀ ପରିଡା ପସନ୍ଦ କରନ୍ତି । ଶ୍ରୀ ପରିଡ଼ା ସମାଜ ସେବା କ୍ଷେତ୍ରରେ ଅନେକ ବୃକ୍ଷ ରୋପଣ କରିଛନ୍ତି ଓ କଲେଜରେ ଅତୀତରେ ଜାତୀୟ ସେବା ଯୋଜନା ଶିବିର ରେ ପ୍ରୋଗ୍ରାମ ଅଫିସର ଭାବେ କାର୍ଯ୍ୟ କରିଛନ୍ତି । ଶ୍ରୀ ପରିଡା ଙ୍କ ପ୍ରିୟ ସାହିତ୍ୟିକ ହେଉଛନ୍ତି ସଚ୍ଚି ରାଉତରାୟ, ମନୋଜ ଦାସ,ପ୍ରତିଭା ରାୟ, ବିଭୂତି ପଟ୍ଟନାୟକ, ଡକ୍ଟର ହୃଷୀକେଶ ପଣ୍ଡା ଆଇ ଏ ଏସ, ବୀଣାପାଣି ମହାନ୍ତି, ରମାକାନ୍ତ ରଥ, କମଳାକାନ୍ତ ଲେଙ୍କା, ବସନ୍ତ ମୁଦୁଲି । ଯାଜ୍ଞସେନୀ,ବଧୂ ନିରୁପମା, ଅମାବାସ୍ୟାର ଚନ୍ଦ୍ର, ନାୟିକାର ନାମ ଶ୍ରାବଣୀ, ପ୍ରେମିକା , ଶ୍ରୀରାଧା ପ୍ରଭୃତି ପୁସ୍ତକ ହିଁ ଶ୍ରୀ ପରିଡାଙ୍କ ପସନ୍ଦ । ତାଙ୍କର ପ୍ରିୟ ଅଭ୍ୟାସ ଯୋଗ ଓ ପ୍ରାଣାୟାମ। ଓଡ଼ିଶାର କଳା ସଂସ୍କୃତି ସମଗ୍ର ବିଶ୍ୱରେ ମହାନ୍ ବୋଲି ସେ ପ୍ରକାଶ କରନ୍ତି । ଓଡ଼ିଶୀ ନୃତ୍ୟ କୁ ସେ ଭଲ ପାଆନ୍ତି ଏବଂ ଓଡ଼ିଆ ସାହିତ୍ୟ ଓ ମାତୃଭାଷାକୁ ଶ୍ରୀ ପରିଡା ଜୀବନରେ ଭୁଲି ପାରିବେ ନାହିଁ । ତାଙ୍କର ପ୍ରିୟ କଣ୍ଠଶିଳ୍ପୀ ଭଜନ ସମ୍ରାଟ ଭିକାରୀ ବଳ, ଅକ୍ଷୟ ମହାନ୍ତି, ତୃପ୍ତି ଦାସ, ନମିତା ଅଗ୍ରୱାଲ । ମହାତ୍ମା ଗାନ୍ଧୀ ଓ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ ହିଁ ଶ୍ରୀ ପରିଡାଙ୍କ ଆଦର୍ଶ ମଣିଷ । ଶିକ୍ଷା,ସାହିତ୍ୟ, ନାଟକ, ଚିତ୍ରକଳା , ଆଧ୍ୟାତ୍ମିକ ଚିନ୍ତାଧାରା ଓ ପୁସ୍ତକ ମେଳାକୁ ଶ୍ରୀ ପରିଡା ଅଧିକ ଗୁରୁତ୍ୱ ଦିଅନ୍ତି। ଈଶ୍ୱରଙ୍କ କୃପାରୁ ଶ୍ରୀ ପରିଡ଼ାଙ୍କ ଭବିଷ୍ୟତର ଚଲାପଥ କୁସୁମିତ ହେଉ। ଆମର ଏତିକି କାମନା ।



ଉପସ୍ଥାପନା: ପ୍ରଦୀପ୍ତ କୁମାର ମହାନ୍ତି
ସମ୍ପାଦକ ରଙ୍ଗରାଗ ସାହିତ୍ୟ ପରିଷଦ
ବରଣ୍ଡୁଆ, ବାସୁଦେବପୁର, ଭଦ୍ରକ
ମୋବାଇଲ୍ ୯୯୩୭୯୭୬୩୫୧

# ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ସଡ଼କ ସୁରକ୍ଷା ମାସ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ

ଭୁବନେଶ୍ୱର, ୨/୧ (ନି.ପ୍ର): ୨୦୨୫ ଜାନୁଆରୀ ୧ ରୁ ୩୧ ତାରିଖ ପର୍ଯ୍ୟନ୍ତ ମାସେ ବ୍ୟାପୀ ସଡ଼କ ସୁରକ୍ଷା ମାସ ପାଳନ କରାଯିବା ପରିପ୍ରେକ୍ଷୀରେ ଗତକାଲି ମଙ୍ଗଳବାର ଏକ ରାଜ୍ୟସ୍ତରୀୟ ପ୍ରସ୍ତୁତି ବୈଠକ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ପ୍ରତିବର୍ଷ ସଡ଼କ ସୁରକ୍ଷା ସପ୍ତାହ ପାଳନ କରାଯାଉଥିଲବା ବେଳେ ଏ ବର୍ଷ ସଚେତନତା ଓ ସଡ଼କ ସୁରକ୍ଷା ସମ୍ପର୍କିତ ବିଭିନ୍ନ କାର୍ଯ୍ୟକ୍ରମକୁ ବ୍ୟାପକ କରିବାକୁ ଭାରତ ସରକାରଙ୍କ ସଡ଼କ ପରିବହନ ଓ ରାଜ ପଥ ମନ୍ତ୍ରାଳୟ ସବୁ ରାଜ୍ୟ ସରକାରଙ୍କୁ ଅନୁରୋଧ କରିଛନ୍ତି । ଏହି ପରିପ୍ରେକ୍ଷୀରେ ଓଡ଼ିଶାରେ ମଧ ସଡ଼କ ସୁରକ୍ଷା ମାସ ପାଳନ କରାଯିବା ନିମନ୍ତେ ଅନୁଷ୍ଠିତ ବୈଠକରେ ଆଲୋଚନା କରାଯାଇଛି । ଅନୁଷ୍ଠିତ ବୈଠକରେ ସମସ୍ତ ଜିଲ୍ଲାର ଜିଲ୍ଲାପାଳ ଆଭାସୀ ମାଧମରେ ବୈଠକରେ ଯୋଗଦେଇଥିବା ବେଳେ ଲୋକସେବା ଭବନରେ ରାଜ୍ୟ ପୁଲିସ୍ ମହା ନିର୍ଦ୍ଦେଶକ ଶ୍ରୀ ୱାଇ.ବି. ଖୁରାନିଆଙ୍କ ସମେତ ପୁଲିସ୍ ପ୍ରଶାସନର ଅନ୍ୟ ବରିଷ୍ଠ ପଦାଧିକାରୀ, ବାଣିଜ୍ୟ ଓ ପରିବହନ ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଉଷା ପାଢୀ, ପରିବହନ କମିଶନର ତଥା ରାଜ୍ୟ ପରିବହନ କର୍ତ୍ତୃପକ୍ଷ ଶ୍ରୀ ଅମିତାଭ ଠାକୁରଙ୍କ ସମେତ ପରିବହନ ବିଭାଗର ଅନ୍ୟ ପଦାଧିକାରୀ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ କମିଶନର ତଥା ଶାସନ ସଚିବ ଅଶ୍ୱତୀ ଏସ୍ , ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ସମେତ ସଂପୃକ୍ତ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ବୈଠକରେ ସଡକ ଦୁର୍ଘଟଣା କମାଇବା ସହିତ ଏବଂ ସଡକ ଦୁର୍ଘଟଣା ଜନିତ ମୃତ୍ୟୁ ସଂଖ୍ୟାକୁ ହ୍ରାସ କରିବାକୁ ଗୁରୁତ୍ୱ ଦିଆଯାଇଥିଲା ।

ଦେଖାଯାଇଛି ଯେ, ଗତ ୧୦ ବର୍ଷରେ ସଡ଼କ ଦୁର୍ଘଟଣାରେ ଓଡ଼ିଶାରେ ୪୭,୦୦୦ ରୁ ଅଧିକ ଲୋକ ମୃତ୍ୟୁବରଣ କରିଛନ୍ତି । ପ୍ରତିବର୍ଷ ପାଖାପାଖି ୫ ହଜାର ଜଣଙ୍କର ସଡ଼କ ଦୁର୍ଘଟଣାରେ ପ୍ରାଣହାନୀ ଘଟୁଛି । ପୃଥିତବୀରେ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଉଥିବା ସଂଖ୍ୟା ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟରେ ମୃତ୍ୟୁ ସଂଖ୍ୟାଠାରୁ ଅଧିକ ବୋଲି ଏକ ସର୍ବେକ୍ଷଣରୁ ଜଣାଯାଇଛି । ଦୃତ ବେଗରେ ଗାଡ଼ି ଚଳାଇବା, ମାଦକ ଦ୍ରବ୍ୟ ସେବନ, ଭୁଲ ରାସ୍ତାରେ ଏବଂ ଟ୍ରାଫିକ ଟ୍ରାଫିକ୍ ନିୟମ ନ ମାନି ଗାଡ଼ି ଚଳାଇବା ସଡ଼କ ଦୁର୍ଘଟଣାର ପ୍ରମୁଖ କାରଣ ହେଉଛି । ରାଜ୍ୟ ସରକାରଙ୍କ ତରଫରୁ ବର୍ଷ ସାରା ସଡ଼କ ସୁରକ୍ଷା ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଉଥିକବା ବେଳେ ଏହି ମାସରେ ସଚେତନତା କାର୍ଯ୍ୟକୁ ବ୍ୟାପକ କରାଯିବାକୁ ଆଲୋଚନା କରାଯାଇଛି । 'ସଡ଼କ ସୁରକ୍ଷା, ପରିବାର ରକ୍ଷା', 'ସୁରକ୍ଷିତ ଭାବେ ଘରକୁ ଫେରିବା' ଚଳିତ ବର୍ଷ ସଡ଼କ ସୁରକ୍ଷା ମାସ ପାଳନର ପ୍ରମୁଖ ଅଭିଯାନ ହେବ । ସଡ଼କ ସୁରକ୍ଷା ପ୍ରସଙ୍ଗରେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା, ସମସ୍ତ ଅଂଶୀଦାରମାନେ ଏହି ଅଭିଯାନରେ ସାମିଲ ହୋଇ ବିଭିନ୍ନ କାର୍ଯ୍ୟକ୍ରମରେ ସାମିଲ ହେବା ଉଦ୍ଦେଶ୍ୟ ରହିଛି । ଏଥି ପାଇଁ ସମସ୍ତ ଆଂଚଳିକ ପରିବହନ ଅଧିକାରୀମାନଙ୍କୁ ସଡ଼କ ସୁରକ୍ଷା ସପ୍ତାହ ପାଳନ ପାଇଁ ପାଣ୍ଠି ଦିଆଯାଇଛି । ଜିଲ୍ଲା ସଡ଼କ ସୁରକ୍ଷା ସମିତି ସହାୟତାରେ ସବୁ ଜିଲ୍ଲାରେ ସଡକ ସୁରକ୍ଷା ସଚେତନତା ରଥ ପରିକ୍ରମା କରିବ । ସେଥିରେ ଏଲଇଡି ବା ଟିଭି ମାଧମରେ ସଡ଼କ ସୁରକ୍ଷା ସଚେତନତା ସଂପର୍କିତ ପ୍ରାମାଣିକ ଚଳଚିତ୍ର ପ୍ରଦର୍ଶିତ ହେବ । ସ୍କୁଲ ଓ କଲେଜ ଛାତ୍ରଛାତ୍ରୀ ଓ ଜନସାଧାରଣଙ୍କ ପାଇଁ ସଡ଼କ ସୁରକ୍ଷା ସଂପର୍କିତ ସ୍ଲୋଗାନ, ପେଂଟିଂ, କୁଇଜ୍ ଆଦି ପ୍ରତିଯୋଗିତା ଯଥା ଇତ୍ୟାଦି ଅନୁଷ୍ଠିତ ହେବ । ବିଭିନ୍ନ ପିକନିକ୍ , ପର୍ଯ୍ୟଟନ ସ୍ଥଳ ଓ ଦର୍ଶନୀୟ ସ୍ଥାନରେ ସଡ଼କ ସୁରକ୍ଷା ବାର୍ତ୍ତା ଦର୍ଶାଉଥି ବା ବ୍ୟାନର ଲଗାଯିବା ସହ ପ୍ରଚାରପତ୍ର ବଂଟାଯିବ । ଅନ୍ୟ ପକ୍ଷରେ ସଡ଼କ ସୁରକ୍ଷା ନିୟମ ଉଲଙ୍ଘନକାରୀଙ୍କ ବିରୁଦ୍ଧରେ କଡା କାର୍ଯ୍ୟାନୁଷ୍ଠାନ ହେବ । ଟ୍ରାଫିକ୍ ନିୟମ ଉଲଂଘନକାରୀଙ୍କ ପାଇଁ ପୁଲିସ ବିଭାଗ ସହଯୋଗରେ ମିଳିତ ଭାବେ ସ୍ୱତନ୍ତ୍ର ଅଭିଯାନରେ ଚଢ଼ଉ କରାଯିବ। ସମ୍ବେଦନଶୀଳ ସ୍ଥାନରେ ତଥା ଆବଶ୍ୟକ ରହୁଥିା ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଗୁଡ଼ିକରେ ସଡ଼କ ପାଟ୍ରୋଲିଂକୁ କଡ଼ାକଡ଼ି କରାଯିବ। ବେଆଇନ ଭାବେ ରାଜପଥରେ ପାର୍କିଂ କରିଥିବା ଗାଡ଼ିକୁ ତୁରନ୍ତ ହଟାଯିବ । ଟ୍ରାଫିକ ନିୟମ ଉଲଙ୍ଘନ କରୁଥିବା ଗାଡ଼ି ଚାଳକମାନଙ୍କୁ ଛାତ୍ର ଟ୍ରାଫିକ୍ ସ୍ୱେଚ୍ଛାସେବୀ(ଷ୍ଟୁଡେଂଟ ଟ୍ରାଫିକ୍ ଭଲ୍ୟୁଂଟିୟର ) ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କ ଦ୍ୱାରା ପରାମର୍ଶ ଦିଆଯିବ । ବିଶେଷ କରି ପିକ୍‌ନିକ୍ ସ୍ଥାନରେ ଓ ଦର୍ଶନୀୟ ସ୍ଥଳରେ ଏନ୍‌ଫୋର୍ସମେଂଟ ଦଳ ମୁତୟନ ରହିବେ । ଗୁରୁତ୍ୱପୂର୍ଣ୍ଣ ପିକ୍‌ନିକ୍ ସ୍ପଟ୍ ଗୁଡିକରେ ପ୍ରବେଶ ଓ ପ୍ରସ୍ଥାନ ପଥରେ ମଦୁଆ ଡ୍ରାଇଭରମାନଙ୍କ ପ୍ରତି ନଜର ରଖିବା ପାଇଁ ପୁଲିସ ମୁତୟନ ରହିବେ ।

ବୈଠକରେ ବିଭିନ୍ନ ଜିଲ୍ଲାର ଜିଲ୍ଲାପାଳମାନେ ଆଭାସୀ ମାଧମରେ ଯୋଗଦେଇ ନିଜ ଜିଲ୍ଲାର ସଡ଼କ ଦୁର୍ଘଟଣା ସ୍ଥିତି, କାରଣ ଓ ସେଥିଯପାଇଁ ନିଆଯାଉଥିବା ପ୍ରତିକାରାତ୍ମକ ପଦକ୍ଷେପ ସଂପର୍କରେ ଅବଗତ କରିଥିଲେ । ବିଭିନ୍ନ ପଦକ୍ଷେପ ନିଆଯାଇ ବିଭିନ୍ନ ଜିଲ୍ଲାରେ ସଡକ ଦୁର୍ଘଟଣାକୁ କମାଇବା, ସଡ଼କ ଦୁର୍ଘଟଣା ଜନିତ ମୃତ୍ୟୁହାର ହ୍ରାସ କରିବା, କମ୍ ବୟସ ପିଲାମାନଙ୍କୁ ଡ୍ରାଇଭିଂରୁ ନିବୃତ୍ତ କରାଇବା, ଟ୍ରାଫିକ ନିୟମ ଉଲଙ୍ଘନକାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବା, ସଡ଼କ ନିୟମ ନମାନି ଗାଡି ଚଳାଇବା ଯୋଗୁଁ କିପରି ଜୀବନ ହାନି ଘଟି ସମାଜର କ୍ଷତି ଘଟିବା ସଙ୍ଗେ ସଙ୍ଗେ ପରିବାର ପାଇଁ ଦୁଃଖର କାରଣ ହେଉଛି, ସେଥିରପାଇଁ ଭାରତ ସରକାରଙ୍କ ତରଫରୁ ରହିଥିଗବା ସଡ଼କ ସୁରକ୍ଷା ଅଭିଯାନ 'ପର୍ବାହ' ଭାବପ୍ରବଣ ଅଭିଯାନ ମାଧ୍ୟମରେ ସଚେତନତାକୁ ବ୍ୟାପକ କରିବାକୁ ଗୁରୁତ୍ୱ ଦିଆଯାଇଛି ।

# ମାହାଙ୍ଗା ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ : ସବୁଦିନେ ଆସୁନାହାଁନ୍ତି ଶିକ୍ଷାଧିକାରୀ, ପ୍ରଶିକ୍ଷଣ ନାଁରେ ଶିକ୍ଷାଦାନ ବ୍ୟାହାତ

ସାଲେପୁର, ୨/୧ (ନି.ପ୍ର): ମାହାଙ୍ଗା ବ୍ଲକର ବହୁ ଚର୍ଚ୍ଚିତ ଶିକ୍ଷାଧିକାରୀଙ୍କ କାର୍ଯ୍ୟକଳାପକୁ ନେଇ ଏବେ ଅଭିଭାବକ ମହଲରେ ଚର୍ଚ୍ଚା ଯୋରଦାର ହୋଇଥିଲା ବେଳେ ଶିକ୍ଷାଧିକାରୀ ନିଜ କାର୍ଯ୍ୟାଳୟରେ ମାସରେ ୩/୪ ଦିନ ଧରି ଉପସ୍ଥିତ ରହୁଥିବା ଆଲୋଚନା ହେଉଛି । ବ୍ଲକ ଶିକ୍ଷାଧିକାରୀ କାର୍ଯ୍ୟାଳୟରେ ଲାଗିଥିବା ସିସି ଟିଭିକୁ ୨୦୨୪ ମସିହା ଜାନୁୟାରୀ ମାସରୁ ଏଯାଏ ତନଖି କରାଗଲେ ଏହାର ସତ୍ୟାସତ୍ୟ ଜଣାପଡିବ । ଏଠାରେ ସୂଚନା ଯୋଗ୍ୟ ଯେ ପୂର୍ବତନ ବିଜେଡି ସରକାରଙ୍କ ଅମଳରେ ଉକ୍ତ ଶିକ୍ଷାଧିକାରୀ ଜଣକ କାର୍ଯ୍ୟାଳୟରେ ଅନେକ ସମୟରେ ଅନୁପସ୍ଥିତ ରହୁଥିଲେ । ସେ ହେଡକ୍ୱାଟରଠାରୁ କେତେ ଦୂରରେ ରହୁଛନ୍ତି ତାହା ମଧ ଆଲୋଚନା ହେଉଛି । ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଅଧିକାରୀଙ୍କ ଅନୁପସ୍ଥିତି ଯୋଗୁ ବହୁ ଶିକ୍ଷକ ଏପରିକି ଅଭିଭାବକ ତାଙ୍କୁ ଭେଟି ପାରୁନାହାଁନ୍ତି । ବର୍ଣ୍ଣାଳୀ ପ୍ରଶିକ୍ଷଣ ଶେଷ ହେଲା । ଏହାପୂର୍ବରୁ ବିଭିନ୍ନ ବିଦ୍ୟାଳୟରେ ଶିକ୍ଷକମାନଙ୍କୁ ଏକ ସଙ୍ଗରେ ଦୁଇ ତିନିଟି ଭେନ୍ୟୁରେ ପ୍ରଶିକ୍ଷଣ ଦିଆଯାଇଥିଲା । ଯାହାଫଳରେ ମାହାଙ୍ଗା ବ୍ଲକ ଅଂଚଳରୁ ୧୫୦ ଜଣ ଶିକ୍ଷକ ପ୍ରଶିକ୍ଷଣ ନେଲେ । ତେବେ ପାଠପଢା ହେବ କିପରି । ଗୋଟିଏ ବିଦ୍ୟାଳୟରେ୨/୩ ଜଣ ଶିକ୍ଷକ ଜଣେ ଶିକ୍ଷକ ବର୍ଣ୍ଣାଳୀ ଶିକ୍ଷକ ନେବାକୁ ଯାଇଥିଲା ବେଳେ ସ୍ୱାସ୍ଥ୍ୟବିଭାଗର ପ୍ରଶିକ୍ଷଣରେ ଯୋଗଦେଲେ । ତେବେ ବିଦ୍ୟାଳୟରେ ପାଠ ପଢାରେ ବ୍ୟାହାତ ସୃଷ୍ଟି ହେଲା । ଗୋଟିଏ ଗୋଟିଏ ବ୍ଲକରେ ଗୋଟିଏ ଗୋଟିଏ ଭେନ୍ୟୁରେ ଶିକ୍ଷକମାନଙ୍କୁ ପ୍ରଶିକ୍ଷଣ ଦିଆଯାଉଥିଲା ବେଳେ ମାହାଙ୍ଗା ବ୍ଲକରେ ତାହା ଓଲଟା । ଅଭିଯୋଗ ହେଉଛି ଯେ ଶିକ୍ଷକମାନଙ୍କ ଟି.ଏ ବିଲ୍‌ରେ ଦସ୍ତଖତ କରି ପରବର୍ତ୍ତୀ ସମୟରେ ତାଙ୍କ ଜମାଖାତାକୁ ଟ୍ରେନିଂ ବାବଦର ଅର୍ଥ ପ୍ରଦାନ କରାଯାଉନାହିଁ । ଟ୍ରେନିଂ ସମୟରେ ଦେଖାଯାଉଛି ଯେତିକି ପରିମାଣର ଅର୍ଥ ଶିକ୍ଷକମାନଙ୍କର ଖାଇବା ଓ ଅନ୍ୟାନ୍ୟ ବାବଦରେ ଆସୁଛି ତାହା ଖର୍ଚ୍ଚ କରାଯାଉନଥିଲା ବେଳେ ଭାତ, ଡାଲମା, ଖଟା ଶିକ୍ଷକମାନଙ୍କୁ ଖାଇବାକୁ ଦେଇ ହଜାର ହଜାର ଟଙ୍କା ବଳୁଥିବା ଅଭିଯୋଗ ସାଧାରଣରେ ହେଉଥିଲା ବେଳେ ଏ ଅର୍ଥ କାହା ପକେଟକୁ ଯାଉଛି । ଏଣୁ ମାହାଙ୍ଗାର ବିଧାୟକ ଶିକ୍ଷାଧିକାରୀଙ୍କ ଅଗୋଚରରେ ଟ୍ରେନିଂ ସମୟରେ ଉକ୍ତ ବିଦ୍ୟାଳୟକୁ ଯାଇ ତଦନ୍ତ କଲେ ବାସ୍ତବ ତଥ୍ୟ ପଦାରେ ପଡିବ । ଅପରପକ୍ଷରେ ଚର୍ଚ୍ଚା ହେଉଛି ଯେ ବ୍ଲକ ଶିକ୍ଷାଧିକାରୀଙ୍କ ବିରୁଦ୍ଧରେ ବ୍ୟାପକ ଅନୀୟମିତତାର ଅଭିଯୋଗ ହେଉଥିଲେ ମଧ ତାହାର ତଦନ୍ତ କରାଯାଉନାହିଁ କି ୬ ବର୍ଷ ହେଲା ଶିକ୍ଷା ଅଧିକାରୀ କାର୍ଯ୍ୟାଳୟରେ ରହିଥିଲେ ମଧ ତାଙ୍କୁ ବଦଳି କରାଯାଉନାହିଁ । ରାଜନୈତିକ ଚାପରେ ତାଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନଥିବା ଏବେ ମାହାଙ୍ଗା ଅଂଚଳର ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ଯୋର ଦାର ଧରିଛି ।

# ହସ୍ତଲିଖିତ ଦୁଇ ଲକ୍ଷ ପଚିଶ ହଜାର ଶ୍ରୀ ହନୁମାନ ଚାଳିଶା ଉନ୍ମୋଚନ

ଗଞ୍ଜାମ, ୨/୧ (ନି.ପ୍ର): ଶ୍ରୀ ହନୁମାନ ଚାଳିଶା ରାମଚରିତ ମାନସର ମର୍ମ ଅଟେ। ଆଜିର ଦୁନିଆରେ, ଶ୍ରୀ ହନୁମାନଜୀଙ୍କ ନାମ ମାତ୍ର ସ୍ମରଣ ଭକ୍ତଙ୍କୁ ବଳ, ବୁଦ୍ଧି ଏବଂ ବିଦ୍ୟା ପ୍ରଦାନ କରି ଦୁଃଖ ଶୋକ ସବୁ ବିନାଶ କରିଥାଏ। ଶ୍ରୀ ହନୁମାନ ଚାଳିଶା ପାଠ ଶ୍ରୀ ହନୁମାନଜୀଙ୍କ ଶକ୍ତି, ସାମର୍ଥ୍ୟ ଓ ମହାନତାର ପ୍ରଶଂସାରେଏକ ଏଇ ଭଳି ଶକ୍ତିଶାଳୀ ପ୍ରାର୍ଥନା ଯଦ୍ୱାରା ଭକ୍ତଙ୍କ ଶାରୀରିକ ଏବଂ ମାନସିକ ଶକ୍ତି ବଢିବା ସହ ସେମାନଙ୍କ ଆଧାତ୍ମିକ ଉନ୍ନତି ଏବଂ ସମସ୍ତ ସମସ୍ୟାର ସମାଧାନ ହୋଇପାରେ। ଶ୍ରୀ ହନୁମାନ ଚଳିଶାର ଦୈବୀ ଶକ୍ତିକୁ ଗଭିରତାର ସହ ହୃଦୟଙ୍ଗମ କରି ଆମ ପ୍ରିୟ ଗୁରୁଜୀ, ଶ୍ରୀ ପ୍ରଣବ କୁମାର ରଥ, ଛୋଟ ଛୋଟ ଶିଶୁ (ଛାତ୍ରଛାତ୍ରୀ)ଙ୍କ ମଧ୍ୟରେ ଆଧାତ୍ମିକ ରୂପାନ୍ତରଣ ସକାଶେ ଏଇ ପଦକ୍ଷେପ ନେଇଛନ୍ତି। ଯାହା ଗତ ତିନି ବର୍ଷ ଉର୍ଦ୍ଧ୍ୱ ହେବ ହଜାରେ ଛାତ୍ରଛାତ୍ରୀଙ୍କୁ ନେଇ ଦୁଇ ଲକ୍ଷ ପଚିଶ ହଜାର ଚାଳିଶା ଲେଖା ସମ୍ଭବ ହେଇ ପାରିଛି। ଗୁରୁଜୀଙ୍କ ପ୍ରେରଣାରେ ଶ୍ରୀ ହନୁମାନ ଚାଳିଶା ପାଠ ଓ ଲିଖନର ଉପକାରିତା ସମାଜର ଉନ୍ନତି ଦିଗରେ ବିନିଯୋଗ ହେଉ ସେଇ ଉଦ୍ଦେଶ୍ୟରେ ଏଇ ପଦକ୍ଷେପ ନିଆଯାଇଛି। ଏଇ ୨,୨୫,୦୦୦ ଶ୍ରୀ ହନୁମାନ ଚାଳିଶା ଉନ୍ମୋଚନହୋଇଛି ଆସ୍କା, ସନ୍ଧିନୁଆପଲ୍ଲି ସ୍ଥିତ ମମ୍ ସ୍କୁଲ ଅଫ ଏକ୍ସେଲେନ୍ସୀ ପରିସରରେ ଆସ୍କା ବିଜ୍ଞାନ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧକ୍ଷ ତଥା ବରିଷ୍ଠ ଶିକ୍ଷାବିତ୍ ଓ ଆଧାତ୍ମ୍ୟ ପ୍ରେମୀ ଶ୍ରୀଯୁକ୍ତ ପ୍ରଶାନ୍ତ କୁମାର ପଣ୍ଡାଙ୍କ ଦ୍ୱାରା ଅନ୍ୟାନ୍ୟ ଶିକ୍ଷାବିତ୍ ଓ ଆଧାତ୍ମ୍ୟ ପ୍ରେମୀ ଶ୍ରୀ ଜେ. ରବୀନ୍ଦ୍ର ନାଥ ପାତ୍ର, ଡଃ ସଚ୍ଚିଦାନନ୍ଦ ମହାନ୍ତି, ଡଃ ରବୀନ୍ଦ୍ରନାଥ ସାହୁ, ଶ୍ରୀ ପୂର୍ଣ୍ଣଚନ୍ଦ୍ର ରାୟଗୁରୁ, ଶ୍ରୀ ସନ୍ତୋଷ ଦାସ, ବିଭୂତି ଭୂଷଣ ପାଣିଗ୍ରାହୀ, ଧିରେନ୍ କୁମାର ପଣ୍ଡା, ଏମ. ଏରେନା ପାତ୍ର, ସୁଶ୍ରୀ ପ୍ରତିମା କୁମାରୀ ପାତ୍ର, ସତ୍ୟ ନାରାୟଣ ଦାସ ଏବଂ ଅନ୍ୟାନ୍ୟ ବ୍ୟକ୍ତିଙ୍କ ଉପସ୍ଥିତିରେ ହୋଇଥିଲା। ଆଜିର ଦିନରେ ଏଇଭଳି ପଦକ୍ଷେପ ସାରା ବିଶ୍ୱରେ ବିରଳ ଏବଂ ବିଶ୍ୱ ରେକର୍ଡ ପାଇବାଯୋଗ୍ୟ। ଏହାର ଉଦ୍ଦେଶ୍ୟ ଯେ କେବଳ ବିଶ୍ୱ ରେକର୍ଡ ରେ ସ୍ଥାନ ଅଧିକାର କରିବା ତାହା ନୁହଁ ବରଂ ସମାଜରେ ସନାତନ ଧର୍ମର ପ୍ରଚାର ଓ ପ୍ରସାର ଉଦ୍ଦେଶ୍ୟରେ ପ୍ରେରଣା ଯୋଗାଇଦେବା।

# ପ୍ରଭାକର ରଥଙ୍କ ୧୦୪ତମ ଜୟନ୍ତୀ ପାଳନ

ବଲାଙ୍ଗିର, ୨/୧ (ନି.ପ୍ର): ଆଜି ପୂର୍ବାହ୍ନରେ ବାଧିତ ଜନବନ୍ଧୁ ପ୍ରଭାକର ରଥଙ୍କ ୧୦୪ ତମ ଜୟନ୍ତୀ ଅରୁଣ ଖୁଆସଙ୍କ ଅଧ୍ୟକ୍ଷତାରେ ପାଳନ ହୋଇଯାଇଛି । ଏ ପାର୍ବଣରେ ଓଡିଶା ଆଦର୍ଶ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କ୍ଷମାନିଧି ଝାଙ୍କର ମୁଖ୍ୟ ଅତିଥି, କବି ରାଜୀବ ଲୋଚନ ଆଚାର୍ଯ୍ୟ ମୁଖ୍ୟବକ୍ତା ଓ ଉପଦେଷ୍ଟା ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବାଧିତ ଜନବଂଧୁ ପ୍ରଭାକର ରଥ ନିରବ ସାଧକ ସାଜି ନିଃସ୍ୱାର୍ଥପର ଭାବେ ରୋଗୀ, ଦୁଃଖି ଓ ବାଧିତ ଜନଙ୍କର ସେବା କାର୍ଯ୍ୟ କରିଥିଲେ । ଏପରି ସେବାରୁ ବିଶେଷ କରି ଯୁବପିଢି ପ୍ରେରଣା ପାଇବା ଉଚିତ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ସଭା ଆରମ୍ଭରେ କବି ରନ୍ମୟ ତ୍ରିପାଠୀ ଅତିଥିମାନଙ୍କ ପରିଚୟ ଦେଇଥିବା ବେଳେ ସୁଜନୀ ଶୁଭଲକ୍ଷ୍ମୀ ବେଦ ପଠନ କରିଥିଲେ । ସଂପାଦକ ମଧୁ ସାହୁ ବିବରଣୀ ପଠନ ଓ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ଖୁସି ତାଣ୍ଡି ନୃତ୍ୟ ପରିବେଷଣ କରିଥିଲେ । ପ୍ରଭାକର ରଥ ମେଧାବୃତି ମହନ୍ତ ଗିରିଧାରୀ ଉଚ୍ଚ ବିଦ୍ୟାଳୟର ଦୁଇ ଜଣ ଛାତ୍ରୀ ଜ୍ୟୋତି ବାରିକ ଓ ରେଶମା ନାଏକଙ୍କୁ ପ୍ରଦାନ କରାଯାଇଥିଲା । ଏ ସମାରୋହରେ ପଶୁ ପକ୍ଷୀଙ୍କ ସେବା କରୁଥିବା ପଶୁ ପ୍ରେମୀ କାହ୍ନା ଶତପଥି ଓ ପତିତପାବନ ଏକାଡେମୀ ରୁ ଅବସର ନେଇଥିବା ଆଦର୍ଶ ଶିକ୍ଷକ ସିନୁ ସୁନ୍ଦର ପାଢୀଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ମହିଳାମାନଙ୍କ ମଧ୍ୟରେ ପୂର୍ବରୁ ହୋଇଯାଇଥିବା ପୁରାଣ ବକ୍ତୃତା ଓ ଭଜନ ପ୍ରତିଯୋଗିତା ର କୃତି ପ୍ରତିଯୋଗିଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ସଭାରେ ମଦନ ମୋହନ ରଥ ନିଃସ୍ୱାର୍ଥ ସେବା କରିବାକୁ ଯୁବପିଢିଙ୍କୁ ପରାମର୍ଶ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ ପ୍ରଶାନ୍ତ ଷଡଙ୍ଗୀ, କେଶବ ଚନ୍ଦ୍ର ମିଶ୍ର, ଚୁଡେନ୍ଦ୍ର ବେହେରା, ଧିରେନ୍ଦ୍ର ନାରାୟଣ ସିଂହଦେଓ, ସୁନାଧର ବନଛୋର, ପ୍ରଦୀପ ପସାୟତ, ଡ. ପ୍ରେମଚାନ୍ଦ ମହାନ୍ତି, ମାଳତି ଉଦ୍‌ଗାତା, ସଂଯୁଲତା ମିଶ୍ର, କୁମୁଦିନୀ ପୃଷ୍ଟି, ଜ୍ୟୋତିରାଣୀ ମିଶ୍ର, ସରସ୍ୱତୀ ନନ୍ଦ, କମଳିନୀ ମିଶ୍ର, ଡା. ଅଶୋକ କୁମାର ସେଠୀ, ହୃଷିକେଶ ପୁରୋହିତ ଓ କପିଳ ପତି । ଶେଷରେ କସ୍ତୁରୀ ରଥ ଧନ୍ୟବାଦ ଅର୍ପଣ କରିଥିଲେ ।

# ୧୯ଟି ଶାଳ ସାଇଜ କାଠ ଜବତ: ୨ ଗିରଫ

ଜୟପୁର, ୨/୧ (ନି.ପ୍ର): ମକା ବୋଝେଇ ଟ୍ରାକ୍ଟରରେ ଶାଳ ସାଇଜ କାଠ ଚୋରାଚାଲାଣ ବେଳେ ମାଡ଼ି ବସିଲା ବନ ବିଭାଗ, ୧୯ ଟି ଶାଳ ସାଇଜ କାଠ ଜବତ ସହ ୨ ଗିରଫ । ଗୁପ୍ତେଶ୍ୱର ବନାଞ୍ଚଳ ଅନ୍ତର୍ଗତ ଷୋରିଷପଦର ଏବଂ ହଳଦିକୁଣ୍ଡ ରାସ୍ତାରେ ଏଭଳି ଘଟଣା ଘଟିଛି କ୍ଷ ଗତକାଲି ବିଳମ୍ବିତ ରାତିରେ ଗୁପ୍ତେଶ୍ୱର ବନାଚଂଳ ଅଧିକାରୀ ରାମଚନ୍ଦ୍ର ନେପାକଙ୍କ ନିର୍ଦ୍ଦେଶ କ୍ରମେ ବନବିଭାଗ ଏବଂ ପାରା କର୍ମଚାରୀ ପେଟ୍ରୋଲିଂ ନିମନ୍ତେ ବାହାରିଥିଲେ। ଷୋରିଷପଦର ଏବଂ ହଳଦିକୁଣ୍ଡ ରାସ୍ତାରେ ଏକ ମକା ବୋଝେଇ ଟ୍ରାକ୍ଟର ରାତି ଅଧରେ ଯାଉଥିବା ଦେଖି ବନବିଭାଗ କର୍ମଚାରୀ ସନ୍ଦେହରେ ଟ୍ରାକ୍ଟରକୁ ଅଟକାଇ ଥିଲେ। ଟ୍ରାକ୍ଟର ଯାଂଚ୍ କରିବାରୁ ମକା ବସ୍ତା ତଳେ ୧୯ଟି ଶାଳ ସାଇଜ କାଠ ଥିବା ଜଣାପଡିଥିଲା। ଟ୍ରାକ୍ଟର ସହ ଦୁଇ କାଠ ମାଫିଆଙ୍କୁ ଗିରଫ କରିଛି ବନବିଭାଗ। କାଠ ମାଫିଆ ଦୁଇ ଜଣ ହେଲେ ଝୋଲାଗୁଡାର ନକୁଳ ଶାନ୍ତା ଏବଂ ଅଟାଳଗୁଡା ଗ୍ରାମର ଶିବ ଜାନୀ। ଗିରଫ କାଠ ମାଫିଆଙ୍କ କହିବା ଅନୁଯାୟୀ, କୁନ୍ଦୁରା ବ୍ଲକର ଝୋଲାଗୁଡା ଗ୍ରାମକୁ ଏହି ଶାଳ ସାଇଜ କାଠ ନେଉଥିବା ପ୍ରକାଶ କରିଛନ୍ତି। ଦୁଇ କାଠ ମାଫିଆଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଗୁପ୍ତେଶ୍ୱର ବନାଞ୍ଚଳ ଅଧିକାରୀ ରାମଚନ୍ଦ୍ର ନେପାକ ସୂଚନା ଦେଇଛନ୍ତି।

# ସଡ଼କ ସୁରକ୍ଷା ସଚେତନତା ରଥର ଶୁଭାରମ୍ଭ

ଜୟପୁର, ୨/୧ (ନି.ପ୍ର): କୋରାପୁଟ ଆଂଚଳିକ ପରିବହନ ବିଭାଗ ପକ୍ଷରୁ ସଡକ ସୁରକ୍ଷା ମାସ ପାଳିତ ହୋଇଯାଇଛି । ଏହି ଅବସରରେ ଏକ ସଚେତନତା ରଥର ଶୁଭାରମ୍ଭ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ ଆଲୋମଣି ସେଠୀ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ମନୋଜ ପୂଜାରୀ ଓ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଶାନ୍ତ କୁମାର ମହାନ୍ତି ପ୍ରମୁଖ ଯୋଗ ଦେଇ ପତାକା ଦେଖାଇ ଏହି ରଥକୁ ଶୁଭାରମ୍ଭ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ କୋରାପୁଟ ଜିଲ୍ଲା ଆଂଚଳିକ ପରିବହନ ଅଧିକାରୀ ରାଜେଶ ମାରାଣ୍ଡି, ଅତିରିକ୍ତ ଆଂଚଳିକ ପରିବହନ ଅଧିକାରୀ ତପନ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ । ପୂର୍ବରୁ ଜାନୁଆରୀ ୧ ତାରିଖରୁ ୭ ତାରିଖ ପର୍ଯ୍ୟନ୍ତ ଏକ ସପ୍ତାହ ଧରି ସଡ଼କ ସୁରକ୍ଷା ସପ୍ତାହ ପାଳନ କରାଯାଉଥିଲା, କିନ୍ତୁ ଚଳିତ ବର୍ଷ ଏକ ମାସ ଧରି ସଡ଼କ ସୁରକ୍ଷା ମାସ ପାଳନ କରାଯିବ ବୋଲି ଜିଲ୍ଲା ଆଂଚଳିକ ପରିବହନ ଅଧିକାରୀ ଶ୍ରୀ ମାରାଣ୍ଡି କହିଛନ୍ତି । ଏହି ରଥ ଆଜି ଠାରୁ ଜାନୁଆରୀ ୩୧ ତାରିଖ ପର୍ଯ୍ୟନ୍ତ ଜିଲ୍ଲାର ସହରାଚଂଳ ସମେତ ଗାଁ ଗହଳିରେ ବୁଲିବା ସହିତ ଲୋକ ମାନଙ୍କୁ ସଡ଼କ ସୁରକ୍ଷା, ହେଲମେଟ ପିନ୍ଧି ଗାଡି ଚଳାଇବା, ମଦ୍ୟପାନ କରି ଗାଡି ନଚଳାଇବା ଏବଂ ଓଭରଲୋଡିଂ ଉପରେ ସଚେତନ କରାଇବ ବୋଲି ସେ କହିଛନ୍ତି । ଜିଲ୍ଲାରେ ଦୁର୍ଘଟଣା ହ୍ରାସ ନିମିତ ସମସ୍ତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି । ଏହା ବ୍ୟତୀତ ସାପ୍ତାହିକ ହାଟ ଗୁଡିକରେ ଡେମେସା ନୃତ୍ୟ ମାଧ୍ୟମରେ ଲୋକମାନଙ୍କୁ ସଡ଼କ ସୁରକ୍ଷା ଉପରେ ସଚେତନ କରାଯିବ ବୋଲି ସେ କହିଛନ୍ତି। ଜାତୀୟ ସଡ଼କ ସୁରକ୍ଷା ମାସ ପାଳନ ଅବସରରେ ରାଲି ସମେତ ସଚେତନତା କାର୍ଯ୍ୟକ୍ରମ ଜିଲ୍ଲାରେ ଜାରି ରହିବ ଏବଂ ଆମେ ଟ୍ରାଫିକ ନିୟମ ପାଳନ କରିବା ସହ ଅନ୍ୟମାନଙ୍କୁ ପାଳନ କରିବାରେ ସାହାଯ୍ୟ କରିବା ଆବଶ୍ୟକ ବୋଲି ସେ କହିଛନ୍ତି । ଆଗକୁ ଚେକିଙ୍ଗ କଡାକଡି ହେବ ବୋଲି ସେ ସତର୍କ କରାଇଦେଇଛନ୍ତି ।

# ନୂତନ ବର୍ଷରେ ଭୋଜି କରି ଯୁବକଙ୍କୁ ନିର୍ମମ ହତ୍ୟା

ଜୟପୁର, ୨/୧ (ନି.ପ୍ର): ନୂଆ ବର୍ଷରେ ଯୁବକଙ୍କୁ ହତ୍ୟା। ଗତକାଲି ସାଙ୍ଗ ସାଥି ମିଶି ଦିନରେ ଏବଂ ରାତିରେ ପିକନିକ କଲେ। ଆଉ ଆଜି ସକାଳୁ ସକାଳୁ ଘର ବାଡ଼ି ପଟେ ଚାଷ ଜମିରେ ରକ୍ତାକ୍ତ ଅବସ୍ଥାରେ ଯୁବକଙ୍କ ଶବ ଦେଖିବାକୁ ମିଳିଛି। ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ବିସିଂହପୁର ଥାନା ନକୁଳ ଗୁଡା ଗାଁ ରେ। ମୃତ ଯୁବକ ହେଲେ ଜଗନ୍ନାଥ ମାଝୀ। ତାଙ୍କୁ ନିର୍ମମ ହତ୍ୟା କରି ଫିଙ୍ଗି ଦେଇଛନ୍ତି। ଜଗନ୍ନାଥ ମାଝୀ ନୂଆ ବର୍ଷରେ ସାଙ୍ଗ ସାଥିଙ୍କ ସହ ଦିନରେ ଏବଂ ରାତିରେ ଭୋଜି ଭାତ କରି ଖାଇଥିଲେ। ରାତି ଭୋଜି ସରିବା ପରେ ଘରକୁ ଫେରି ନଥିଲେ ଜଗନ୍ନାଥ। ଆଜି ସକାଳୁ ଜଗନ୍ନାଥଙ୍କ ମାଆ ଜଗନ୍ନାଥଙ୍କୁ ଘରେ ନ ପାଇ ଖୋଜାଖୋଜି କରିଥିଲେ। ଘର ପଛପଟେ ପରିବା କିଆରିରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡ଼ି ରହିଥିଲା ଜଗନ୍ନାଥଙ୍କ ମୃତଦେହ। ମାଆ ଗାଁ ଲୋକଙ୍କୁ ଖବର ଦେଇଥିଲେ। ପରେ ବିସିଂପୁର ଥାନା ପୋଲିସଙ୍କୁ ଧରି ବୋରିଗୁମ୍ମା ଏସଡିପିଓ ତପସ୍ୱିନୀ କଅର ଘଟଣାସ୍ଥଳରେ ପହଂଚି ତଦନ୍ତ ଆରମ୍ଭ କରିଛନ୍ତି। ଅଭିଯୁକ୍ତଙ୍କୁ ଗିରଫ କରି ଦୃଢ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ପରିବାର ଲୋକେ ଦାବି କରିଛନ୍ତି। ସାଇଂଟିଫିକ ଟିମ୍ ଆସିବା ପରେ ଅଧିକ ତଦନ୍ତ ହେବ ବୋଲି ସେ ସୂଚନା ଦେଇଛନ୍ତି।

# ବାଛୁରୀ ଛାଡିବାକୁ ନେଇ ମରଣାନ୍ତକ ଆକ୍ରମଣ

ଘଟଗାଁ, ୨/୧ (ନି.ପ୍ର): ବାଛୁରୀ ଛାଡିବା ପରେ ତୋରାଣୀ ପିଇଦେବାକୁ କେନ୍ଦ୍ର କରି ଜଣେ ବ୍ୟକ୍ତିଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ଟାଙ୍ଗିଆ ଚୋଟରେ ଲହୁଲୁହାଣ ହୋଇ ସେ ଆନନ୍ଦପୁର ଉପଖଣ୍ଡ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିବା ଜଣାପଡିଛି । ସୂଚନାରୁ ପ୍ରକାଶ, ଘସିପୁରା ଥାନା ଅନ୍ତର୍ଗତ ନରସିଂହପୁର ଗ୍ରାମର ସରସ୍ୱତୀ ସାହୁଙ୍କ ଘର ନିକଟରେ ମାଣ୍ଡିଆରେ କିଛି ତୋରାଣୀ ଥିଲା। ସେହି ଗ୍ରାମର ବନମାଳି ମହାରଣାଙ୍କ ପୁଅ ଜଳନ୍ଧର ମହାରଣାଙ୍କ ଏକ ବାଛୁରି ଆସି ସେହି ତୋରାଣୀକୁ ପିଇଦେଲା। ଏହା ଦେଖି ସରସ୍ୱତୀ ବାଛୁରୀ ବାନ୍ଧି ରଖୁ ନାହଁ ବୋଲି ପାଟି କରିଥିଲେ ଏହା ଶୁଣି ଜଳନ୍ଧର ମହାରଣା ନିଜର ବାଛୁରୀକୁ ନେଇଯାଇଥିବା ବେଳେ ଅଶ୍ଳୀଳ ଭାଷାରେ ସରସ୍ୱତୀ ଓ ତାଙ୍କ ପରିବାରକୁ ଗାଳି ଗୁଲଜ କରିଥିଲା। ଏହା ଶୁଣି ନିକଟରେ ଥିବା ସରସ୍ୱତୀଙ୍କ ସ୍ୱାମୀ ଦୁଃଶାସନ ସାହୁ ଏ ସଂପର୍କ ରେ ପଚାରିବାକୁ ଯାଇଥିବା ବେଳେ ହଠାତ୍ ଜଳନ୍ଧର ମହାରଣା ଏକ ଟାଙ୍ଗିଆରେ ଦୁଃଶାସନର ବେକକୁ ଚୋଟ ପକାଇ ଥିଲା। ଏହା ଦେଖି ନିକଟରେ ଥିବା ଦୁଃଶାସନଙ୍କ ଝିଅ ଦ୍ୱିତୀୟ ଥର ଟାଙ୍ଗିଆ ଆକ୍ରମଣ ବେଳେ ଧରି ପକାଇବାରୁ ଅଳ୍ପକେ ବାପାଙ୍କ ଜୀବନ ବଂଚି ଯାଇଥିଲା ପରିବାର ଲୋକେ ସଂଗେ ସଂଗେ ଦୁଃଶାସନକୁ ଆନନ୍ଦପୁର ଉପଖଣ୍ଡ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିବା ବେଳେ ସ୍ତ୍ରୀ ସରସ୍ୱତୀ ଏନେଇ ଘସିପୁରା ଥାନାରେ ଲିଖିତ ଅଭିଯୋଗ କରିଥିବା ଜଣାପଡିଛି । ଘସିପୁରା ପୋଲିସ ଘଟଣାସ୍ଥଳରେ ପହଂଚି ଅନୁସନ୍ଧାନ କରିଥିବା ଜଣାପଡିଛି ।

# ଟ୍ରକ୍ ଦୁର୍ଘଟଣାରେ ଦୁଇ ଜଣଙ୍କ ମୃତ୍ୟୁ

ଜୟପୁର, ୨/୧ (ନି.ପ୍ର): ବର୍ଷର ପ୍ରଥମ ଦିନରେ ଦୁଖଃଦ ଘଟଣା ଘଟିଛି କ୍ଷ ଟ୍ରକ୍ ଦୁର୍ଘଟଣାରେ ଦୁଇ ଜଣଙ୍କ ମୃତ୍ୟୁ ହୋଇଯାଇଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ବୈପାରିଗୁଡା ଥାନା ଅନ୍ତର୍ଗତ ମହୁଲି ଗ୍ରାମ ନିକଟସ୍ଥ ଶିବ ମନ୍ଦିର ନିକଟରେ (ଏପି ୦୭ ଟିଏଫ୍ ୩୪୩୪) ନମ୍ବର ବିଶିଷ୍ଟ ଟ୍ରକ୍ ବୈପାରିଗୁଡା ଦେଇ ଜୟପୁର ଅଭିମୁଖେ ଯାଉଥିଲା କ୍ଷ ଭାରସାମ୍ୟ ହରାଇ ନୀଳଗିରି ବାଡ଼ ଭିତରକୁ ପଶିଯିବା ଫଳରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ଘଟଣାସ୍ଥଳରେ ଦୁଇ ଜଣଙ୍କର ମୃତଦେହ ପଡ଼ିଥିବା ଦେଖିବାକୁ ମିଳିଛି। ଘଟଣାସ୍ଥଳରେ ବୈପାରିଗୁଡା ପୁଲିସ ପହଂଚି ତଦନ୍ତ ଆରମ୍ଭ କରିଛି।

# ଜନଜାତି ଗୌରବ ମେଳାରେ ସାମିଲ ହେବା ପାଇଁ ଭୁବନେଶ୍ୱର ଗଲେ ଆଦିବାସୀ ଏସଏଚଜି ମହିଳା

ଜୟପୁର, ୨/୧ (ନି.ପ୍ର): ଜନଜାତି ଗୌରବ ମେଳା, ଆଦିବାସୀ ମେଳାରେ ସାମିଲ ହେବା ପାଇଁ ଏସଏଚଜି ମହିଳା ଗଲେ ଭୁବନେଶ୍ୱର । ଜୟପୁର ଆଇଟିଡିଏ ଅଫିସ ନିକଟରୁ ଭୁବନେଶ୍ୱର ଗସ୍ତ କରିଛନ୍ତି । ଏହି ସମୟରେ ଜୟପୁର ଉପ ଜିଲାପାଳ ଆକା ବରମ ଶସ୍ୟା ରେଡ୍ଡି ନଡିଆ ଭାଙ୍ଗି ଶୁଭାରମ୍ଭ କରିଥିଲେ । ଆସନ୍ତା ୪ ତାରିଖରୁ ୧୬ ତାରିଖ ଯାଏ ଭୁବନେଶ୍ୱରରେ ଆଦିବାସି ମେଳା ଚାଲିବ । ଏଠାରେ ସାମିଲ ହେବା ପାଇ ବୈପାରିଗୁଡା ବ୍ଲକରୁ ୨ଟି ଏସଏଚଜି, କୋଟପାଡ ବ୍ଲକ୨ ରୁ ଏସଏଚଜି, ଓ କୁନ୍ଦୁରା ବ୍ଲକରୁ ଗୋଟିଏ ଏସଏଚଜି ଗ୍ରୁପର ସଦସ୍ୟ ଗସ୍ତ କରିଛନ୍ତି । ପ୍ରତ୍ୟେକ ଗ୍ରୁପରୁ ୨ ଜଣ ଲେଖାଏଁ ମୋଟ ୧୦ ଜଣ ଆଦିବାସୀ ମହିଳା ଗସ୍ତ କରିଛନ୍ତି । ଏଠାରେ ଉତ୍ପାଦନ ହେଉଥିବା ଓ ତିଆରି ହେଉଥିବା ସାମଗ୍ରୀ ଧରି ଭୁବନେଶ୍ୱର ଗସ୍ତ କରିଛନ୍ତି ସେଠାରେ ବିକ୍ରୟ କରିବେ । ମାଣ୍ଡିଆ, ସୁଆଁ, ମହୁ, ଚାଉଳ ଭଳି ସାମଗ୍ରୀ ସହ ଛୁଚୁଂଣି ଆରି ନେଇ ଯାଇଛନ୍ତି । ଆଦିବାସୀ ଉନ୍ନୟନ ପଛୁଆ ବର୍ଗ ସଂସ୍ଥା ଦ୍ୱାରା ମେଳା ଆୟୋଜିତ କରାଯାଇଛି । ଶୁଭାରମ୍ଭ ସମୟରେ ସହକାରି ଯନ୍ତ୍ରୀ ଚୈତନ୍ୟ ବାସକି, ପ୍ରକଳ୍ପ ପରିଚାଳକ ଦେବାଶିଷ ପଟ୍ଟନାୟକ, ବିଷୟ ବସ୍ତୁ ବିଶେଷଜ୍ଞ ସୌମ୍ୟ ରଞ୍ଜନ ସାହୁ, ଅରୁଣ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।

# ଜାନୁଆରୀ ମାସ ପାଇଁ ଜିଲ୍ଲାପାଳ ଓ ଏସପିଙ୍କ ମିଳିତ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ

କେନ୍ଦୁଝର, ୨/୧ (ନି.ପ୍ର): ଚଳିତ ଜାନୁଆରୀ ମାସ ପାଇଁ ଜିଲ୍ଲାପାଳ ଓ ଏସପିଙ୍କ ମିଳିତ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମର ସୂଚୀ ପ୍ରକାଶ ପାଇଛି । ସ୍ଥିରୀକୃତ ହୋଇଥିବା କାର୍ଯ୍ୟକ୍ରମର ସୂଚୀ ଅନୁଯାୟୀ, ୬ ତାରିଖ ସୋମବାର ଦିନ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥ ଦରବାର ହଲ୍, ୧୩ ତାରିଖ ସୋମବାର ଦିନ ଯୋଡ଼ା ପଂଚାୟତ ସମିତି କାର୍ଯ୍ୟାଳୟ, ୨୦ ତାରିଖ ସୋମବାର ଦିନ ବାଂଶପାଳ ପଂଚାୟତ ସମିତି କାର୍ଯ୍ୟାଳୟ, ୨୭ ତାରିଖ ସୋମବାର ଦିନ ଘଷିପୁରା ପଂଚାୟତ ସମିତି କାର୍ଯ୍ୟାଳୟଠାରେ ମିଳିତ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ ବୋଲି ଜିଲ୍ଲାପାଳ, କେନ୍ଦୁଝରଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି । ଏହି ମିଳିତ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ସଂପର୍କରେ ବିହିତ ପଦକ୍ଷେପ ନେବାକୁ ଜିଲ୍ଲାପାଳ ବିଶାଲ ସିଂହ ସଂପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏତଦ୍ ବ୍ୟତୀତ କାର୍ଯ୍ୟସୂଚୀ ଅନୁଯାୟୀ, ଅଭିଯୋଗ ଶୁଣାଣି ସ୍ଥାନମାନଙ୍କରେ ଚିକିତ୍ସା, ଜାତୀୟ ସ୍ୱାସ୍ଥ୍ୟ ମିଶନ, ଶ୍ରମ, ମହିଳା ଓ ଶିଶୁ ବିକାଶ, ସାମାଜିକ ସୁରକ୍ଷା, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ, ଜଳଛାୟା, ଯୋଗାଣ ବିଭାଗ ତରଫରୁ (ନିର୍ଦ୍ଧାରିତ ସ୍ଥାନମାନଙ୍କରେ) ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିବା ପାଇଁ ସଂପୃକ୍ତ ଜିଲ୍ଲାସ୍ତରୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ଶ୍ରୀ ସିଂହ ନିର୍ଦ୍ଦେଶ ଦେଇଛନ୍ତି ।

# ଡିଜେରେ କମ୍ପୁଛି ଦେଓଗାଁ: ବନ୍ଦ କରିବା ପାଇଁ ଦାବି

ଘଟଗାଁ, ୨/୧ (ନି.ପ୍ର): ଅନେକ ସମୟରେ ଦେଓଗାଁ ଡିଜେ ଶବ୍ଦରେ କମ୍ପୁଥିବା ଦେଖିବାକୁ ମିଳୁଛି । କୌଣସି ପୂଜା ପାର୍ବଣ ନ ଥାଇ ଡିଜେ ବାଜୁ ଥିବାରୁ ଏହାକୁ ବନ୍ଦ କରିବା ପାଇଁ ସାଧାରଣରେ ଦାବୀ ହେଉଛି । ସରକାର ଡିଜେ ବଜାଇବା ଉପରେ ନିୟନ୍ତ୍ରଣ ଆଣିବା ସହିତ ଉଚ୍ଚ ସ୍ୱରରେ ଡିଜେ ନ ବଜାଇବା ପାଇଁ ରୋକ୍ ଲଗାଇ ଛନ୍ତି। କେନ୍ଦ୍ର ସରକାର ଉଚ୍ଚ ସ୍ୱରରେ ଡିଜେ ନ ବଜାଇବା ପାଇଁ ନିର୍ଦ୍ଦେଶନାମା ଜାରୀ କରିଥିବା ବେଳେ ବିଭିନ୍ନ ସ୍ଥାନରେ ଏହାର ଖୋଲା ଉଲଂଘନ ହେଉଥିବାର ଦେଖିବାକୁ ମିଳିଛି । ଦେଓଗାଁରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି । ମାଟ୍ରିକ ପରିକ୍ଷା ପାଖେଇ ଆସୁଥିବା ବେଳେ ଅନେକ ସମୟରେ ଦେଓଗାଁରେ ସରକାରୀ ନିର୍ଦ୍ଦେଶନାମାକୁ ବେଖାତିର କରି ଉଚ୍ଚ ସ୍ୱରରେ ଡିଜେ ବଜାଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଡିଜେ ବାଜିବା ଦ୍ୱାରା ପିଲାମାନେ ପାଠ ପଢିବାରେ ବ୍ୟାଘାତ ସୃଷ୍ଟି ହେବା ସହିତ ଘରେ ଥିବା ଶିଶୁ ଓ ହୃଦ୍ ରୋଗୀ ମାନେ ଏହି କାରଣରୁ ନିଜକୁ ସରକ୍ଷିତ ମଣୁନାହାନ୍ତି । ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବୀ ହେଉଛି ।

# ସିଟିଜେନ୍ ଫୋରମ୍‌ର ବାର୍ଷିକ ଉତ୍ସବ ସହ ମୟୂରଭଞ୍ଜ ମିଶ୍ରଣ ଦିବସ ପାଳନ



ବାରିପଦା, ୨/୧ (ନି.ପ୍ର): ନବ ବର୍ଷରେ ମୟୂରଭଞ୍ଜ ସିଟିଜେନ୍ ଫୋରମ୍‌ର ୧୫ତମ ବାର୍ଷିକ ଉତ୍ସବରେ ୭୬ତମ ମୟୂରଭଞ୍ଜ ମିଶ୍ରଣ ଦିବସ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦଭାବନା ସମ୍ମିଳନୀ କକ୍ଷରେ ମହାରାଣୀ ରଶ୍ମି ରାଜ୍ୟଲକ୍ଷ୍ମୀ ଭଞ୍ଜଦେଓଙ୍କ ସଭାପତିତ୍ୱରେ ପାଳିତ ହୋଇଯାଇଛି ।ପ୍ରାରମ୍ଭରେ ସ୍ୱାଗତ ଭାଷଣରେ ଫୋରମ୍‌ର ପ୍ରତିଷ୍ଠାତା ପୂର୍ଣ୍ଣଚନ୍ଦ୍ର ବୁଗୁଡେଇ ଅତିଥି ପରିଚୟ ପ୍ରଦାନ ସହିତ ସ୍ୱାଗତ ଅଭିଭାଷଣରେ ମୟୂରଭଞ୍ଜ ମାଟି ୧୮ଗୋଟି ସ୍ଥାନରେ ପ୍ରଥମ ସ୍ଥାନ ଅଧିକାର କରି ବି କାହିଁକି ପଛୁଆ ପ୍ରଶ୍ନ ରଖିଥିଲେ । ମୁଖ୍ୟଅତିଥି ଭାବେ ବାରିପଦା ବିଧାୟକ ପ୍ରକାଶ ଚନ୍ଦ୍ର ସୋରେନ, ସ୍ୱତନ୍ତ୍ର ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ ଜିଲ୍ଲା ମିଶ୍ରଣ ପୂର୍ବ ଓ ପର ସ୍ଥିତି ଉପରେ ବକ୍ତବ୍ୟ ରଖିଥିଲେ । ମୁଖ୍ୟବକ୍ତା ଭାବେ ଗବେଷକ ଡ : ଅମ୍ବିକା ପ୍ରସନ୍ନ ଦାସ, ଭୁବନେଶ୍ୱର ମୟୂରଭଞ୍ଜ ମିଶ୍ରଣ ଚୁକ୍ତିନାମା ସମ୍ପର୍କରେ ବହୁ ଅପ୍ରକାଶ୍ୟ ତଥ୍ୟ ଉପସ୍ଥାପନ କରିଥିଲେ ।ଉତ୍ସବରେ ରାଜକୁମାରୀ ଅକ୍ଷିତା ମଞ୍ଜରୀ ଭଞ୍ଜଦେଓ ଉପସ୍ଥିତ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ଫୋରମର ଉପସଭାପତି ଅବସରପ୍ରାପ୍ତ ବିଚାରପତି ନରେନ୍ଦ୍ର କୁମାର ପ୍ରଧାନ, ହରିଶ୍ଚନ୍ଦ୍ର ନନ୍ଦ ଗୋସ୍ୱାମୀ, ଭାନୁମିତ୍ର ଆଚାର୍ଯ୍ୟ, କୁଡୁମୀ ସେନାର ଜୟମୁନି ମହାନ୍ତ, ଅଧ୍ୟାପକ କୁମାରେଶ ନାୟକ, ରାଜକିଶୋର ଆଚାର୍ଯ୍ୟ ପ୍ରମୁଖ ଆଲୋଚନାରେ ମତ ରଖିଥିଲେ । ମୁଖ୍ୟମନ୍ତ୍ରୀଙ୍କ ଭିଜନ ଓଡିଶା ମତେ ଆହ୍ୱାନ କରିଥିବା ବେଳେ ଫୋରମ ପକ୍ଷରୁ ଦିଆଯାଇଥିବା ପ୍ରସ୍ତାବକୁ କାର୍ଯ୍ୟକାରୀ କରିବାକୁ ବକ୍ତବ୍ୟ ରଖିଥିଲେ । ସେଗୁଡିକ ମଧ୍ୟରେ ମୟୂରଭଞ୍ଜ ମିଶ୍ରଣ ଚୁକ୍ତିନାମା କାର୍ଯ୍ୟକାରୀ, ଶିମିଳିପାଳର ସୁରକ୍ଷା ପାଇଁ କେନ୍ଦ୍ର ସରକାଙ୍କର ଆର୍ମ ଆକ୍ଟ ଲାଗୁ, ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ସମାପ୍ତି, ମୟୂରଭଞ୍ଜ ଏବଂ କେନ୍ଦୁଝର ଜିଲ୍ଲା ମଧ୍ୟରେ ବୃହତ୍ତ ଇସ୍ପାତ କାରଖାନା ପ୍ରତିଷ୍ଠା, ବାରିପଦାରେ ବୁଢାବଳଙ୍ଗ ଆଡିବନ୍ଧ ଯୋଜନାର ଶୁଭାରମ୍ଭ, ରାସଗୋବିନ୍ଦପୁର ଏୟାରପୋର୍ଟ ନିର୍ମାଣ ପାଇଁ ସରକାର ଜୋର୍ ଦେବାକୁ ଆଲୋଚନା ହୋଇଥିଲା ଏବଂ ନିକଟରେ ଏ ମାଟିର ସୁକନ୍ୟା ମହାମହିମ ରାଷ୍ଟ୍ରପତି ବୁଢ଼ାମରା ଚାକୁଳିଆ ରେଳ ସଂଯୋଗୀକରଣ ଶିଳାନ୍ୟାସ କରିଥିବାରୁ ଫୋରମ୍ କେନ୍ଦ୍ର ସରକାରଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲା ।ଚଳିତ ବର୍ଷ ଠାରୁ ଫୋରମ୍ ତରଫରୁ ଇଂ. ନୟାଧର ପଡ଼ିଆଳଙ୍କୁ ତାଙ୍କ ଗବେଷଣା ଓ ଶିମିଳିପାଳ କାଇଚଟଣିକୁ ଜିଆଇ ଟ୍ୟାଗ ମାନ୍ୟତା ଦେବାରେ ଅବଦାନ ପାଇଁ ମୟୂରଭଞ୍ଜ ସିଟିଜେନ୍ ଆୱାର୍ଡ-୨୦୨୪ ମାନପତ୍ର ସହ ସମ୍ବର୍ଦ୍ଧିତ କରାଯାଇଥିଲା । ମୟୂରଭଞ୍ଜ ଇତିହାସର ନିର୍ଯ୍ୟାସ ଉପରେ ଫୋରମର ପ୍ରତିଷ୍ଠାତାଙ୍କ ସଂକଳନ 'ମୟୂରଭଞ୍ଜ ଗେଜେଟ୍' ଫୋରମ୍ ଦ୍ୱାରା ପ୍ରକାଶ କରାଯାଇ ଉନ୍ମୋଚନ କରାଯାଇଥିଲା । ସମ୍ପାଦକ ବିଭୁଦତ୍ତ ଦାସ ବାର୍ଷିକ ବିବରଣୀ ପାଠ ଏବଂ ଦେବାଶିଷ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ଚନ୍ଦ୍ରଭାଗାରେ ଷଷ୍ଠ ସନ୍ଧ୍ୟାର ନାଟକ 'ବୁଢାସଂଖାରୀ' ଏବଂ 'ବୟସର କୃଷ୍ଣ ଚୂଡ଼ା ରଙ୍ଗ ତୁମ ମନ୍ଦନୁହେଁ'



ବାଲେଶ୍ୱର, ୨/୧ (ନି.ପ୍ର): ଚନ୍ଦ୍ରଭାଗୋତ୍ସବ ଷଷ୍ଠ ସଂନ୍ଧ୍ୟାର ଉଦଘାଟନ କରିଥିଲେ ଶ୍ରୀଯୁକ୍ତ ଡଃ ରମାକାନ୍ତ ନାୟକ। ଚନ୍ଦ୍ରଭାଗାର ପ୍ରତିଷ୍ଠାତା ନିର୍ଦ୍ଦେଶକ କବି ଶ୍ରୀଦେବ ସ୍ୱାଗତ ଭାଷଣ ରଖିଥିବା ବେଳେ ଅତିଥି ପରିଚୟ ପ୍ରଦାନ କରିଥିଲେ ଡଃ ଦୀଲ୍ଲୀପ ରଥ। ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ ଶ୍ରୀଯୁକ୍ତ ରାଖାଲ୍ ଚନ୍ଦ୍ର ଘଡ଼େଇ ଏବଂ ଶ୍ରୀଯୁକ୍ତ ରାମଚନ୍ଦ୍ର ବେହେରା। ମଞ୍ଚ ପରିଚାଳନା କରିଥିଲେ ହିମାଂଶୁ ଶେଖର ଦାସ। ସଂନ୍ଧ୍ୟାରେ ସ୍ଥାନୀୟ ଗାନ୍ଧୀସ୍ମୃତି ଭବନ ପରିସରରେ ବାଲେଶ୍ୱର କଲେଜର ସୌଜନ୍ୟତାରେ ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ରଚିତ ଓ ସୌମ୍ୟରଞ୍ଜନ ମହାପାତ୍ରଙ୍କ ନିର୍ଦ୍ଦେଶିତ ନାଟକ 'ବୁଢାସଂଖାରୀ' ଏବଂ ଫକୀରମୋହନ କଲେଜର ସୌଜନ୍ୟତାରେ ଡଃ ଅଭିଜିତ ଦାସଙ୍କ ଲିଖିତ ତଥା ଗିରିଜା ଶଙ୍କର କରଙ୍କ ନିର୍ଦ୍ଦେଶିତ ନାଟକ 'ବୟସର କୃଷ୍ଣ ଚୂଡ଼ା ରଙ୍ଗ ତୁମ ମନ୍ଦନୁହେଁ' ପରିବେଷଣ ହୋଇଥିଲା। ଏଥିରେ ବୁଢାସଂଖାରୀରେ ପଙ୍କଜ, ରାଧାରାଣୀ, ରାଜଶ୍ରୀ, ରୁଚିସ୍ମିତା, ମନୀଷା, ଦୀପାଞ୍ଜଳୀ, ଦିବ୍ୟାସା, ଗାୟତ୍ରୀ , ଅର୍ପିତା, କବିତା, ହୀରା ପ୍ରମୁଖ ଅଭିନୟ କରିଥିବା ବେଳେ। 'ବୟସର କୃଷ୍ଣ ଚୂଡ଼ା ରଙ୍ଗ ତୁମ ମନ୍ଦନୁହେଁ' ରେ ଶୁଭମ୍ ସ୍ୱାଇଁ, ଧୀମାନ ଧର୍ମପଦ, ଦୀପ୍ତି ପ୍ରିୟଦର୍ଶିନୀ ଆଦ୍ୟାଶା ମଲ୍ଲିକ, ମନୀଷା ରାଣୀ, ବିନୋଦିନୀ, ଆୟୁ ଅଭିପ୍ସା, ପାର୍ଥସାରଥୀ ପାଢ଼ୀ ପ୍ରମୁଖ ଅଭିନୟ କରିଥିଲେ। ନାଚ୍ ଅନୁଷ୍ଠାନ ପକ୍ଷରୁ ନିର୍ଦ୍ଦେଶିକା ରୋନାଲିସା ପଣ୍ଡାଙ୍କ ସହଯୋଗିତାରେ ନାଚର ବାର୍ଷିକ ଉତ୍ସବ ପାଳନ ପୂର୍ବକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ୨୫୦ ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଶେଷରେ ରମେଶ ବେହେରା, ଡଃ ଶଶିକାନ୍ତ ମହାନ୍ତି, ନାଟ୍ୟକାର ଆଶିଷ ଚକ୍ରବର୍ତ୍ତୀ,ସନ୍ତୋଷ ପଣ୍ଡା ପ୍ରମୁଖ କାର୍ଯକ୍ରମରେ ସକ୍ରିୟ ସହଯୋଗ କରିଥିଲେ।

# ଧାନକିଣା ତ୍ୱରିତ କଲେ ସରକାର: ୧୮ ଜିଲ୍ଲାରେ କାମ ଆଗେଇ ଚାଲିଛି ଧାନ କିଣା

ଭୁବନେଶ୍ୱର, ୨/୧ (ନି.ପ୍ର): ଚଳିତ ଖରିଫ ଋତୁରେ ରାଜ୍ୟରେ ଯାରି ଧାନ କିଣା ପ୍ରକ୍ରିୟା ଆହୁରି ତ୍ୱରାନ୍ୱିତ ହୋଇଛି । ବର୍ତ୍ତମାନ ବରଗଡ଼, ନୂଆପଡା, ସମ୍ବଲପୁର, କଳାହାଣ୍ଡି, ବଲାଙ୍ଗୀର, ବାଲେଶ୍ୱର, ବୌଦ୍ଧ, ଦେବଗଡ଼, ଝାରସୁଗୁଡା, କେଉଁଝର, କୋରାପୁଟ, ମାଲକାନଗିରି, ମୟୁରଭଞ୍ଜ, ନବରଙ୍ଗପୁର, ରାୟଗଡ, ସୁବର୍ଣ୍ଣପୁର ଓ ସୁନ୍ଦରଗଡ଼ ସମେତ ୧୮ଟି ଜିଲ୍ଲା ଧାନ କିଣା ପ୍ରକ୍ରିୟା ଚାଲିଛି । ଖୁବଶୀଘ୍ର ଅନ୍ୟ ଜିଲ୍ଲାରେ ଏହି ଧାନ କିଣା ଆରମ୍ଭ କରାଯିବ । ଏଥିପାଇଁ ସମ୍ପୃକ୍ତ ଜିଲାରେ ବ୍ୟାପକ ପ୍ରସ୍ତୁତି ଯାରି ରହିଛି । ଏତଦବ୍ୟତୀତ ପଞ୍ଜିକୃତ ଚାଷୀ ମାନଙ୍କୁ ଆଗୁଆ ସୂଚନା ପ୍ରଦାନ ସହ ଟୋକନ ପ୍ରଦାନ କରାଯାଉଛି । ସୂଚନାଯୋଗ୍ୟ, ବର୍ତ୍ତମାନ ଏହି ଜିଲ୍ଲା ଗୁଡିକରେ ୧୫୯୧ଟି ମଣ୍ଡିରେ ଧାନ କିଣା ଯାରି ରହିଛି । ସେହିଭଳି ପ୍ରତ୍ୟେକ ମଣ୍ଡିରେ ନୋଡାଲ ଅଧିକାରୀ ଧାନ କିଣା ପ୍ରକ୍ରିୟା ଉପରେ ନଜର ରଖିବା ସହ ଧାନ ସଂଗ୍ରହ ପ୍ରକିୟାକୁ ଯାଞ୍ଚ କରୁଛନ୍ତି । ବାହାର ରାଜ୍ୟର ଧାନ ଗାଡି ଏବଂ ଧାନ କିଣା ସମୟରେ ଆବଶ୍ୟକତା ଠାରୁ ଅଧିକ ଧାନ ରଖୁଥିବା ବ୍ୟବସାୟୀଙ୍କ ଉପରେ କଡା ନଜର ରଖାଯାଇଛି । ଏଥିନିମନ୍ତେ ଏହି ସବୁ ଜିଲ୍ଲାରେ ୧୯୦ଜଣ ଇନଫୋର୍ସମେଂଟ ଅଧିକାରୀ ନିଯୁକ୍ତ ଅଛନ୍ତି । ଏଭଳି ଘଟଣା ଜଣାପଡିବା ପରେ ତ୍ୱରିତ ପଦକ୍ଷେପ ନିଆଯାଉଛି । ଏଥିନିମନ୍ତେ ସମ୍ପୃକ୍ତ ଅଧିକାରୀ ମାନେ ଦିନରାତି ସେମାନଙ୍କ କାର୍ଯ୍ୟ ତୁଲାଉଛନ୍ତି । ଧାନ ବିକିବାର ୪୮ ଘଂଟା ମଧ୍ୟରେ ସେମାନଙ୍କ ଆକାଉଂଟକୁ ସର୍ବନିମ୍ନ ସହାୟତା ରାଶି ସହ ଇନପୁଟ ସହାୟତା ପ୍ରଦାନ କରାଯାଉଛି । ଏଥି ନିମନ୍ତେ ଯୋଗାଣ ବିଭାଗ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯିବା ସହ ଧାନ ବିକ୍ରୟ ଅର୍ଥ ରାଶି ସଂକ୍ରାନ୍ତୀୟ ଅଭିଯୋଗକୁ ଗୁରୁତର ଭାବେ ଗ୍ରହଣ କରି ତୁରନ୍ତ ପଦକ୍ଷେପ ନିଆଯାଉଛି । ରାଜ୍ୟ ସରକାର ଚାଷୀମାନଙ୍କ ସର୍ବାଙ୍ଗୀନ ଉନ୍ନତି ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରିବା ସହ ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି ।

# ଗରମ ଚା କଡ଼େଇରେ ପଡି ଶିଶୁ ଗୁରୁତର: ମେଡିକାଲରେ ଭର୍ତ୍ତି

ଘଟଗାଁ , ୨/୧ (ନି.ପ୍ର): ଗରମ ଚା କଡ଼େଇରେ ପଡି ଜଣେ ଶିଶୁ ଗୁରୁତର ହୋଇ ଆନନ୍ଦପୁର ଉପଖଣ୍ଡ ମୁଖ୍ୟ ଚିକିତ୍ସାଳୟରେ ଭର୍ତି ହୋଇ ଥିବା ଜଣାପଡିଛି । ସୂଚନାରୁ ପ୍ରକାଶ ଆନନ୍ଦପୁର ଥାନା ଅନ୍ତର୍ଗତ ଗୁଳାବନ୍ଧ ଗ୍ରାମର ପଦ୍ମନାଭ ନାଇକ ଙ୍କ ଘରେ ସଂନ୍ଧ୍ୟା ସମୟରେ ଚୁଲିରେ ଚା ତିଆରି କରୁଥିଲେ। କୌଣସି କାମରେ । ମା ଚା କଡ଼େଇ ଛାଡ଼ି ଚାଲି ଯିବାରୁ ନିକଟରେ ଥିବା ଝିଅ ପୁଷ୍ପାଞ୍ଜଳୀ (୪) ହଠାତ୍ ଚା କଡ଼େଇ ନିକଟକୁ ଆସିଯାଇଥିବା ବେଳେ ଚା କଡ଼େଇରେ ପଡିଯାଇଥିଲା । ଫଳରେ ଶିଶୁଟି ଗୁରୁତର ହୋଇପଡ଼ିଥିଲା ।


**AFFIDAVIT**

An affidavit before the executive Magistrate Balasore, I, Mamata Rani Patra, aged about 43 years, W/o - Tusarkanta Biswal, vill- Suthanga, Khantapada, Dist- Balasore do hereby solemnly affirm and state that , I am the mother guaridian of my son Sumit Kanta Biswal date of birth 17.8.2008 whose name has been mentioned inadvertantly in his Aadhar card No- 9955 3486 5287 as Sumit Biswal instead of Sumit Kanta Biswal which needs to be corrected Aadhar card. That, my son Sumit Biswal and Sumit Kanta Biswal is one and same person.

**Mamata Rani Patra**


# ସମ୍ବଲପୁର ଲୋକ ମହୋତ୍ସବ ପ୍ରସ୍ତୁତି : ଆକର୍ଷଣରେ ରହିବେ ବଲିଉଡ କଳାକାର

ସମ୍ବଲପୁର, ୨/୧ (ନି.ପ୍ର): ମାତ୍ର ଦିନକ ପରେ ଆରମ୍ଭ ହେବ ସମ୍ବଲପୁର ଲୋକ ମହୋତ୍ସବ । ଏଥିପାଇଁ ଗୁରୁବାର ସମ୍ବଲପୁର ଜିଲାପାଳ କାର୍ଯ୍ୟାଳୟ ସ୍ଥିତ ପ୍ରେକ୍ଷାଳୟରେ ଏକ ଖବରଦାତା ସମ୍ମିଳନୀରେ ସମସ୍ତ ପ୍ରସ୍ତୁତି ପର୍ବର ସୂଚନା ପ୍ରଦାନ କରାଯାଇଛି । ଆସନ୍ତା ୪ ତାରିଖରୁ ଅଇଁଠାପାଲି ସ୍ଥିତ ବୀରସା ମୁଣ୍ଡା ମଇଦାନ (ପିଏଚଡ଼ି ପଡିଆ)ରେ ହେବାକୁଥିବା ୨୭ ତମ ଲୋକ ମହୋତ୍ସବରେ ଚଳିତ ବର୍ଷ ୧୨ ଶହରୁ ଉର୍ଦ୍ଧ୍ୱ ଲୋକ କଳାକାର ସାମିଲ ହେବେ । ଖବର ଦାତା ସମ୍ମିଳନୀରେ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର କହିଥିଲେ ଯେ , ସମ୍ବଲପୁରର ଇତିହାସ ଏବଂ ସଂସ୍କୃତି ବହୁ ପୁରାତନ । ଲୋକ ମହୋତ୍ସବ ଜରିଆରେ ଆମେ ଆମର ସଂସ୍କୃତିକୁ ଲୋକଙ୍କୁ ଦେଖାଇବା ସହ ଦେଶର ସଂସ୍କୃତି ବିଷୟରେ ମଧ୍ୟ ଜାଣିପାରିବା । ଚଳିତ ବର୍ଷ ଲୋକ ମହୋତ୍ସବ ଜାନୁଆରୀ ୪ ତାରିଖରୁ ଆରମ୍ଭ ହୋଇ ଜାନୁଆରୀ ୬ ତାରିଖ ପଯ୍ୟନ୍ତ ଚାଲିବ । ତା ସହ ୭ ତାରିଖରେ ବଲିଉଡର ଲୋକପ୍ରୀୟ କଳାକାର ଶାନ ଯୁବ ଉତ୍ସବରେ ସାମିଲ ହେବା ନେଇ ଜିଲାପାଳ ସୂଚନା ଦେଇଥିଲେ । ସେହିପରି ୮ ତାରିଖ ସନ୍ଧ୍ୟାରେ ରାଜ୍ୟର ପ୍ରତିଷ୍ଠିତ ଯୁବ କଳାକାର ମାନେ ସାମିଲ ହେବେ । ସମ୍ବଲପୁର ଲୋକ ମହୋତ୍ସବ ୧୯୯୭ ମସିହାରେ ପ୍ରଥମ ଥର ଆୟୋଜନ କରାଯିବା ପରେ ସାରା ରାଜ୍ୟରେ ଲୋକ ମହୋତ୍ସବର ଧାରା ଆରମ୍ଭ ହୋଇଥିଲା । ଚଳିତ ବର୍ଷ ସମ୍ବଲପୁର ଲୋକ ମହୋତ୍ସବ ୨୭ ବର୍ଷରେ ପଦାର୍ପଣ କରିଥିବା ବେଳେ କାର୍ଯ୍ୟକ୍ରମକୁ ବିଗତ ବର୍ଷ ମାନଙ୍କ ଠାରୁ ଆହୁରି ଭବ୍ୟ ଭାବରେ ଆୟୋଜନ କରିବା ନେଇ ମହାନଗର କମିଶନର ବଦଭୂଷଣ କରିଥିଲେ । ବିଗତ ବର୍ଷରେ ରହିଥିବା ବିଭିନ୍ନ ସମସ୍ୟାଗୁଡିକୁ ଚଳିତ ବର୍ଷ ଦୂର କରାଯିବା ସହ ପାର୍କିଂ ଏବଂ ଯାତାୟତ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଉଥିବା କମିଶନର ସୂଚନା ଦେଇଛନ୍ତି । ଆସନା୪ ତାରିଖ ସକାଳେ ସାଂସ୍କୃତିକ ଶୋଭାଯାତ୍ରା ଅନୁଷ୍ଠିତ ହେବ । ସମଲେଇ ମନ୍ଦିରରୁ ଆରମ୍ଭ ହେବାକୁଥିବା ଏହି ଶୋଭାଯାତ୍ରାରେ ଜାତୀୟ ଦଳ ସହ ୫୦୦ ଲୋକ କଳାକାର ସାମିଲ ହେବେ । ଏହାପରେ ୪ ତାରିଖ ସନ୍ଧ୍ୟାରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଲୋକ ମହୋତ୍ସବକୁ ବିଧବଦ୍ଧ ଭାବେ ଉଦଘାଟନ କରିବାର କାର୍ଯ୍ୟକ୍ରମ ରହିଛି । ଦ୍ୱିତିୟ ସନ୍ଧ୍ୟାରେ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଏବଂ ତୃତୀୟ ସଂଧ୍ୟାରେ ସାଂସ୍କୃତି ମନ୍ତ୍ରୀ ସୂଯ ?ୟବଂଶୀ ସୁରଜ ଅତିଥି ଭାବରେ ଯୋଗ ଦେବେ । ଚତୁର୍ଥ ସନ୍ଧ୍ୟାରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଯୋଗ ଦେବାର କାର୍ଯ୍ୟକ୍ରମ ସ୍ଥିର କରାଯାଇଥିବା ଜିଲାପାଳ ସୂଚନା ଦେଇଛନ୍ତି । ସେହିପରି ଲୋକ ମହୋତ୍ସବରେ ଆସାମର ବଡୋ ଏବଂ ବିହୁ ଦଳ, ଗୁଜରାତର ସିଦ୍ଧି ଦମାଳ, ମହାରାଷ୍ଟ୍ରର ଲାବଣୀ, ଝାରଖଣ୍ଡର ସୁରୁଲିଆ ଛଉ, ହରିୟାଣାର ଘୁମର ଏବଂ ଫାଗ ଲୋକ ନୃତ୍ୟ ଦଳ ସାମିଲ ହେବେ । ଏହାସହିତ କାଯ ?ୟକ୍ରମରେ ୯ ଟି ଲେଖାଏଁ ରାଜ୍ୟ ସ୍ତରୀୟ ଦଳ, ଜିଲାସ୍ତରୀୟ ଏବଂ ବ୍ଲକ ସ୍ତରୀୟ ଲୋକ କଳାକାର ମାନେ ଯୋଗ ଦେବେ ବୋଲି ଲୋକ ମହୋତ୍ସବର ମୁଖ୍ୟ ସଂଯୋଜକ ପ୍ରଫୁଲ୍ଲ ହୋତା ସୁଚନା ଦେଇଛନ୍ତି । ଏହାସହ ଲୋକ ମହୋତ୍ସବରେ ଲୋକ ସଙ୍ଗୀତ ପାଇଁ ବର୍ଷିୟାନ କଣ୍ଠଶିଳ୍ପୀ ଭାରତୀ ରାୟ, ଲୋକନୃତ୍ୟ କଳାକାର ସୁରଥ ଚନ୍ଦ୍ର ନାୟକ, ପାରମ୍ପାରିକ ଲୋକ ନୃତ୍ୟ ବିଭାଗରେ ଖଡୁନାଥ ପିଙ୍ଗ , ଲୋକ ସାହିତ୍ୟ କ୍ଷେତ୍ରରେ ସତ୍ୟନାରାୟଣ (ବବଲୁ)ବାଗ ନାଟକ କ୍ଷେତ୍ରରେ ଉତ୍ତମ ବେହେରା, ଏବଂ ଚିତ୍ରକଳା କ୍ଷେତ୍ରରେ ବୃନ୍ଦାବନ ମହାରଣାଙ୍କୁ ସମ୍ବର୍ଦ୍ଧିତ କରାଯିବାର ଯୋଜନା ରହିଛି ।ଆଗାମୀ ଦିନରେ ସମ୍ବଲପୁର ଲୋକ ମହୋତ୍ସବର ଜାତୀୟ ମାନ୍ୟତା ପାଇଁ ଲଢେଇ କରାଯିବ ବୋଲି ମହୋତ୍ସବର ସଂଯୋଜକ ପ୍ରଫୁଲ୍ଲ ହୋତା ସୁଚନା ଦେଇଛନ୍ତି । ଚଳିତ ବର୍ଷ କଳାକାର ମାନଙ୍କ ପାଇଁ ସ୍ୱୟଂସିଦ୍ଧା ହଷ୍ଟେଲ ଠାରେ ରହଣୀ ବ୍ୟବସ୍ଥା କରାଯାଇଥିବା ମହାନଗର କମିଶନର ସୁଚନା ଦେଇଥିଲେ । ଗଣମାଧ୍ୟମ ଉପସମିତି ର ଆବାହକ ଭବାନୀ ଶଙ୍କର ଭୋଇ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଏହି ଅବସରରେ ଲୋକ ମହୋସବର ସଂଯୋଜକ ରଞ୍ଜନ ସାହୁ, ଜିଲା ସଂସ୍କୃତି ଅଧିକାରୀ ମାମୁନୀ ଆଚାଯ ?ୟ, ଜିଲା କ୍ରୀଡା ଅଧିକାରୀ ଡ. ସତ୍ୟନାରାୟଣ ତାଣ୍ଡୀ ରହିଥିଲେ ।

# ପରକିୟା ପ୍ରୀତିର କରୁଣ ପରିଣତି : ସ୍ୱାମୀର ତୀର ମାଡ଼ରେ ସ୍ତ୍ରୀ ମୃତ

ଚମ୍ପୁଆ, ୨/୧ (ନି.ପ୍ର): ଚମ୍ପୁଆ ଉପଖଣ୍ଡସ୍ଥ ବାମେବାରି ଥାନା ଅନ୍ତର୍ଗତ ହାଣ୍ଡିଭଙ୍ଗା ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଥିବା ଜଣା ପଡିଛି। ଖବର ଅନୁସାରେ ଏହି ଗାଁର ଦଶରା ମୁଣ୍ଡାଙ୍କ ସ୍ତ୍ରୀ ଚନି ମୁଣ୍ଡାଙ୍କର ଅନ୍ୟ ଜଣେ ପୁରୁଷଙ୍କ ସହ ସମ୍ପର୍କ କୁ ନେଇ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ସବୁ ବେଳେ ଝଗଡା ହେଉଥିଲା। ଗତକାଲି ବିଳମ୍ବିତ ରାତିରେ ମଧ୍ୟ ସେହି ଘଟଣାକୁ ନେଇ ଝଗଡ଼ା ହୋଇଥିଲା। ଫଳରେ ଦଶରା ମୁଣ୍ଡା ଉତ୍ୟକ୍ତ ହୋଇ ଚିନି ମୁଣ୍ଡାଙ୍କୁ ତୀର ମାଡ କରିଥିଲେ। ତୀରଟି ଚିନିଙ୍କ ଛାତିରେ ବାଜିଥିବା ବେଳେ, ଆଜି ସକାଳୁ ସ୍ୱାମୀ ଦଶରା ଓ ତାଙ୍କ ପରିବାର ଲୋକେ ଚିନିଙ୍କୁ ଆଣି ଝୁମ୍ପୁରା ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା ନିମନ୍ତେ ମେଡ଼ିକାଲରେ ଭର୍ତି କରିଥିଲେ କିନ୍ତୁ ସେଠାରେ କିଛି ସମୟ ପରେ ଚିନିଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇ ଝୁମ୍ପୁରା ପୋଲିସ ସ୍ୱାମୀ ଦଶରାକୁ ଅଟକ ରଖି ଅଧିକ ପଚରା ଉଚରା କରୁଛି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## ପୌର ପ୍ରଶାସକ ...

କୈଳାସ ଚନ୍ଦ୍ର ଜେନା-ପୋଲସରା ଏନଏସି କାର୍ଯ୍ୟନିବାହୀ ଅଧିକାରୀ, ନିଗମାନନ୍ଦ ନନ୍ଦ-ବାଣପୁର ଏନଏଏସି, କମଳ ବିହାରୀ ଦାସ-ରେମୁଣା ଏନଏସି, ଲକ୍ଷ୍ମଣ କୁମାର ମୁର୍ମୁ-ପାରଳାଖେମୁଣ୍ଡି ମ୍ୟୁନିସପାଲଟି, ସୌମ୍ୟରଞ୍ଜନ ମିଶ୍ର-ଚୌଦ୍ୱାର ମ୍ୟୁନିସପାଲଟି, ଆଶୁତୋଷ ଗୌରବ କର- କି.ଉଦୟଗିରି, ବିଶ୍ୱରଞ୍ଜନ ପ୍ରଧାନ-ସୋର ମ୍ୟୁନିସପାଲଟି, ବିଶ୍ୱଜିତ୍ ରାୟ-ରାୟଗଡ଼ା ମ୍ୟୁନିସପାଲଟି, ସତ୍ୟପ୍ରକାଶ ତ୍ରିପାଠୀ-ଅନୁଗୁଳ ମ୍ୟୁନିସପାଲଟି, ୟାସିର ବିଲାଲ ଅହମ୍ମଦ-ବୀରମିତ୍ରପୁର ମ୍ୟୁନିସପାଲଟି, ରାଜେଶ କୁମାର ମହାପାତ୍ର-ଆସିକା ଏନଏଏସି, କାଦମ୍ବିନୀ ଜେନା-ପିପିଲି ଏନଏଏସି, ଲଳିତ କୁମାର ନାଏକ- କେନ୍ଦୁଝର ମ୍ୟୁନିସପାଲଟି, ରୁଷି ମାଝୀ-ସୋନପୁର ମ୍ୟୁନିସପାଲଟି, ଚନ୍ଦ୍ରକାନ୍ତ ବେହେରା-ଆଠମଲ୍ଲିକ ଏନଏଏସି ଓ ଅବିନାଶ ମହାନ୍ତିଙ୍କୁ ଦଶପଲ୍ଲା ଏନଏଏସିର କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ବଦଳି କରାଯାଇଛି ।

## ବଦଳିଯିବ ବାଂଲାଦେଶ...

ଏନସିଟିବି ପକ୍ଷରୁ ଦିଆଯାଇଥିବା ସୂଚନା ଅନୁସାରେ, ଚତୁର୍ଥରୁ ପଞ୍ଚମ ଏବଂ ଷଷ୍ଠରୁ ନବମ ପର୍ଯ୍ୟନ୍ତ ଶ୍ରେଣୀର ପୁସ୍ତକ ବଦଳାଯିବ । କିନ୍ତୁ ପ୍ରଥମରୁ ତୃତୀୟ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାନୀତିରେ କୌଣସି ପରିବର୍ତ୍ତନ ହେବ ନାହିଁ । ଏପରିକି ବହିରୁ ହଟିବ ହସିନାଙ୍କ ବୟାନ । ଯେଉଁ ବୟାନ ଦେଇଥିଲେ ତାହାକୁ ଆଗାମୀ ଶିକ୍ଷାନୀତିରୁ ହଟାଇ ଦିଆଯିବ । କାରଣ ପୂର୍ବରୁ ପିଲାମାନେ ପଢୁଥିବା ବହିରେ ହସିନାଙ୍କ ବୟାନ ଓ ବିଭିନ୍ନ ଘୋଷଣା ସମ୍ପର୍କରେ ପିଲାଏ ପଢୁଥିଲେ । ଏମିତିକି ବାଂଲାର ନାୟକ ବୋଲି ହସିନାଙ୍କୁ ବିବେଚନା କରାଯାଇଥିଲା । ଯାହା ଏବେ ହଟାଇ ଦିଆଯିବ । ପ୍ରତି ବହିର ବଦଳିବ କଭର ପେଜ୍ । ସରକାରଙ୍କ ଦ୍ୱାରା ନିଆଯାଇଥିବା ନିଷ୍ପତ୍ତି ଅନୁସାରେ, କେବଳ ବହିର ବିଷୟବସ୍ତୁ ପରିବର୍ତ୍ତନ ହେବ ତାହା ନୁହେଁ ବରଂ ବହିର ମଲାଟରେ ବି ପରିବର୍ତ୍ତନ ହେବ । ସେପଟେ ଛାତ୍ର ଅଶାନ୍ତିଙ୍କ ଦୃଷ୍ଟିରେ ରଖି ନୂଆ କମିଟି କହିଛି, ଦେଶର ବିଭିନ୍ନ ଆଇନ ଓ ସମ୍ବିଧାନକୁ ବହିର ମଲାଟରେ ରଖିଯାଇପାରେ ।

## ଆଇଏଏସ୍ ସ୍ତରରେ...

ସଚିବ ଭାବେ ୨୦୧୧ ବ୍ୟାଚ୍ ଆଇଏଏସ୍ ଅରିନ୍ଦମ ଡାକୁଆଙ୍କୁ ଗତ ଜୁଲାଇ ମାସରେ ନିଯୁକ୍ତି ମିଳିଥିଲା। ଶ୍ରୀ ଡାକୁଆ ୨୦୧୩ ଜୁଲାଇରୁ ୨୦୧୪ ଅଗଷ୍ଟ ମାସ ପର୍ଯ୍ୟନ୍ତ କେନ୍ଦୁଝର ଜିଲ୍ଲାର ଚମ୍ପୁଆ ଉପଜିଲ୍ଲାପାଳ ଭାବେ ନିଜର କ୍ୟାରିୟର ଆରମ୍ଭ କରିଥିଲେ। ସେ ବଲାଙ୍ଗୀର, ନୟାଗଡ଼ ଓ କଟକ ଜିଲ୍ଲାପାଳ ଭାବେ କାର୍ଯ୍ୟ କରିବା ପରେ ଗତ ଜୁଲାଇରେ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଭାବେ ନିଯୁକ୍ତ ହୋଇଥିଲେ। ଏବେ ତାଙ୍କ ବଦଳି ପରେ କିଏ ଉକ୍ତ ପଦବୀରେ ବସିବ ତାହା ଉପରେ ସମସ୍ତଙ୍କ ନଜର।

## ନୂଆବର୍ଷରେ ବିଜେପି...

ତେଣୁ ସରକାର ଏବଂ ସଂଗଠନ ଭିତରେ ସମନ୍ୱୟ ରଖି ପାରୁଥିବା ବ୍ୟକ୍ତି, ସରକାରୀ ଏଜେଣ୍ଡାକୁ ଦଳୀୟ ସ୍ତରରେ ସଫଳ କରିବାର ଦକ୍ଷତା ରଖୁଥିବା ନେତାକୁ ମିଳିପାରେ ଦାୟିତ୍ୱ। କୁହାଯାଉଛି ମନମୋହନ ସାମଲଙ୍କ କାର୍ଯ୍ୟକାଳ ମଧ୍ୟ ବଢ଼ାଇ ଦିଆଯାଇପାରେ। ଏହାବାଦ୍ ଉପସଭାପତି ଗୋଲକ ମହାପାତ୍ର ଓ ପୂର୍ବତନ ସଭାପତି ସମୀର ମହାନ୍ତିଙ୍କ ନାଁ ବି ଚର୍ଚ୍ଚା ହେଉଛି। ଅନ୍ୟପଟେ ମୁଖ୍ୟ ବିରୋଧୀ ଦଳ ବିଜେଡିରେ ଯଦିଓ ନବୀନ ସୁପ୍ରିମୋ ଅଛନ୍ତି, କିନ୍ତୁ ରାଜ୍ୟସ୍ତରୀୟ କମିଟି ଏ ଯାଏଁ ଦଳ ତିଆରି କରିପାରୁନାହିଁ। କୁହାଯାଉଛି ସୁପ୍ରିମୋ ଯଦିଓ ନବୀନ ରହିବେ, ସେନାପତି ଭାବେ ଜଣେ ବରିଷ୍ଠ ନେତାଙ୍କୁ ନିଯୁକ୍ତ କରାଯିବ। ପୂର୍ବରୁ ଯେମିତି ସାଂଗଠନିକ ସଂପାଦକ ଭାବେ ପ୍ରଣବ ପ୍ରକାଶ ଦାସଙ୍କୁ ଦାୟିତ୍ୱ ଦିଆଯାଇଥିଲା। ତେବେ ପରାଜୟ ପରେ ଦଳରେ ପ୍ରଣବ ପ୍ରକାଶଙ୍କୁ ନେଇ ଅସନ୍ତୋଷ ଜାରି ରହିଛି। ଯେଉଁଥିପାଇଁ ଦେବୀପ୍ରସାଦ ମିଶ୍ରଙ୍କୁ ୧୫ ଜଣିଆ କୋର୍ଡିନେସନ କମିଟିର ଅସ୍ଥାୟୀ ଅଧକ୍ଷ କରି କାର୍ଯ୍ୟକ୍ରମ କରୁଛି ଦଳ। ଚଳିତ ଥର ବିଜେଡି କିଛି ଢାଞ୍ଚାଗତ ପରିବର୍ତ୍ତନ କରିପାରେ ବୋଲି କୁହାଯାଉଛି। ଦଳ ଭିତରେ ଥିବା କନ୍ଦଳ ଏବଂ ଅସନ୍ତୋଷକୁ ମ୍ୟାନେଜ କରିବାର ଦକ୍ଷତା ରଖୁଥିବା ଲୋକଙ୍କୁ ଗୁରୁ ଦାୟିତ୍ୱ ମିଳିପାରେ। ପରାଜୟ ପରେ ବରିଷ୍ଠଙ୍କୁ ଦଳ ଗୁରୁତ୍ୱ ଦେଉଥିବାରୁ ଦେବୀ ମିଶ୍ର, ପ୍ରସନ୍ନ ଆଚାର୍ଯ୍ୟ, ସଞ୍ଜୟ ଦାସବର୍ମା, ଅତନୁ ସବ୍ୟସାଚୀଙ୍କ ଭଳି ନେତାଙ୍କୁ ଗୁରୁ ଦାୟିତ୍ୱ ମିଳିବାର ସମ୍ଭାବନା ରହିଛି। ଅନ୍ୟପଟେ କଂଗ୍ରେସ ବି ନିର୍ବାଚନ ପରଠାରୁ ବିନା ମୁଖିଆରେ ଚାଲିଛି। ସଭାପତି ଚୟନ ପାଇଁ ଚରଣ ଦାସ ମହନ୍ତ ଏବଂ ମୀନାକ୍ଷୀ ନଟରାଜନଙ୍କୁ କେନ୍ଦ୍ର ଦାୟିତ୍ୱ ଦେଇଛି। ଏହା ଭିତରେ ସେମାନେ ଓଡିଶା ଆସି ନେତାଙ୍କ ସହ ମାନସମନ୍ଥନ କରିଛନ୍ତି। କିନ୍ତୁ ଏଯାଏଁ ନାଁ ସ୍ଥିର ହୋଇପାରୁନି। କୁହାଯାଉଛି ଏକ ଯୁବ ଚେହେରା ଖୋଜୁଛନ୍ତି କେନ୍ଦ୍ର ନେତୃତ୍ୱ। ବରିଷ୍ଠ କଂଗ୍ରେସ ନେତା ଭକ୍ତ ଦାସ, ମହମ୍ମଦ ମୋକିମ, ଶ୍ରୀକାନ୍ତ ଜେନା , ସାଂସଦ ସପ୍ତଗିରି ଉଲ୍ଲାକାଙ୍କ ନାଁକୁ ନେଇ ଚର୍ଚ୍ଚା ଲାଗି ରହିଛି।

## ପ୍ରବାସୀ ଭାରତୀୟ...

ସେଥିପାଇଁ ବୈଦେଶିକ ବ୍ୟାପାର ମନ୍ତ୍ରାଳୟ ସହ ରାଜ୍ୟ ସରକାର ମିଶି କରୁଛନ୍ତି ବଡ଼ ତୟାରି। ଭୁବନେଶ୍ୱର ଜନତା ମୈଦାନରେ ମଇଦାନରେ ୮ରୁ ୧୦ ଯାଏଁ ଚାଲିବ ପ୍ରବାସୀ ଭାରତୀୟ ଦିବସ। ଏହି ମେଗା ସମ୍ମିଳନୀରେ ୭୦ରୁ ଅଧିକ ଦେଶରୁ ପ୍ରାୟ ୭ ହଜାର ଭରତୀୟ ବଂଶୋଭବ ଓ ପ୍ରବାସୀ ଭାରତୀୟ ଯୋଗଦେବେ। ତେଣୁ ସେଠି ଓଡ଼ିଶାର ସଂସ୍କୃତି, ଐତିହ୍ୟ ଓ ପରମ୍ପରାର ଝଲକ ଦେଖାଇବାକୁ ଓଡ଼ିଶା ସରକାର- ଭାରତୀୟ ବୈଦେଶିକ ମନ୍ତ୍ରାଳୟ ସହ ମିଳିତ ଭାବେ ଲାଗି ପଡ଼ିଛନ୍ତି। ଜାନୁଆରୀ ୯ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରବାସୀ ଭାରତୀୟ ଏକ୍ସପ୍ରେସକୁ ଫ୍ଲାଗ୍ ଅଫ୍ କରିବେ। ସେଥିପାଇଁ ସୁରକ୍ଷା ଯାଞ୍ଚ ଜୋରଦାର ଚାଲିଛି। ସେପଟେ ପୂରା ରାଜଧାନୀକୁ ଓଡ଼ିଶାର ପାରମ୍ପରିକ ଚିତ୍ରକଳାରେ ନିମଗ୍ନ କରାଯାଉଛି। କାନ୍ଥ ବାଡ଼ରେ ନୂଆ ନୂଆ ଥିମ୍ ଅଙ୍କା ଯାଉଛି। ସୁନ୍ଦର ଆଲୋକମାଳାରେ ଏବେଠୁ ଝଲସିଲାଣି ଭୁବନେଶ୍ୱର। ପରିମଳ ଓ ସୌନ୍ଦର୍ଯ୍ୟକରଣ ବ୍ୟବସ୍ଥାର ଅନୁଧ୍ୟାନ କରିଛନ୍ତି ଖୋଦ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ। ଭୁବନେଶ୍ୱର ବାଦ କଟକ, ପୁରୀ ଓ କୋଣାର୍କ ଆଦି ସହରରେ ଥିବା ୩୧ଟି ପର୍ଯ୍ୟଟନସ୍ଥଳୀକୁ ମଧ୍ୟ ଅତିଥିଙ୍କୁ ନେବା ଆଣିବା ପାଇଁ ଡବଲ ଡେକର ବସ୍‌ର ବ୍ୟବସ୍ଥା କରାଯାଇଛି। ୨୦୨୫ ମସିହା ଭୁବନେଶ୍ୱରରେ ୩ ଦିନିଆ ସମ୍ମିଳନୀର ଥିମ୍ ରହିଛି- 'ବିକଶିତ ଭାରତ ପାଇଁ ପ୍ରବାସୀ ଭାରତୀୟଙ୍କ ଅବଦାନ'। ତା'ସହ ଉକ୍ତ ଅବସରରେ ପ୍ରବାସୀ ଭାରତୀୟଙ୍କୁ ଏକ ସୂତ୍ରରେ ବାନ୍ଧିବାକୁ ୫ଟି ଦିଗକୁ ଫୋକସ୍ କରାଯାଇଛି। ସେଗୁଡିକ ହେଲା- ବୈଶ୍ୱିକ ପୃଥିବୀରେ ପ୍ରବାସୀ ଯୁବ- ଭାରତୀୟଙ୍କ ନେତୃତ୍ୱ, ପ୍ରତିବନ୍ଧକ ଭାଙ୍ଗି ସେତୁ ନିର୍ମାଣ ଓ ସ୍ଥାନାନ୍ତର କୌଶଳର କାହାଣୀ, ସବୁଜ ସଂଯୋଗ ବା ସ୍ଥାୟୀ ସମାବେଶୀ ବିକାଶରେ ପ୍ରବାସୀଙ୍କ ଅବଦାନ, ପ୍ରବାସୀ ଦିବସ: ମହିଳା ନେତୃତ୍ୱ ଏବଂ ନାରୀ ଶକ୍ତି ପ୍ରଭାବର ଇସ୍ତାହାର, ପ୍ରବାସୀ ଭାରତୀୟଙ୍କ ମୁହଁରୁ ସଂସ୍କୃତି, ସଂଯୋଗ ଓ ସମ୍ପର୍କର କାହାଣୀ।

## ସ୍ୱାଧୀନତା ସଂଗ୍ରାମୀ ...

ମଞ୍ଚରେ ବସିଥିବା କଂଗ୍ରେସ ନେତା ନିରଞ୍ଜନ ପଟ୍ଟନାୟକଙ୍କୁ ମଧ କଡା କାଉଣ୍ଟର କରିଛନ୍ତି ମୁଖ୍ୟମନ୍ତ୍ରୀ। ସେ କହିଛନ୍ତି, ଓଡ଼ିଶା ସବୁଠୁ ଗରିବ ରାଜ୍ୟ ବୋଲି କହିବା ଠିକ୍ ହେଲାନାହିଁ। ଏଥିପାଇଁ ଦାୟୀ କିଏ ? ତାହାର ଉତ୍ତର ବି ଆସିବା କଥା। ପ୍ରକୃତରେ ଯଦି ଓଡ଼ିଶାକୁ ଆଗକୁ ନେବାର ଥିଲା, ତେବେ ଆଜି ପର୍ଯ୍ୟନ୍ତ ଅନେକ ଥର ଲୋକମାନେ ଦାୟିତ୍ୱ ଦେଇଥିଲେ। କିନ୍ତୁ ରାଜ୍ୟକୁ କିଏ ଏଭଳି ସ୍ଥିତିରେ ପହଞ୍ଚାଇଛି ବୋଲି ମୁଖ୍ୟମନ୍ତ୍ରୀ ପ୍ରଶ୍ନ କରିଛନ୍ତି। ସେ କହିଛନ୍ତି, ମହାପ୍ରଭୁଙ୍କ ଆଶୀର୍ବାଦରେ ଆଜି ସରକାର ହୋଇଛି। ୬ ମାସରେ ଯାହା କଥା ଦେଇଥିଲୁ, ପୂରଣ କରିଛୁ। ଆଜି ମନ୍ତ୍ରୀମାନେ ଲୋକସେବା ଭବନ ନୁହେଁ, ଗାଁରେ ବୁଲୁଛନ୍ତି। ଦାନା ବାତ୍ୟା ବେଳେ ମଧ ଗ୍ରାଉଣ୍ଡରେ ମନ୍ତ୍ରୀମାନେ ଥିଲେ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ। ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ନେଇ ନବୀନଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

## ବିହାର ହେବ କି ବଡ...

କିଛିଦିନ ହେବ ନୀତିଶ ଗଣମାଧ୍ୟମରୁ ନିଜକୁ ଦୂରେଇ ରଖୁଛନ୍ତି । ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂଙ୍କ ନିଧନରେ ଶେଷ ଦର୍ଶନ ଲାଗି ପହଞ୍ଚିଥିଲେ ନୀତିଶ । ଏହି ସମୟରେ ମନମୋହନଙ୍କ ପରିବାର ସହ ଅନେକ କଂଗ୍ରେସ ନେତାଙ୍କୁ ଭେଟିଥିଲେ । କିନ୍ତୁ ଏନଡିଏର ନେତାଙ୍କ ସହ ସେମିତି ନଜରକୁ ଆସିନଥିଲେ । ପୂର୍ବରୁ ଦିଲ୍ଲୀରେ ଅମିତ ଶାହ ଡାକିଥିବା ବୈଠକରେ ମଧ୍ୟ ସାମିଲ ହୋଇନଥିଲେ ନୀତିଶ । ଯେହେତୁ କେନ୍ଦ୍ର ସରକାରରେ ନୀତିଶଙ୍କ ସମର୍ଥନ ରହିଛି ତେଣୁ ନୀତିଶ ନଯିବା ରାଜନୀତିକୁ ଆହୁରି ସରଗରମ କରିଛି । ନୀତିଶ ଅସନ୍ତୋଷ ହେବାର ଅନ୍ୟ ଏକ କାରଣ ହେଉଛି ଦିଲ୍ଲୀ ବିଧାନସଭା ନିର୍ବାଚନ । ଏହି ନିର୍ବାଚନରେ ଜେଡିୟୁ ଲଢିବାକୁ ଇଚ୍ଛା ରଖିଥିଲେ ବି ଏନଡିଏ ସିଟ୍ ଭାଗବଣ୍ଟାକୁ ସଫାସଫା ମନା କରିଦେଇଛି । ତେବେ ଏହି ଚର୍ଚ୍ଚା ଭିତରେ ଆଜି ରାଜଭବନକ ଗୋଟିଏ ଫଟୋ ରାଜ୍ୟ ରାଜନୀତିକୁ ଅଧିକ ସରଗରମ କରିଛି । ରାଜଭବନରେ ସାମ୍ନାସାମ୍ନି ହୋଇଛନ୍ତି ତେଜସ୍ୱୀ ଯାଦବ ଓ ନୀତୀଶ କୁମାର । ଏହି ସମୟରେ ନୀତୀଶ କୁମାର ତେଜସ୍ୱୀଙ୍କ ପାଖରେ ଅଟକିଥିଲେ । ତେଜସ୍ୱୀ ଯେତେବେଳେ ତାଙ୍କୁ ନମସ୍କାର କରିଥିଲେ, ସେ ସମୟରେ ନୀତୀଶ ତାଙ୍କ ହାତ ଧରିଦେଇଥିଲେ । ଆଉ ଏହାକୁ ନେଇ ବିହାର ରାଜନୀତି ସରଗରମ ହୋଇଛି । ବିଜେପି ଶିବିରରେ ମଧ୍ୟରେ ଏହି ଭେଟଘାଟକୁ ନେଇ ଚର୍ଚ୍ଚା ହେଉଛି । ଲାଲୁଙ୍କ ଅଫର ନେଇ ତେଜସ୍ୱୀ କହିଛନ୍ତି, ଗଣମାଧ୍ୟମ ବାରମ୍ବାର ପଚାରିବାରୁ ଲାଲୁ ଏଭଳି କହିଦେଇଛନ୍ତି । ଏ ବର୍ଷ ଚାଚାଙ୍କ ବିଦାୟ ନିଶ୍ଚିତ ।

## ଖସୁଛି ପାରଦ...

ମୟୂରଭଞ୍ଜ, ଯାଜପୁର ଜିଲ୍ଲାରେ ସ୍ୱଳ୍ପରୁ ମଧ୍ୟମ ଧରଣରେ କୁହୁଡି ହେବାର ସମ୍ଭାବନା ରହିଛି। କୁହୁଡି ଯୋଗୁ ସକାଳେ ସକାଳେ ଦୁର୍ଘଟଣା ହେବାର ସମ୍ଭାବନା ରହିଛି। ଗତ ୨୪ ଘଣ୍ଟା ଭିତରେ ରାଜ୍ୟର ସର୍ବନିମ୍ନତମ ତାପମାତ୍ରା ରାଉରକେଲାରେ ରେକର୍ଡ କରାଯାଇଛି। ଏଠାରେ ତାପମାତ୍ରା ୭ ଡିଗ୍ରୀ ସେଲ୍‌ସିୟସ୍ ରେକର୍ଡ କରାଯାଇଛି। ସେହିପରି ପାହାଡ଼ି ଅଞ୍ଚଳରେ ସର୍ବନିମ୍ନ ତାପମାତ୍ରା ୪.୮ ଡିଗ୍ରୀ ସେଲ୍‌ସିୟସ୍ ରେକର୍ଡ କରାଯାଇଥିବା ବେଳେ ଭୁବନେଶ୍ୱରରେ ୧୩.୨ ଡିଗ୍ରୀ ସେଲ୍‌ସିୟସ୍, କଟକରେ ୧୩.୦ ଡିଗ୍ରୀ ସେଲ୍‌ସିୟସ୍ ରେକର୍ଡ କରାଯାଇଛି। ଠିକ୍ ସେହିପରି ସେମିଳିଗୁଡ଼ାରେ ୬.୬ ଡିଗ୍ରୀ ସେଲ୍‌ସିୟସ୍, ଝାରସୁଗୁଡ଼ାରେ ୮.୦ ଡିଗ୍ରୀ ସେଲ୍‌ସିୟସ୍, ଚିପ୍‌ଲିମାରେ ୮.୮ ଡିଗ୍ରୀ ସେଲ୍‌ସିୟସ୍, ବାଲେଶ୍ୱରରେ ୧୨.୪ ଡିଗ୍ରୀ ସେଲ୍‌ସିୟସ୍, ଚାନ୍ଦବାଲିରେ ୧୩.୮ ଡିଗ୍ରୀ ସେଲ୍‌ସିୟସ୍ ରେକର୍ଡ କରାଯାଇଛି।

# ବରିଷ୍ଠ ସାମ୍ବାଦିକ ରମେଶ ଚୌଧୁରୀଙ୍କ ପରଲୋକ



ପୁରୀ, ୨/୧ (ନି.ପ୍ର): ପୁରୀ ସହରର ଜଣାଶୁଣା ବରିଷ୍ଠ ସାମ୍ବାଦିକ ରମେଶ ଚୌଧୁରୀଙ୍କ ପରଲୋକ ହୋଇଛି । ସେ ଭୁବନେଶ୍ୱରର ଏକ ଘରୋଇ ମେଡିକାଲରେ ହୃଦଘାତ ଜନିତ ରୋଗର ଚିକିତ୍ସିତ ହେଉଥିବା ସମୟରେ ଗୁରୁବାର ସକାଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଭୁବନେଶ୍ୱରରୁ ତାଙ୍କର ମରଶରୀର ପୁରୀ ଲୋକନାଥ ରୋଡ ସ୍ଥିତ ନିଜସ୍ୱ ବାସଭବନକୁ ଆଣିବା ପରେ ଅନେକ ଶୁଭେଚ୍ଛୁ ଶେଷ ଦର୍ଶନ କରିଥିଲେ । ସେ ବିଭିନ୍ନ ସାପ୍ତାହିକ ଖବରକାଗଜର ସମ୍ପାଦକ ଭାବେ ଦକ୍ଷତାର ସହ କାର୍ଯ୍ୟ କରିଥିଲେ । ବିଶେଷକରି ପୁରୀ ସହରରେ ସମାଲୋଚନା ମୂଳକ ସାପ୍ତାହିକ ଖବରକାଗଜ ଯାଞ୍ଚ ଓ ଶ୍ରୀକ୍ଷେତ୍ର ଯାଞ୍ଚ ପାଇଁ ସେ ବେଶ ପରିଚିତ ଥିଲେ । ଏହା ସହ ସତ୍ୟ ସଂଘର୍ଷ ଓ ଜଗନ୍ନାଥ ଟାଇମସ ଖବରକାଗଜ ମଧ୍ୟ ସଂପାଦକ ଭାବେ କାର୍ଯ୍ୟ କରିଥିଲେ । ତାଙ୍କ ମରଶରୀରକୁ ସ୍ୱର୍ଗଦ୍ୱାର ନିଆଯାଇ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା । ତାଙ୍କର ଏକମାତ୍ର ପୁତ୍ର ଦିପ୍ତିରଞ୍ଜନ ଚୌଧୁରୀ ମୁଖାଗ୍ନି ଦେଇଥିଲେ । ସ୍ୱର୍ଗଦ୍ୱାର ଠାରେ ତାଙ୍କର ଦୁଇଝିଅ ରଞ୍ଜିତା ଚୌଧୁରୀ, ରଶ୍ମିତା ଚୌଧୁରୀ, ଜ୍ୱାଇଁ ଆଶିଷ ମିଶ୍ର, ହୃଦାନନ୍ଦ ମହାନ୍ତି, ଭାଇ ସୁର ,କାଳିଆ , ପୁତୁରା ଗୁଡ୍ଡୁ, ନାତି ସାଇ,ନାତୁଣୀ ମିନୀ,ବୋହୁ ରାନୀ ଓ ଅଙ୍କିତାଙ୍କ ସମେତ ପରିବାର, ବନ୍ଧୁବାନ୍ଧବ, ଆତ୍ମିୟସ୍ୱଜନ ଉପସ୍ଥିତ ଥିଲେ । ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡଙ୍ଗୀ, ବିଜେପି ନେତା କୃଷ୍ଣଚନ୍ଦ୍ର ପଣ୍ଡା, ବରିଷ୍ଠ ସାମ୍ବାଦିକ ଅନନ୍ତ ମିଶ୍ର, ପ୍ରମୋଦ ଦାଶ, ଅନିମେଶ ପଟ୍ଟନାୟକ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟର ଅଧିକାରୀଙ୍କ ସମେତ ବହୁ ସାମ୍ବାଦିକ, ବୁଦ୍ଧିଜୀବୀ, ସମାଜସେବୀ, ସାହି ବାସିନ୍ଦାମାନେ ଶେଷ ଦର୍ଶନ ଦର୍ଶନ କରିଥିଲେ । ଏହି ଦୁଃଖଦ ଖବର ସହରରେ ପ୍ରଚାରିତ ହେବା ପରେ ଶୋକର ଛାୟା ଖେଳିଯାଇଛି ।

# କାଳନ୍ଦାରେ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ: ବାରିପଦା ଦଳ ବିଜୟୀ



ଲଙ୍ଗଳେଶ୍ୱର, ୨/୧ (ନି.ପ୍ର): ବାଲିଆପାଳ ବ୍ଲକ ବଳରାମପୁର ପଞ୍ଚାୟତ ଅଧିନସ୍ଥ କାଳନ୍ଦା ଗ୍ରାମର ମିନି ଷ୍ଟାଡିୟମ୍ ଠାରେ ଜାହାର୍ ଗଡିଆ ଆଦିବାସୀ ଯୁବକ ସଂଘ ଆନୁକୂଲ୍ୟରେ ଦୁଇଦିନ ଧରି ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି । ଟୁର୍ଣ୍ଣାମେଣ୍ଟରେ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ । ଫାଇନାଲ ଖେଳ ଦାମୋଦରପୁର ବାରିପଦା ଦଳ ସହିତ ଆକାଲଗିଡି ଝଲଝଲିଆ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଖେଳରେ ଦାମୋଦରପୁର ବାରିପଦା ଦଳ ବିଜୟୀ ହୋଇଥିଲେ । ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବସ୍ତା ବିଧାୟିକା ସୁବାସିନୀ ଜେନା ଯୋଗଦେଇ ଖେଳାଳୀଙ୍କୁ ଉତ୍ସାହିତ କରିବା ସହିତ ବିଜୟୀ ଦଳକୁ ଅର୍ଥ ରାଶି ପୁରସ୍କୃତ କରିଥିଲେ । ଏହି ଅବସରରେ ନୂତନ ଆଦିବାସୀ କ୍ଲବ ଗୃହକୁ ବିଧାୟିକା ଶ୍ରୀମତୀ ଜେନା ଉଦଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବଳରାମପୁର ସରପଞ୍ଚ ଅରୁଣ ପାଣିଗ୍ରାହୀ, ସଦସ୍ୟ ମୀନକେତନ ଦାସ ମହାପାତ୍ର, ୨୨ନଂ ଜୋନ ଜିଲ୍ଲା ପରିଷଦ ସଭ୍ୟ ନିଶାକର ସେଠୀ,ବ୍ଲକ ବିଜେଡି ସଭାପତି ଗୋବିନ୍ଦ ପ୍ରସାଦ ଦାସ, ଗାଁ ମାଲିକ ଦୈତାରୀ ନାୟକ,ସୁମନ୍ତ ଗିରି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ରେଫ୍ରି ଭାବେ ପି.ଏମ୍ ଜେନା, ସୁକୁମାର ସୋରେନ୍ , ବାପୁନ ଜେନା ପ୍ରମୁଖ ଖେଳକୁ ପରିଚାଳନା କରିଥିଲେ । ପ୍ରାରମ୍ଭରେ ଆଦିବାସୀ ଭାଇଭଉଣୀମାନେ ମୁଖ୍ୟ ଅତିଥି ବସ୍ତା ବିଧାୟିକା ସୁବାସିନୀ ଜେନାଙ୍କୁ ନୃତ୍ୟର ତାଳେ ତାଳେ ପାଛୋଟି ନେଇଥିଲେ । ଆଦିବାସୀ ଭାଇଭଉଣୀଙ୍କ ଗହଣରେ କିଛି ସମୟ ବିତାଇଥିଲେ ବିଧାୟିକା । ଜାହେର୍ ଗଡିଆ ଆଦିବାସୀ ଯୁବକ ସଂଘ,କାଳନ୍ଦା ର ସଭାପତି ନବା ସୋରେନ୍ ,ସେକ୍ରେଟେରୀ ସୁମନ୍ତ ବେଶ୍ରା, ଗୁରଭା ବେଶ୍ରା,ରୁପାୟ ଟୁଡୁ,ରାଜେନ୍ ସୋରେନ୍ ,ବାଲୁକୁ ମୁର୍ମୁ,ମନ୍ମଥ ବେଶ୍ରା,ବାପି ବେଶ୍ରା,ହରିଶ୍ଚନ୍ଦ୍ର ବେଶ୍ରା,ସନାତନ କିସ୍କୁ,ମଧୁ ସୋରେନ୍ ,ବଳିଆ ମାରାଣ୍ଡି,ମଙ୍ଗଲ ମାରାଣ୍ଡି,କଟି ମାରାଣ୍ଡି,ବାର୍ଡୋ ହେମ୍ବ୍ରମ୍ ,ମୁଚିରାମ ସୋରେନ୍ ,ବୁଦ୍ଧିରାମ ବେଶ୍ରା, ଆନନ୍ଦ ସୋରେନ୍ ପ୍ରମୁଖ କ୍ଲବର ବହୁ ସଦସ୍ୟ ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ ।

# ଜିଲ୍ଲାସ୍ତରୀୟ ସଡ଼କ ସୁରକ୍ଷା ମାସର ଶୁଭାରମ୍ଭ




ଭଦ୍ରକ, ୨/୧ (ନି.ପ୍ର): ଜାନୁୟାରୀ ୧ ରୁ ୩୧ ପର୍ଯ୍ୟନ୍ତ ପାଳିତ ହେବାକୁ ଯାଉଥିବା ଜିଲ୍ଲାସ୍ତରୀୟ ସଡ଼କ ସୁରକ୍ଷା ମାସ ପାଳନ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି । ଭଦ୍ରକ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଆଞ୍ଚଳିକ ପରବହନ ବିଭାଗ ଜରିଆରେ ଜିଲ୍ଲା କାର୍ଯ୍ୟାଳୟ ପରିସରରେ ଜିଲ୍ଲାପାଳ ଦିଲୀପ ରାଉତରାଏଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ଭାବେ ଭଦ୍ରକ ବିଧାୟକ ସିତାଂଶୁ ଶେଖର ମହାପାତ୍ର, ସମ୍ମାନିତ ଅତିଥି ଭାବେ ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସ, ଅତିରିକ୍ତ ଏସ୍.ପି.ଅପୂର୍ବ ଅଭିଷେକ ବେହେରା, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ଼ା. ସୁଧାଂଶୁ ଶେଖର ବଳ, ସହକାରୀ ଜିଲ୍ଲାପାଳ କାର୍ତ୍ତିକନାଥ ମଣ୍ଡଳ, ଭଦ୍ରକ ବସ୍ ସିଣ୍ଡିକେଟ୍‌ର ସଭାପତି ଶ୍ରୀନିବାସ ପତି ପ୍ରମୁଖ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍‌ଘାଟନ କରିଥିଲେ । ସଡ଼କ ଦୁର୍ଘଟଣାରୁ ଧନଜୀବନର ସୁରକ୍ଷା ପାଇଁ ସଡ଼କ ସୁରକ୍ଷା ଜୀବନ ରକ୍ଷା ଆଧାରିତ ସମସ୍ତ ନିୟମ କାନୁନ ସମ୍ବନ୍ଧରେ ପ୍ରଥମେ ଜାଣିବା, ତାକୁ ଅନୁପାଳନ କରିବାରେ ୧୦୦ ଶତକଡ଼ା ସଚେତନତା ହେବା, ଏହା ବାଦ ସଡ଼କ ସୁରକ୍ଷା ନିୟମାବଳୀକୁ ମାନୁନଥିବା ଅମାନିଆମାନଙ୍କୁ ଧରପଗଡ଼ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ଆଦି ସମସ୍ତ ଦିଗକୁ କଡ଼ାକଡ଼ି ଭାବେ କାର୍ଯ୍ୟକାରୀ କରାଗଲେ ସଡ଼କ ଦୁର୍ଘଟଣାର ହାର ନିଶ୍ଚିତ ହ୍ରାସ ପାଇବ ବୋଲି ଜିଲ୍ଲାପାଳ ଓ ବିଧାୟକ ବୃନ୍ଦ ନିଜ ନିଜ ଅନୁଭୂତି ଆଧାରରେ ବକ୍ତବ୍ୟ ରଖିଥିଲେ । ଜିଲ୍ଲା ସଡ଼କ ସୁରକ୍ଷା କମିଟିର ସଦସ୍ୟ ଅତିଶ୍ କୁମାର ବେହେରା ମଞ୍ଚ ପରିଚାଳନା କରିଥିଲେ, ସଡ଼କ ସୁରକ୍ଷା ସଚେତନତା ଧର୍ମୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା, ସଡ଼କ ସୁରକ୍ଷା ନେଇ ଜନସାଧାରଣଙ୍କ ମଧ୍ୟରେ ସଚେତନତା ଉଦ୍ଦେଶ୍ୟରେ ଏଲ.ଇ.ଡ଼ି. ସଂଲଗ୍ନିତ ଏକ ସୁଦୃଶ୍ୟ ରଥର ପରିକ୍ରମା କାର୍ଯ୍ୟକ୍ରମକୁ ଅତିଥିମାନେ ପତାକା ପ୍ରଦର୍ଶନ କରି ଶୁଭାରମ୍ଭ କରିଥିଲେ । ଏହି ରଥ ସହିତ ଏକ ବିଶାଳ ପଦଯାତ୍ରା ଭଦ୍ରକ ସହର ପରିକ୍ରମା କରିଥିଲା । ଏଥିରେ ଏନ୍.ସି.ସି.ବିଦ୍ୟାର୍ଥୀ, ରିଜର୍ଭ ପୋଲିସ୍ ବାହିନୀ ସଡ଼କ ସୁରକ୍ଷା ନିୟମ ଆଧାରିତ ବିଭିନ୍ନ ପ୍ଲାକାର୍ଡ଼ ପ୍ରଦର୍ଶନ କରି ଅଂଶ ଗ୍ରହଣ କରିଥିଲେ । ଆର.ଆଇ.ପୋଲିସ୍ ରାକେଶ କୁମାର ସ୍ୱାଇଁ ଏହି ପଦଯାତ୍ରାର ନେତୃତ୍ୱ ନେଇଥିଲେ ।

# ବାପର ମାଛମାରିବା ହେଲା ଝିଅକୁ କାଳ: ବିକଳାଙ୍ଗ ଝିଅ ନଦୀରେ ବୁଡ଼ି ମୃତ

ନୀଳଗିରି , ୨/୧ (ନି.ପ୍ର): ବରହମପୁର ଥାନା ଅଧୀନ ଭଣ୍ଡଗାଁ ର ବିଜୟ କୁମାର ବାଗ ଆଜି ଟାଙ୍ଗଣା ନଦୀରେ ମାଛ ଧରିବାକୁ ଯାଇଥିଲେ । ବାପା ନଆସିବାରୁ ଦିନ ପ୍ରାୟ ୧ଟାରେ ବାପାଙ୍କୁ ଖୋଜିବାକୁ ନିଜର ୧୪ବର୍ଷର ବିକଳାଙ୍ଗ ଝିଅ କାବେରୀ ନଦୀକୁ ଯାଇଥିବା ବେଳେ ଅସାବଧାନତା ଯୋଗୁଁ ନଦୀପାଣିରେ ବୁଡ଼ି ଯାଉଥିବାର ଦେଖି କିଛି ଦୂରରେ ନଦୀରେ ଗାଧୋଉଥିବା ଲୋକ ଦଉଡ଼ି ଆସି ଝିଅକୁ ପାଣିରୁ ଉଦ୍ଧାରକରି ବରହମପୁର ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ ହେଁ ସେଠାରେ ଡାକ୍ତର ତାଙ୍କୁ ମୃତଘୋଷଣା କରିଥିଲେ। ଖବରପାଇ ବରହମପୁର ପୋଲିସ ଘଟଣା ସ୍ଥଳରେ ପହଁଚି ଶବକୁ ଜବଦ କରିବାସହ ଏକ ଅପମୃତ୍ୟ ମାମଲା ରୁଜୁକରି ଶବବ୍ୟବଚ୍ଛେଦ ପାଇଁ ନୀଳଗିରି ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଥିବା ସୂଚନା ମିଳିଛି।

# ଆମେରିକାନ ମେରିଟ କାଉନସିଲ୍ ପକ୍ଷରୁ ନୀରଦ ଦାଶଙ୍କୁ ଡକ୍ଟରେଟ୍




ବାସୁଦେବପୁର, ୨/୧ (ନି.ପ୍ର): ସ୍ୱାଧିନତା ସଂଗ୍ରାମର ପବିତ୍ର ମାଟି ବାସୁଦେବପୁର ବ୍ଲକର ରକ୍ତତୀର୍ଥ ଇରମ ଠାରେ ଜନ୍ମ ଗ୍ରହଣ କରିଥିବା ଯୁବ ଆଇନଜୀବୀ ଇଂଜିନିୟର ନୀରଦ ଦାଶଙ୍କୁ ଆମେରିକାନ ମେରିଟ୍ କାଉନସିଲ୍ ପକ୍ଷରୁ ସମ୍ମାନ ଜନକ ଡକ୍ଟରେଟ୍ ଉପାଧି ପ୍ରଦାନ କରାଯାଇଛି । ଏହି ଉପାଧି ଶ୍ରୀ ଦାଶଙ୍କୁ ଶ୍ରୀକ୍ଷେତ୍ର ପୁରୀ ଟାଉନ୍ ହଲ୍ ଠାରେ ପ୍ରଦାନ କରାଯାଇଥିଲା । ଡକ୍ଟର ନୀରଦ ଦାଶ ଇଞ୍ଜିନିୟରିଂ, ଜର୍ଣାଲିଜିମ୍ ଓ ଆଇନ୍ ବିଭାଗରେ ଓଡ଼ିଶାର ବିଭିନ୍ନ ବିଶ୍ୱ ବିଦ୍ୟାଳୟରୁ ମାଷ୍ଟର ଡିଗ୍ରୀ ଲାଭ କରିଛନ୍ତି । ଉକ୍ତ ଆଧାରରେ ଆମେରିକାନ ମେରିଟ୍ କାଉନସିଲ୍ ତାଙ୍କୁ ଡକ୍ଟରେଟ୍ ସମ୍ମାନରେ ଭୁଷିତ କରିଛନ୍ତି । ଆମେରିକାନ ମେରିଟ୍ କାଉନସିଲ୍ ମୁଖ୍ୟ ଓ ରେଜିଷ୍ଟ୍ରାର୍ ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେଇ ଡକ୍ଟରେଟ୍ ଉପାଧି ପ୍ରଦାନ କରିଥିଲେ । ଡକ୍ଟର ଦାଶ ଙ୍କ ପିତା ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ପଦ୍ମନାଭ ଦାଶ ଓ ମାତା ସୁ ଗୃହିଣୀ । ଡକ୍ଟର ଦାଶ ଙ୍କ ପରିବାରର ସମସ୍ତ ସଦସ୍ୟ ଆଧାତ୍ମିକ ଚିନ୍ତାଧାରା ତଥା ସାହିତ୍ୟ ଓ କଳା ସଂସ୍କୃତି ପ୍ରେମୀ ବ୍ୟକ୍ତି । ଯୁବ ଆଇନଜୀବୀ ଡକ୍ଟର ଦାଶ ଜଣେ ରାଷ୍ଟ୍ରୀୟ ଚିନ୍ତାଧାରା ଓ ଦେଶ ପ୍ରେମୀ ବ୍ୟକ୍ତିତ୍ୱ । ଏହି ଡକ୍ଟରେଟ୍ ଉପାଧି ଲାଭ ପରେ ବହୁ ଅନୁଷ୍ଠାନ ଡକ୍ଟର ଦାଶ ଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି ।

# ପୂର୍ବତନ ସୂଚନା ଓ ଲୋକସଂପର୍କ ଅଧିକାରୀ ଆଜାତଶତ୍ରୁ ଦାସଙ୍କ ୧୭ତମ ଶ୍ରାଦ୍ଧ ବାର୍ଷିକୀ ପାଳିତ




ବାଲେଶ୍ୱର, ୨/୧ (ନି.ପ୍ର): ସୁନହଟ ମାଟିରେ ଏକ ସମ୍ଭ୍ରାନ୍ତ ପରିବାରରେ ଜନ୍ମଗ୍ରହଣ କରି ନିଜର କାର୍ଯ୍ୟ ଦକ୍ଷତା ବଳରେ ବହୁମୁଖି ପ୍ରତିଭାର ଅଧିକାରୀ ହୋଇପାରିଥିବା ପୂର୍ବତନ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଆଜାତଶତ୍ରୁ ଦାସଙ୍କର ୧୭ତମ ଶ୍ରାଦ୍ଧ ବାର୍ଷିକୀ ସ୍ଥାନୀୟ କଚେରୀହତାସ୍ଥିତ ସାମ୍ବାଦିକ ପ୍ରକୋଷ୍ଠ ଠାରେ ପାଳିତ ହୋଇଯାଇଛି । ସୂଚନାଯୋଗ୍ୟ ପ୍ରତ୍ୟେକ ବର୍ଷ ଭଳି ଚଳିତ ବର୍ଷ ଆଜି ପୂର୍ବାହ୍ନ ୧୧ ଘଟିକା ସମୟରେ ସାମ୍ବାଦିକ, ଆଇନଜୀବୀ ସମାଜସେବୀ ମାନଙ୍କ ଉପସ୍ଥିତିରେ ଅଜାତଶତ୍ରୁ ସ୍ମୃତି କମିଟିର ସହଯୋଗରେ ଶ୍ରଦ୍ଧା ସୁମନ ଅର୍ପଣ ପୂର୍ବକ ସ୍ମୃତିଚାରଣ ସଭା କାର୍ଯକ୍ରମ ଆୟୋଜନ କରାଯାଇଥିଲା। ଆଜାତଶତ୍ରୁଙ୍କ ବ୍ୟକ୍ତିତ୍ୱ କିଛି ସାଧାରଣ ନଥିଲା। ପ୍ରଶାସନିକ କ୍ଷେତ୍ରରେ ସରକାରୀ କାର୍ଯ୍ୟକୁ ଦକ୍ଷତାର ସହ ସାମାଜିକ ସ୍ତରରେ ସବୁ ବର୍ଗର ବ୍ୟକ୍ତି ବିଶେଷଙ୍କ ସହ ତାଙ୍କର ସୁସମ୍ପର୍କ ଏବଂ ସେମାନଙ୍କ ପାଇଁ ସାହାଯ୍ୟର ହାତ ବଢ଼ାଇବା ତାଙ୍କୁ ମହାନ୍ କରିପାରିଛି ବୋଲି ବିଶିଷ୍ଟ ଅତିଥିମାନେ ଶ୍ରଦ୍ଧାଞ୍ଜଳି ଅର୍ପଣ ପୂର୍ବକ ମତବ୍ୟକ୍ତ କରିଥିଲେ। ଫାଉଣ୍ଡେସନ ଫର୍ ସୋସିଆଲ ଏକ୍ସନ ରିସର୍ଚ୍ଚ ଏଣ୍ଡ ଇଣ୍ଟିଗ୍ରେଟେଡ ଡେଭଲପମେଣ୍ଟ ପକ୍ଷରୁ ଅଜାତଶତ୍ରୁ ସ୍ମୃତି ସମ୍ମାନ ପ୍ରଦାନ କରାଯଇଥିଲା। ବାଲେଶ୍ୱର କୋ ଅପରେଟିଭ ବ୍ୟାଙ୍କ୍ ସଭାପତି ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଫାଉଣ୍ଡେସନ ଫର୍ ସୋସିଆଲ ଏକ୍ସନ ରିସର୍ଚ୍ଚ ଏଣ୍ଡ ଇଣ୍ଟିଗ୍ରେଟେଡ ଡେଭଲପମେଣ୍ଟ ଧନ୍ୟବାଦ ଅର୍ପଣ କରିଥିଲେ। ପୌରପାଳିକା ଅଧକ୍ଷା ସବିତା ସାହୁ, ବ୍ରିଟ ଅଧକ୍ଷ ଆଲୋକ କୁମାର ସାହୁ, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ସୁଶ୍ରୀ ଐଶ୍ୱର୍ଯ୍ୟା ସାମନ୍ତ, ବରିଷ୍ଠ ଆଇନଜୀବି ମନୋଜ ନାୟକ, ଦୀପକ ଦାସ, କୁଳମଣି ବାରିକ, ବିପ୍ଳବ ମହାନ୍ତି, ରଂଜନ ବାଗ, ସିବଦାସ କୁଣ୍ଡୁ, ହିମାଂଶୁ ଦାସ, ପ୍ରଶାନ୍ତ ପାଢ଼ୀ , ସର୍ବେଶ୍ୱର ଦାସ , ମଧୁସୂଦନ ବେହେରା, ପଦ୍ମଲୋଚନ ଲେଙ୍କା , ସୁରେନ୍ଦ୍ର ମୋହନ ଜେନା, ଉବାଚକ ମହାନ୍ତି, ବାସୁଦେବ ରାଉଳ, ମନୋଜ ବିଶ୍ୱାଳ , ଅଭୟ ଦାସ, ଅଜିତ ମହାନ୍ତି, ଶୁଭେନ୍ଦୁ ଦାସ- ସେଇଠୁ ଆରମ୍ଭ , ଭଗବାନ ଚନ୍ଦ୍ର ଦାସ, ବାଞ୍ଛାନିଧି ଦାସ, ଗୌତମ ଦାସ, ରଧାପ୍ରବିନ ଦାସଙ୍କ ସମେତ ପୁତ୍ର ଅଭିରାମ ଦାସ ଏବଂ ଅନ୍ୟାନ୍ୟ ଗଣମାଧମ ପ୍ରତିନିଧି ସାମ୍ବାଦିକ, ଆଇନଜୀବୀ ଓ ଅନ୍ୟାନ୍ୟ ବ୍ୟକ୍ତିଗଣ ଉପସ୍ଥିତ ରହି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ନିରଞ୍ଜନ ଦାସ ସଭାପରିଚାଳାନା କରିଥିବା ବେଳେ ବ୍ରହ୍ମାନନ୍ଦ ସ୍ୱାଇଁ ଦେବବ୍ରତ ପାଣିଗ୍ରାହୀ ସ୍ୱାଗତ ପୂର୍ବକ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଏହି ଅବସରରେ ପୁତ୍ର ଅଭିରାମ ଦାସ, ଭାଇ ମଧ ଉପସ୍ଥିତ ଥିଲେ। ଏଠାରେ ସୂଚନାଯୋଗ୍ୟ ଯେ ପ୍ରଥମେ ବିଶିଷ୍ଟ ରାଜନେତା ଓ କ୍ରୀଡ଼ା ସଂଘର ସଭାପତିଙ୍କ ମୃତ୍ୟୁରେ ଦୁଇମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ସେହିପରି ବର୍ଷୀୟାନ ସାମ୍ବାଦିକ କୁଳମଣୀ ବାରିକଙ୍କୁ ସମ୍ମାନିତ କରାଯାଇଥିଲା।

# ହାତୀ ଆକ୍ରମଣରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ

ବଡ଼ସାହି , ୨/୧ (ନି.ପ୍ର): ମୟୁରଭଞ୍ଜ ଜିଲ୍ଲାରେ ପୁଣି ହାତୀ ଆକ୍ରମଣରେ ଜଣଙ୍କର ମୃତ୍ୟୁ ଘଟିଛି। ଆଜି ଅପରାହ୍ନରେ ଦନ୍ତାହାତୀ ଜନବସତି ଆଡକୁ ଆସି ବଡ଼ସାହି ନିକଟ ଧାନପୋତା ଗ୍ରାମର ଜଣେ ବ୍ୟକ୍ତିଙ୍କୁ ଦଳି ଦେଇଥିଲା । ଗ୍ରାମବାସୀ ଉଦ୍ଧାର କରିଥିଲେ ହେଁ ତାଙ୍କର ମୃତ୍ୟ ଘଟିଛି । ମୃତକ ଜଣଙ୍କ ହେଲେ ଧାନପୋତା ଗ୍ରାମର ଦିଲ୍ଲିପ ସିଂ(୩୫) । ତାଙ୍କର ୩ସନ୍ତାନ ଓ ପତ୍ନୀ ଅଛନ୍ତି । ମୃତକଙ୍କ ନିକଟରେ ପୂର୍ବତନ ବିଧାୟକ ଗଣେଶ୍ୱର ପାତ୍ର ପହଞ୍ଚି ଶୋକବ୍ୟକ୍ତ କରିବା ସହିତ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜ୍ଞାପନ କରିଛନ୍ତି । ମୃତକ ପରିବାରକୁ ତୁରନ୍ତ ସରକାରୀ ସହୟତା ପ୍ରଦାନ ସମ୍ପର୍କରେ ସେ ବାରିପଦା ବନଖଣ୍ଡ ଅଧିକାରୀ ଓ ବଡସାହି ତହସିଲଦାରଙ୍କ ସହିତ ଆଲୋଚନା କରିଛନ୍ତି ।

# ଜାନୁଆରୀ ୧୨ରେ ମୁକ୍ତିଲାଭ କରିବ ରଙ୍ଗଶୁର: ସାମ୍ବାଦିକ ସମ୍ମିଳନୀରେ ହେଲା ଘୋଷଣା



ଭୁବନେଶ୍ୱର, ୨/୧(ନି.ପ୍ର) : ପ୍ରକାଶ ଫିଲ୍ମସ୍ ଏବଂ ମୁନ୍ ଟିଭି ମୁଭିଜର ମିଳିତ ପ୍ରଯୋଜନାରେ ନିର୍ମିତ ହୋଇଥିବା ନୂଆ ଓଡ଼ିଆ ଫିଲ୍ମ "ରଙ୍ଗଶୁର' ନୂଆ ବର୍ଷ ଉପଲକ୍ଷେ ଆସନ୍ତା ଜାନୁଆରୀ ୧୨ ତାରିଖରେ ମୁକ୍ତିଲାଭ କରିବ। ସେଥିପାଇଁ ପ୍ରଯୋଜନା ସଂସ୍ଥା ତରଫରୁ ଏକ ଘରୋଇ ହୋଟେଲରେ ସାମ୍ବାଦିକ ସମ୍ମିଳନୀରେ ହେଲା ଘୋଷଣା । ସାମ୍ବାଦିକ ସମ୍ମିଳନୀରେ ପ୍ରଯୋଜକ ସଚ୍ଚିକାନ୍ତ ଜେନା, ପ୍ରଶାନ୍ତ ବେହେରା, ବିନି ପଟ୍ଟନାୟକ, ନିର୍ଦ୍ଦେଶକ ପ୍ରତାପ ରାଉତ, କ୍ରିଏଟିଭ ହେଡ୍ ପ୍ରଣୟ ଜେଠୀ, ଅଭିନେତା ସମରେଶ ରାଉତରାୟ, ଶୁଭାଶିଷ ଶର୍ମା (ମଣ୍ଟୁ), ଅଭିନେତ୍ରୀ ସୂର୍ଯ୍ୟମୟୀ ମହାପାତ୍ର, ଶୁଭଶ୍ରୀ ନାୟକ ଏବଂ ସଂବିତ୍ ଜେନା ପ୍ରମୁଖ ଉପସ୍ଥିତ ଥିଲେ । ପ୍ରଯୋଜନା ସଂସ୍ଥା ତରଫରୁ ରଙ୍ଗଶୁର ରାଜ୍ୟର ଏକ ପାରମ୍ପରିକ ଲୋକ ନୃତ୍ୟ ଉପରେ ଆଧାରିତ ଓ ନାରୀ ସଶକ୍ତିକରଣ ଉପରେ ଆଧାରିତ ଭିନ୍ନ ଧରଣର ଫିଲ୍ମ ବଡ଼ ପରଦାରେ ଓଡ଼ିଆ ସିନେ ଦର୍ଶକଙ୍କୁ ଦେଖିବାକୁ ଅନୁରୋଧ କରିଥିଲେ । ମୁନ୍ ଟିଭି ଓ ପ୍ରକାଶ ଫିଲ୍ମ ପ୍ରଯୋଜିତ ଏବଂ ମ୍ୟାକ୍ସିମିଆ ଫିଲ୍ମ ସହ ପ୍ରଯୋଜନା ର ଭାର ସମ୍ଭାଳିଛନ୍ତି । ପ୍ରଯୋଜକ ସଚ୍ଚିକାନ୍ତ ଜେନା ,ପ୍ରଶାନ୍ତ ବେହେରା ଏହାର ପ୍ରଯୋଜନା କରିଥିବାବେଳେ ସହ ପ୍ରଯୋଜନା କରିଛନ୍ତି ସୁନୀଲ ଯାଦବ ଏବଂ ପ୍ରତାପ ରାଉତ। କାହାଣୀ, ଚିତ୍ରତ୍ତୋଳନ ଏବଂ ନିର୍ଦ୍ଦେଶନାରେ ଅଛନ୍ତି ବହୁ ଅଭିଜ୍ଞ ଟେକ୍ନିସିଆନ ପ୍ରତାପ ରାଉତ। ରଙ୍ଗଶୁର ଓଡ଼ିଆ ପରମ୍ପରାର ଏକ ପ୍ରାଚୀନ ଲୋକକଳା ନୃତ୍ୟ ବାଘ ନାଚ ଉପରେ କାହାଣୀ ଆଧାରିତ। ବିଲୁପ୍ତ ପ୍ରାୟ ବାଘ ନାଚ ଉପରେ ଆଧାରିତ ଏ କଥାଚିତ୍ରର କାହାଣୀ ରଙ୍ଗଶୁର। ରଙ୍ଗ ମାନେ କଲର, ଶୁର ମାନେ ବୀର, ଯୋଦ୍ଧା ବାଘ । ଏହା ଆମ ରାଜ୍ୟରେ ମୁଖ୍ୟତଃ ଗଞ୍ଜାମ ଜିଲ୍ଲା ଏବଂ ପଶ୍ଚିମ ଓଡ଼ିଶାର କିଛି ଅଞ୍ଚଳରେ ଏହି ବାଘ ନୃତ୍ୟ ପରିବେଷଣ ହୋଇଥାଏ । ବେଙ୍ଗଲ, କର୍ଣ୍ଣାଟକ, କେରଳ, ଆନ୍ଧ୍ର, ତାମିଲନାଡୁ, ମହାରାଷ୍ଟ୍ର ରାଜ୍ୟ ମାନଙ୍କରେ ମଧ ଏହି ନୃତ୍ୟ ପରିବେଷଣ ହୋଇଥାଏ । ଜାପାନ, ଇଣ୍ଡୋନେସିଆ, ଚୀନ ମଧ ହୋଇଥାଏ । ଏହି ନାଚ କେବେ ଉତ୍ପତି ହୋଇଥିଲା ସେ କଥା ହୁଏତ ସଠିକ ଭାବରେ ବିଶେଷଜ୍ଞମାନେ ମତ ଦେଇପାରୁ ନାହାଁନ୍ତି ତଥାପି ରାଜାରାଜୁଡା ସମୟରେ ରାଜା ମାନେ ଯେତେବେଳେ ଯୁଦ୍ଧକୁ ଯାଉଥିଲେ ସେହି ସମୟରେ ମନରେ ଉତ୍ସାହ ଆଣିବା ପାଇଁ, ମନରେ ସାହସ ଦେବା ପାଇଁ ବାଘ ନୃତ୍ୟ ଦେଖିବାକୁ ମିଳେ ବୋଲି ଅନୁମାନ କରାଯାଏ । ଏହି ବାଘ ନୃତ୍ୟ ବୀରତ୍ୱର ନୃତ୍ୟ । ଏହା ଏକ ଲୋକକଳା, ଆମ ମାଟିର ନୃତ୍ୟ ଯାହା ଖୁବ ପ୍ରସିଦ୍ଧ ନୃତ୍ୟ ଭାବେ ପରିଚିତ ଥିଲା । ଏହି ନୃତ୍ୟରେ କେବଳ ଅନ୍ତବସ୍ତ୍ର ପରିଧାନ କରି ଦେହରେ ରଙ୍ଗ ବୋଲି ଏହି ନୃତ୍ୟ ପରିବେଷଣ କରିଥାନ୍ତି । ଜଣେ ଝିଅ ଦେହରେ ରଙ୍ଗ ଲଗାଇ ନୃତ୍ୟ କରୁଛି ଏବଂ ଜଙ୍ଗଲକୁ କେମିତି ସୁରକ୍ଷା ଦେଉଛି ତାହା ହିଁ ଚଳଚ୍ଚିତ୍ରର ମୁଖ୍ୟ କାହାଣୀ । ବାଘ ବଞ୍ଚିଲେ ବଞ୍ଚିବ ଜଙ୍ଗଲ, ଜଙ୍ଗଲ ବଞ୍ଚିଲେ ବଞ୍ଚିବୁ ଆମେ ବାର୍ତ୍ତା ନେଇ ଏହି ବାଘ ନୃତ୍ୟ ଉପରେ ଆଧାରିତ କାହାଣୀକୁ ନେଇ ନିର୍ମାଣ ହୋଇଛି ଓଡ଼ିଆ ଚଳଚ୍ଚିତ୍ର ରଙ୍ଗଶୁର । ଅଭିନୟରେ ଅଭିଜ୍ଞ ଚୌଧୁରୀ ବିକାଶ ଦାସ, ଚୌଧୁରୀ ଜୟପ୍ରକାଶ ଦାସ, ସମରେଶ ରାଉତରାୟ, ଜ୍ୟୋତି, ଶୁଭାଶିଷ, ଦୀପନ୍ୱିତ, ସୂର୍ଯ୍ୟମୟୀ ଏବଂ ଶୁଭଶ୍ରୀ ପ୍ରମୁଖ ଅଛନ୍ତି। ଏହି ଚଳଚ୍ଚିତ୍ରର କ୍ରିଏଟିଭ ହେଡ୍ ଅଛନ୍ତି ପ୍ରଣୟ ଜେଠୀ। ସ୍କ୍ରିପ୍ଟ ହିମାଂଶୁ ଏବଂ ଶତ୍ରୁ ଲେଖିଥିବା ବେଳେ ସଂଳାପ ରଚନା କରିଛନ୍ତି ଡଃ ରଜନୀ ରଞ୍ଜନ। ସଙ୍ଗୀତ ନିର୍ଦ୍ଦେଶନା ଗୌରବ ଆନନ୍ଦ ଏବଂ ବାନି। ପ୍ରଚାର ଓ ପ୍ରସାରରେ ଅଛନ୍ତି ଓଲିଉଡ୍ କ୍ରିଏଟିଭ ହେଡ୍ ପ୍ରଣୟ ଜେଠୀ ଓ ସଂବିତ ଜେନା ଅଛନ୍ତି ।

# ଖାଦ୍ୟ ସୁରକ୍ଷାରୁ ବଂଚିତ ପାର୍ବତୀ, ରାଣୀ ଓ ଭିନ୍ନକ୍ଷମ ବିଷ୍ଣୁ



ଉଦଳା , ୨/୧ (ନି.ପ୍ର):ଖାଦ୍ୟ ସୁରକ୍ଷା ଯୋଜନାରେ ସରକାର ପ୍ରତି ଗରିବ ପରିବାରକୁ ମୁଣ୍ଡ ପିଛା ୫ କିଗ୍ରା ଚାଉଳ ଯୋଗାଇ ଦେଉଛନ୍ତି । ଅଥଚ ବର୍ତମାନ ସୁଦ୍ଧା ବହୁ ଗରିବ ପରିବାର ଓ ବ୍ୟକ୍ତି ବିଶେଷ ଚାଉଳ ପାଇବାରୁ ବଂଚିତ ଅଛନ୍ତି । ଏପରି ଖବର ନିୟମିତ ଆମର ହସ୍ତଗତ ହେବାରେ ଲାଗିଛି । ଏହିପରି କପ୍ତିପଦା ବ୍ଲକର ଜାମବଣି ପଂଚାୟତ ଅନ୍ତର୍ଗତ ଖୁଂଟାବିଲ ଗ୍ରାମର ବାସିନ୍ଦା ସୋମନାଥ ସୋରେନ ଓ ତାଙ୍କର ସହଧର୍ମିଣି ପାର୍ବତି ସୋରେନ ଉଭୟେ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ ହୋଇପାରି ନଥିବାର ଅଭିଯୋଗ କରିଛନ୍ତି । ଦିନମଜୁରିଆ ଭାବରେ କାମ କରି ନିଜର ଦୈନନ୍ଦିନର ଗୁଜୁରାଣ ମେଂଟାଉଥିବା ଏହି ପରିବାରର ସମସ୍ତଙ୍କର ଆଧାର କାର୍ଡ଼ ଓ ଭୋଟ ପରିଚୟପତ୍ର ସବୁକିଛି ଠିକ୍ ଠାକ୍ ରହିଛି । ଅଥଚ ତାଙ୍କୁ କାହିଁକି ଚାଉଳ ମିଳୁ ନାହିଁ ତାହା ତାଙ୍କୁ ଜଣାନଥିବାର କଥା ଜଣାଇଛନ୍ତି । ସେହିପରି ପୁଣି ଉକ୍ତ ଖୁଂଟାବିଲ ଗ୍ରାମର ବାସିନ୍ଦା ବୁଧରାୟ ହାଁସଦାଙ୍କ ସହଧର୍ମିଣୀ ରାଣୀ ମୁର୍ମୁ ଚାଉଳ ପାଇବାରୁ ବଂଚିତ ଥିବାର ଜଣାଇଛନ୍ତି । ରାଣୀଙ୍କର କହିବାଅନୁସାରେ ପରିବାରକୁ ମିଳିଥିବା ରାସନ କାର୍ଡ଼ରେ ତାଙ୍କର ନାମ ଯୋଡ଼ାଯାଇପାରୁ ନାହିଁ । ଆଧାର କାର୍ଡ଼ ଠିକ୍ ଥିବା ବେଳେ ତାଙ୍କର ନାମ କାହିଁକି ଯୋଡ଼ାଯାଇପାରୁ ନାହିଁ ତାହା ସାଧାରଣରେ ପ୍ରଶ୍ନବାଚି ସୃଷ୍ଟି କରିଛି । ସେହିପରି ମାଙ୍କଡ଼ପଡ଼ା ପଂଚାୟତ ଅନ୍ତର୍ଗତ ଖୁଦପୁଟଳି ଗ୍ରାମର ବାସିନ୍ଦା ସ୍ୱର୍ଗତଃ ବରଜୁ ମହାକୁଡ଼ଙ୍କ ଭିନ୍ନକ୍ଷମ ପୁତ୍ର 'ବିଷ୍ଣୁ' ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ ହୋଇପାରି ନଥିବାର ଜଣାଯାଇଛି । ବିଷ୍ଣୁଙ୍କୁ ବର୍ତମାନ ବୟସ ୪୫ ବର୍ଷ ଛୁଇଁଥିବା ବେଳେ ପିଲାଟି ଦିନରୁ ତାଙ୍କର ଦୁଇଟିଯାକ ପାଦ ଅଚଳ ହୋଇ ଯାଇଛି । ଡ଼ାକ୍ତର ତାଙ୍କୁ ୭୦ ପ୍ରତିଶତ ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରଦାନ କରିଛନ୍ତି । ସାମାଜିକ ସୁରକ୍ଷା ଯୋଜନାରେ ସେ ଭତା ପାଉଥିବା ବେଳେ ଖାଦ୍ୟ ଯୋଜନାରେ ଚାଉଳ ପାଇବାରୁ ବଂଚିତ ଥିବାର କହିଛନ୍ତି । ସେହିପରି ଏଣେତେଣେ ଚାଲବୁଲ ପାଇଁ ସେ ଏକ ବ୍ୟାଟେରି ଚାଳିତ ରିକ୍ସା ଖୋଜୁଛନ୍ତି । ଏଥିପାଇଁ ପଂଚାୟତ କାର୍ଯ୍ୟାଳୟରେ ବାରମ୍ବାର ଗୁହାରି ଜଣାଇଲେ ମଧ କେହି କର୍ଣ୍ଣପାତ କରୁନଥିବାର ସେ ଅଭିଯୋଗ କରିଛନ୍ତି । ବିଭାଗୀୟ କତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ଜିଲ୍ଲାରେ କାର୍ଯ୍ୟରତ ଏକ ଲୋକ ସଂଗଠନର ସଦସ୍ୟ ମାନେ ଦାବି ଜଣାଇଛନ୍ତି ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida